

# ଓଡ଼ିଶାର
# ଆଦିବାସୀ ଚିତ୍ରକଳା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର



# ଓଡ଼ିଶାର
# ଆଦିବାସୀ ଚିତ୍ରକଳା

**କଳାମଣି ରବୀନ୍ଦ୍ରନାଥ ସାହୁ**

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଭୁବନେଶ୍ୱର

ଓଡ଼ିଶାର
**ଆଦିବାସୀ ଚିତ୍ରକଳା**
ଲେଖକ :
କଳାମଣି ରବୀନ୍ଦ୍ରନାଥ ସାହୁ
ପ୍ରଥମ ସଂସ୍କରଣ : ୧୯୯୧
ପରିବର୍ଦ୍ଧିତ ୨ୟ ସଂସ୍କରଣ : ୨୦୧୨
ଅଳଂକରଣ : ଶ୍ରୀ ଦୁର୍ଗାଚରଣ ପଣ୍ଡା
ଶ୍ରୀ ନିଶାକର ସାହୁ,
© ପ୍ରକାଶକ : ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

**ODISHARA ADIVASI CHITRAKALA**
(TRIBAL ART OF ODISHA)
Author : Kalamani Rabindranath Sahu

© Published by : Member Secretary
Academy of Tribal Languages and Culture
ST & SC Development Department
Govt. of Odisha
1st Edition: 1991
2nd Enlarged Edition : 2012

Design : Sri Durga Charan Panda
Sri Nisakar Sahoo



# ମୁଖବନ୍ଧ

କଳା ପ୍ରବଣତା ମଣିଷର ସହଜାତ ପ୍ରବୃତି । କଳା ମାଧ୍ୟମରେ ତା'ର ଅନ୍ତରର ଅଭିବ୍ୟକ୍ତିକୁ ଦୈନନ୍ଦିନ କାର୍ଯ୍ୟ ଓ ଜୀବନଚର୍ଯ୍ୟା ମାଧ୍ୟମରେ ସେ ପ୍ରକାଶ କରିଥାଏ । ଆଦିମ ମଣିଷ ପ୍ରାଥମିକ ପର୍ଯ୍ୟାୟରେ ଅଙ୍ଗଭଙ୍ଗୀ ଓ ଚିତ୍ର ମାଧ୍ୟମରେ ତା'ର ମନୋଭାବ ବ୍ୟକ୍ତକରି ସୃଷ୍ଟିର ସର୍ବପ୍ରଥମ କଳାର ନିଦର୍ଶନ ଦେଇଆସିଛି । ଆଦିମ ମଣିଷ ଘନବଣ ଜଙ୍ଗଲରେ ଯାଯାବର ଜୀବନଯାପନ କରୁଥିବାବେଳେ ତା'ର ମୁଖ୍ୟ ଜୀବିକା ଥିଲା ବନ୍ୟ ପଶୁପକ୍ଷୀ ଶିକାର । ତା'ର ସେଇ ଶିକାର ବେଳର ରୋମାଞ୍ଚକର ଘଟଣାବଳୀକୁ ସେ ପରବର୍ତ୍ତୀ ସମୟରେ ପାହାଡ଼ ଗୁମ୍ଫାରେ ଲିପିବଦ୍ଧ କରୁଥିଲା । ସେ ମଧ୍ୟ ବିଭିନ୍ନ ଚିତ୍ର ମାଧ୍ୟମରେ ତା'ର ସହଯାତ୍ରୀମାନଙ୍କୁ ନିଜ ମନୋଭାବ ଜଣାଉଥିଲା । ସୁତରାଂ ଆଦିମ ମଣିଷର ସର୍ବପ୍ରଥମ ଅଭିବ୍ୟକ୍ତ ହେଉଛି ଚିତ୍ରକଳା ।

ଶିକାର ସଭ୍ୟତାର ପରବର୍ତ୍ତୀ କାଳରେ ମଣିଷ ଯେତେବେଳେ କୃଷି ସଭ୍ୟତାକୁ ଗ୍ରହଣ କରି ସ୍ଥାୟୀ ଭାବେ ବସବାସ କରିବା ଆରମ୍ଭ କଲା, ସେତେବେଳେ ସେ ନିଜ କୁଡ଼ିଆକାନ୍ଥରେ ବିଭିନ୍ନ ଚିତ୍ରମାନ ଅଙ୍କନକରି ଅତୀତର ସ୍ମୃତିକୁ ସାଇତି ରଖିଥିଲଣ । ଏଣୁ ଆଜି ଆଦିମ ଜନଜାତିଙ୍କ ଚିତ୍ରକଳାରେ ପ୍ରାଗୈତିହାସିକ ମାନବର ବଳିଷ୍ଠ ଚିନ୍ତାଧାରା ତା'ର କୁଡ଼ିଆକାନ୍ଥ ଓ ଦୈନନ୍ଦିନ ବ୍ୟବହାର୍ଯ୍ୟ ଉପକରଣମାନଙ୍କରେ ସଂଜୀବିତ ହୋଇ ରହିଛି ।

ଏମାନଙ୍କର ଦୈନନ୍ଦିତ ଜୀବନ ସହ କଳା ଓ ସୌନ୍ଦର୍ଯ୍ୟବୋଧ ସମନ୍ୱିତ ହୋଇଥାଏ । ଏମାନେ ସବୁଜ ଅରଣ୍ୟାନୀ, କଳକଳ ନାଦିନୀ ଝରଣା, ଢ଼େଉଢ଼େଉକା ପାହାଡ଼ମାଳା ପରିବେଷ୍ଟିତ ନୈସର୍ଗିକ ପ୍ରାକୃତିକ ସୁଷମଭରା ଅଞ୍ଚଳରେ ବସବାସ କରୁଥିବାରୁ ଏମାନଙ୍କ ଚିତ୍ରକଳା ଓ ଅନ୍ୟାନ୍ୟ କଳାସଂପଦରେ ନିଜ ପ୍ରାକୃତିକ ପରିବେଶର ଚିତ୍ରଣ ଯଥାର୍ଥ ଭାବେ ଅଙ୍କିତ ହୋଇଥାଏ ।

ଆଦିବାସୀଙ୍କ ନିତ୍ୟବ୍ୟବହାର୍ଯ୍ୟ ଗୃହୋପକରଣରେ ଅଙ୍କିତ ଚିତ୍ର, ଭିତ୍ତିଚିତ୍ର, ଚିତାକୁଟା ଓ ପୂଜାପାଠାରେ ଅଙ୍କିତ ବିଭିନ୍ନ ଚିତ୍ରାବଳୀରେ ଆଦିମ ମଣିଷର ପାରଂପରିକ ଚିନ୍ତାଚେନତାର ଆଲେଖ୍ୟ ଅଙ୍କିତ । ଚିତ୍ରକଳା ଆଦିବାସୀଙ୍କ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଲେ ଅତୁକ୍ତି ହେବ ନାହିଁ । ଏଥିରେ ଏମାନଙ୍କ ସୌନ୍ଦର୍ଯ୍ୟ ଚେତନା, କଳ୍ପନା ବିଳାସ, କଳାପ୍ରବଣତା ଯେତିକି ରହିଛି, ତତୋଧିକ ରହିଛି ଧର୍ମୀୟ ବିଶ୍ୱାସ ଓ ସାମାଜିକ ଚଳଣୀର ନିଛକ ରୁଚି । ଏମାନଙ୍କ ଚିତ୍ରକଳାର ଅଙ୍କନ ଶୈଳୀ ସରଳ ଓ ସହଜ, ଅଥଚ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଗୁଢ଼ ରହସ୍ୟପୂର୍ଣ୍ଣ । ଏଥିରେ ଏମାନଙ୍କର ସୌନ୍ଦର୍ଯ୍ୟବୋଧ, କଳାପ୍ରବଣତା ସହ ସାମାଜିକ ଓ ଧର୍ମୀୟଜୀବନର ସ୍ୱର ଓ ସ୍ୱାକ୍ଷର ବିଦ୍ୟମାନ । ଭାରତୀୟ ଚିତ୍ରକଳାଜଗତକୁ ସମୃଦ୍ଧ ଓ ପରିପୁଷ୍ଟ କରିଥିବା ଆଦିବାସୀ ଚିତ୍ରକଳାର ଚିରନ୍ତନ ଧାରାଟି କ୍ରମଶଃ କ୍ଷୀଣରୁ କ୍ଷୀଣତର ହେବାରେ ଲାଗିଛି । ସଂପ୍ରତି ଆଧୁନିକ କଳାକୃତି ଇତିହାସ ଅଧ୍ୟୟନ ନିମନ୍ତେ ଆଦିବାସୀ ଅଞ୍ଚଳର ଅନ୍ଧାର କୁଡିଆଘର ଓ ଗିରିଗୁହାର ଆଦିମ ଚିତ୍ରକଳା ସମୂହକୁ ଖୋଜିବାରେ ସମୟ ଉପଗତ ।

**"ଓଡ଼ିଶାର ଆଦିବାସୀ ଚିତ୍ରକଳା"** ପୁସ୍ତିକା ଏହି ତଥ୍ୟକୁ ନେଇ ପରିପୁଷ୍ଟ । ଜିଜ୍ଞାସୁ ଗବେଷକ, ପାଠକ ମାନଙ୍କର ସାମାଦୃତି ଲାଭ କଲେ ପୁସ୍ତିକା ପ୍ରକାଶନ ସାର୍ଥକ ହେବ ବୋଲି ଆଶା ଓ ବିଶ୍ୱାସ । ଏତଦ୍ ଭିନ୍ନ, ଏହାର ଅଧିକ ପରିପୁଷ୍ଟ ନିମନ୍ତେ ଉପାଦେୟ ମତାମତ ସାଦର ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

# ଭୂମିକା

"ଚନ୍ଦ୍ରଗିରି ପାଖର ସଉରା ଗାଁଟିଏ ଜଗନ୍ନାଥପୁର । ସେଠି ରହେ ରୂପ ଶବର । ସେ ଜଣେ ରୂପକାର ଅର୍ଥାତ୍ ଚିତ୍ରଶିଳ୍ପୀ । ସଉରାମାନଙ୍କ ପ୍ରଥାଗତ କାନ୍ଥ-ଚିତ୍ର (ଇଡ଼ିତାଲ) ଆଙ୍କିବାରେ ସେ ସିଦ୍ଧହସ୍ତ । ଦିଲ୍ଲୀ, ବମ୍ବେ ଯାଏ ସେ ତା'ର କଳା କୁଶଳତା ଦେଖାଇଛି । ସଉରା ଧର୍ମାଚାରରେ ଚିତ୍ର ଅଙ୍କା ଏକ ବିଧି । ରୂପ ଶବର ସେଇ ଚଳଣିର ଜଣେ ପ୍ରତିଷ୍ଠିତ ଚିତ୍ରକାର ।

ସଞ୍ଜ ସଞ୍ଜୁଆ ବେଳ । ଗାଆଁରେ ପହଞ୍ଚି ଦେଖିଲି, ରୂପ ନାହିଁ । ଲୋକେ କହିଲେ ଯେ, ସେ ଏବେ ସବୁବେଳେ ତା ବାଡ଼ରେ ପଡ଼ି ରହୁଛି । ରାତି ଘଡ଼ିଏ ହେବ । ତୃତୀୟ ଜହ୍ନର ମ୍ଳାନ ଆଲୁଅରେ ତା ବଗିଚାରେ ପହଞ୍ଚିଲୁ । ଦିଶିଲା ଛୋଟ କୁଡ଼ିଆଟିଏ । ତା ପାଖରେ ଚୁଲି ଜଳୁଛି । ସ୍ତ୍ରୀ ଲୋକଟିଏ ରାନ୍ଧୁଛି । ଛୋଟ ଝିଅ ଦୁଇଟି ଓ ପୁଅଟିଏ ଘେରିଛନ୍ତି । ଯୋଡ଼େ କୁକୁର ଭୁକି ଉଠିଲେ । ଆମେ ଡାକ ଛାଡ଼ିଲୁ । ରୂପ କୋଉଠୁ ଦୂରରୁ ଜବାବ  ଦେଲା । ସ୍ତ୍ରୀ ଓ ପିଲାଙ୍କ ସହ କଥାଭାଷା ହେଉଁ ହେଉଁ ରୂପ ପହଞ୍ଚିଗଲା । ରୂପକାର ଭଳି ଚେହେରା ଓ ମିଜାଜ । କିନ୍ତୁ ତା ଅନ୍ତରର ଶିଳ୍ପ-ପୁରୁଷର ସଂଧାନ କରିବାକୁ ଯାଇ ଦେଖିଲି ଯେ ଆଉ ତାର ଚିତ୍ର ଆଙ୍କିବା ପାଇଁ ମୋହ ନାହିଁ । ବଗିଚାଟି ଏବେ ତାର ସବୁ ସ୍ୱପ୍ନ ଓ ସାଧନାର କ୍ଷେତ୍ର । ଅନେକ ରକମର ଫସଲ କରିବାକୁ ତାର ଇଚ୍ଛା । ଦିନରାତି ସକୁଟୁମ୍ବ ସେଠି ପଡ଼ି ରହୁଛି । ତା'ର ସଂସାର ଚଳାଇବା ପାଇଁ ତାହାହିଁ ଏବେ ଏକମାତ୍ର ଅବଲମ୍ବନ । ଚିତ୍ରକଳା ସମ୍ବନ୍ଧରେ ତାର ମତ ଦେଲା – "ବେମାର ହେଲେ ତ ଲୋକେ ଡାକ୍ତରୀ ଔଷଧ ଖାଉଛନ୍ତି, ଦେବତାଙ୍କ ପୂଜାପାଇଁ ଚିତ୍ର ଆଙ୍କିବା ଆଉ ଲୋଡ଼ା ହେଉନାହିଁ । ତେଣୁ ସେଥିରୁ ଆୟର ସମ୍ଭାବନା କିଞ୍ଚିତ୍ ।"

ବିଶ୍ୱ ବିଖ୍ୟାତ ସଉରା ଚିତ୍ରକଳାର ଜଣେ ସିଦ୍ଧହସ୍ତ ଶିଳ୍ପୀର ଏହି ମନ୍ତବ୍ୟ ଶୁଣି ହତାଶ ହେଲି । ଇଡ଼ିତାଲର ସଂରକ୍ଷଣ ଓ ସମୃଦ୍ଧ ପାଇଁ, ଶିଳ୍ପୀ ରୂପ ଶବରଙ୍କ ପରିପୋଷଣ ପାଇଁ କ'ଣ ଉପାୟ ନାହିଁ ?

ସଉରା ଚିତ୍ରକଳାର ଯେଉଁ ସ୍ଥିତି, ତାହା ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟର କଳାକର୍ମରେ ମଧ୍ୟ ପରିଲକ୍ଷିତ ହୁଏ । ସେମାନଙ୍କ କଳା – ପରମ୍ପରା ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରିବା ସଂଗେ ସଂଗେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ନିମନ୍ତେ ଏହି ପୁସ୍ତକଟିର ପରିକଳ୍ପନା । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଆଦିବାସୀ ସଂସ୍କୃତିର ବିବିଧ ବିଭବର ସଂରକ୍ଷଣ ଓ ସମୁନ୍ନତି ପାଇଁ ସଚେଷ୍ଟ । ଚିତ୍ରକଳା ଆଦିବାସୀ ସଂସ୍କୃତିର ଅନ୍ୟତମ ମହନୀୟ ବିଭବ । ସେମାନେ ତାଙ୍କର ପ୍ରାତ୍ୟହିକ ଜୀବନରେ ବ୍ୟବହାର୍ଯ୍ୟ ଉପକରଣ, ଗୃହନିର୍ମାଣ, ଧର୍ମପାଳନ ଇତ୍ୟାଦି ସମସ୍ତ ପ୍ରକାର ଜୀବନ-ଚର୍ଯ୍ୟା ସହିତ କଳା ଓ ସୌନ୍ଦର୍ଯ୍ୟବୋଧ ସମନ୍ୱିତ କରିଥାନ୍ତି । ଆଜିର ପରିବର୍ତ୍ତିତ ସାମାଜିକ - ଅର୍ଥନୈତିକ ପରିସ୍ଥିତିରେ ଆଦିବାସୀ ସମାଜର ଅବକ୍ଷୟମାନ ସାଂସ୍କୃତିକ ପରଂପରା ଆଗାମୀ ଯୁଗର ଦାୟାଦମାନଙ୍କ ପାଇଁ ସଂରକ୍ଷଣ କରିବା ଏହି ପୁସ୍ତକ ରଚନାର ମୂଳ ଅଭିଲକ୍ଷ୍ୟ ।

ଶ୍ରୀ ରବୀନ୍ଦ୍ରନାଥ ସାହୁ ଜଣେ ସୁଖ୍ୟାତ ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ । ଏକାଡ଼େମୀ ପକ୍ଷରୁ ଗୃହୀତ ଆଦିବାସୀ ଚିତ୍ରକଳା ସର୍ବେକ୍ଷଣ ଓ ଅଧ୍ୟୟନ ପ୍ରକଳ୍ପ ସେ ସମାହିତ କରିଛନ୍ତି । ଆମର ବିଶ୍ୱାସ, ଏହି ପୁସ୍ତକ ଦେଶବାସୀଙ୍କୁ ଆଦିବାସୀ ସଂସ୍କୃତିର ସମ୍ୟକ ସୂଚନା ପ୍ରଦାନ  କରିବ ।

**ଖଗେଶ୍ୱର ମହାପାତ୍ର**

ଭୂତପୂର୍ବ ନିର୍ଦ୍ଦେଶକ,

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର

# ନିଜକଥା

"ଓଡ଼ିଶାର ଆଦିବାସୀ ଚିତ୍ରକଳା" ଏକ ପ୍ରାମାଣିକ ତଥ୍ୟଭିତ୍ତିକ ଗ୍ରନ୍ଥ । ଓଡ଼ିଶାର ଚିତ୍ରକଳା କଥା ବିଚାର କଲାବେଳେ ଆଦିବାସୀମାନଙ୍କର ଚିତ୍ରକଳା ଯେ ସେମାନଙ୍କର ସାମାଜିକ ଜୀବନକୁ ଶୃଙ୍ଖଳିତ କରିଛି ଏକଥା ହୁଏତ ଅଶୀ ପ୍ରତିଶତ ଲୋକ ବିଶ୍ୱାସ କରିବେ ନାହିଁ । ଆଦିବାସୀମାନଙ୍କ ପ୍ରତି ଏ ପ୍ରକାର ଭ୍ରମ ଧାରଣା ସୃଷ୍ଟି ହେବା ସ୍ୱାଭାବିକ । କାରଣ ଏମାନଙ୍କର ଚିତ୍ରକଳାର ପ୍ରଚାର କିମ୍ବା ପ୍ରସାର ଆଦୌ ନାହିଁ କହିଲେ ଚଳେ । କିନ୍ତୁ ସେମାନଙ୍କର ଚିତ୍ରକଳା ଏକାନ୍ତ ନିଜସ୍ୱ ରୁଚି ଅନୁସାରେ ସାମାଜିକ - ପରମ୍ପରା ଓ ସଂସ୍କୃତି ମଧ୍ୟରେ ସଂରକ୍ଷିତ । ଏହି ଚିତ୍ରକଳାର ମୁଖ୍ୟ ଆବଶ୍ୟକତାକୁ ଭିତ୍ତି କରି ସେମାନଙ୍କର ଜୀବନଯାତ୍ରା ସଫଳ ହୁଏ । ଅତ୍ୟନ୍ତ ରକ୍ଷଣଶୀଳ ପରମ୍ପରାର ପ୍ରତୀକ ରୂପେ ଏହି ଚିତ୍ରକଳା ସେମାନଙ୍କର ଜୀବନ ସହିତ ସାମିଲ ହୋଇ ଯାଇଥିବାରୁ ସର୍ବସାଧାରଣରେ ଏହାର ମହତ୍ତ୍ୱ ଅଶ୍ରୁତ ଓ ଦୃଷ୍ଟି ରହିତ ।

ଏହି ପୁସ୍ତକରେ ସଉରା, କନ୍ଧ, କିସାନ, ପାଉଡ଼ି ଭୂୟାଁ, ଜୁଆଙ୍ଗ ଓ ସାନ୍ତାଳଙ୍କର ସଂକ୍ଷିପ୍ତ ଜୀବନ ସହିତ ଚିତ୍ରକଳାର ସମ୍ପର୍କ ବିଷୟରେ ଆଲୋଚନା କରାଯାଇଛି । ଆହୁରି କେତେଗୋଟି ଆଦିବାସୀଙ୍କର ଚିତ୍ରକଳା ମଧ୍ୟ ଅଛି । ସେ ସବୁର ପର୍ଯ୍ୟାପ୍ତ ପ୍ରମାଣ ସଂଗୃହୀତ ହୋଇ ନପାରିଥିବାରୁ ଏଥିରେ ସନ୍ନିବେଶିତ ହୋଇ ପାରିନାହିଁ । କେବଳ ପରିଶେଷରେ ସଂକ୍ଷିପ୍ତ ଭାବରେ ସେମାନଙ୍କର ଚିତ୍ରକଳାର ସୂଚନା ଦିଆଯାଇଛି ।

ଆଦିବାସୀଙ୍କ ଜନଜୀବନ ସମ୍ପର୍କରେ ଅତୀତରେ ବହୁ ପୁସ୍ତକ ଲେଖାଯାଇଛି, ତା ମଧ୍ୟରେ ସେମାନଙ୍କର କଳାଚର୍ଚ୍ଚା ବିଶଦଭାବରେ ହୋଇନାହିଁ । ସେମାନଙ୍କର କଳାପ୍ରତିଭାକୁ ସର୍ବସାଧାରଣରେ ବୋଧଗମ୍ୟ କରାଇବା ଏହି ପୁସ୍ତକର ଆଭିମୁଖ୍ୟ ।

ଏହି ପୁସ୍ତକଟି କଳା – ଗବେଷକମାନଙ୍କୁ ଉତ୍ସାହିତ କରାଇ ପାରିଲେ ମୋର ଶ୍ରମ ସାର୍ଥକ ହେବ ।

ରବୀନ୍ଦ୍ରନାଥ ସାହୁ, ଚିତ୍ରଶିଳ୍ପୀ

**ରବୀନ୍ଦ୍ରନାଥ ସାହୁ,**
ଚିତ୍ରଶିଳ୍ପୀ

# ସୂଚୀପତ୍ର


୧. ପ୍ରଥମ ଅଧ୍ୟାୟ ୦୧
**ଆଦିବାସୀ କଳା ଓ ଜୀବନ**

୨. ଦ୍ୱିତୀୟ ଅଧ୍ୟାୟ ୨୧
**ସଉରା ଚିତ୍ରକଳା : ଇଡିତାଲ**

୩. ତୃତୀୟ ଅଧ୍ୟାୟ ୬୧
**ଡଙ୍ଗରିଆ କନ୍ଧ ଚିତ୍ରକଳା ମାଞ୍ଜିଗୁଣ୍ଡା**

୪. ଚତୁର୍ଥ ଅଧ୍ୟାୟ ୭୫
**କୁଟିଆକନ୍ଧ ଚିତ୍ରକଳା : ଟିକାଙ୍ଗ୍‌କୁଡ଼ା**

୫. ପଞ୍ଚମ ଅଧ୍ୟାୟ ୭୯
**କିସାନ ଚିତ୍ରକଳା**

୬. ଷଷ୍ଠ ଅଧ୍ୟାୟ ୮୩
**ପାଉଡ଼ି ଭୂୟାଁ ଚିତ୍ରକଳା : ଝPଜରା**

୭. ସପ୍ତମ ଅଧ୍ୟାୟ ୮୮
**ଜୁଆଙ୍ଗ ଚିତ୍ରକଳା**

୮. ଅଷ୍ଟମ ଅଧ୍ୟାୟ ୯୩
**ସାନ୍ତାଳ ଚିତ୍ରକଳା : ଚିଇଃତା**

## ପ୍ରଥମ ଅଧ୍ୟାୟ

# ଆଦିବାସୀ କଳା ଓ ଜୀବନ

ଆଦିମାନବର ସର୍ବପ୍ରଥମ ଅଭିବ୍ୟକ୍ତି ହେଉଛି ଚିତ୍ରକଳା । ଆର୍ଯ୍ୟ ଓ ଦ୍ରାବିଡ଼ମାନଙ୍କର ବହୁ ପୂର୍ବରୁ ଅଷ୍ଟ୍ରିକ ଗୋଷ୍ଠୀର ଆଦିବାସୀମାନଙ୍କର ସ୍ଥିତି ରହିଥିବାର ଜଣାପଡ଼େ । ପ୍ରକୃତିର ମୁକ୍ତ ଆବହାୱାରେ ବଢ଼ି ଜୀବନକୁ ସରସ ସୁନ୍ଦର କରିବା ନିମିତ୍ତ ସେ କଳାଜ୍ଞାନର ସ୍ଫୁରଣ ପ୍ରକୃତି ଠାରୁ ହିଁ ପାଇଥିଲା । ଘନ ଅରଣ୍ୟ ଓ ଦୁର୍ଗମ ପାହାଡ଼ ଗୁମ୍ଫା ଥିଲା ତା'ର ଆଶ୍ରୟ ସ୍ଥଳୀ । ତା'ର ଦୈନିକ ଅନୁଭୂତି ଥିଲା ଖୁବ୍ ସୀମିତ । ଯେଉଁ କେତୋଟି ମୁଖ୍ୟ ଆବଶ୍ୟକତାକୁ ନିର୍ଭର କରି ସେ ଚଳୁଥିଲା, ତାହାହେଲା, ଖାଦ୍ୟ, ବାସସ୍ଥାନ ଓ ନିଜର ସୁରକ୍ଷା । ଏ ତିନୋଟିକୁ ନେଇ ସେ ପ୍ରଥମେ ସମାଜ ଗଢ଼ିଥିଲା । ତା'ର ଚିନ୍ତାଶକ୍ତି କ୍ରମଶଃ ସଂପ୍ରସାରିତ ହେବାପରେ ସଭ୍ୟତା ଓ ସଂସ୍କୃତି କିପରି ସାଧାରଣ ଜୀବନକୁ ସରସ ସୁନ୍ଦର ସର୍ବୋପରି ଶୃଙ୍ଖଳିତ କରେ ତାହା ସେ ଜାଣିଲା । ନିଜର ବିଚାର ବୁଦ୍ଧି ଧୀରେ ଧୀରେ ପରିମାର୍ଜିତ ହେବାପରେ ନିଜର ସହଜାତ ପ୍ରବୃତ୍ତି ପ୍ରକୃତିଦତ୍ତ କଳାଜ୍ଞାନକୁ ପ୍ରତ୍ୟେକ ସ୍ତରରେ ପ୍ରୟୋଗ କରିବାକୁ ଚେଷ୍ଟା କଲା । ସେହି ଆଦିମ ଅଧିବାସୀଙ୍କର କଳା ଓ ସଂସ୍କୃତିକୁ ଉପଜୀବ୍ୟ କରି ଆର୍ଯ୍ୟ ବା ଭାରତୀୟ କଳା ଓ ସଂସ୍କୃତି ଆଜି ପୁଷ୍ଟ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।



ସ୍ଥାନ - ଗୁଡ଼ହାଣ୍ଡି



ସ୍ଥାନ - ଯୋଗୀ ମଠ

କଳାଦୃଷ୍ଟିରୁ ଆଦିବାସୀ ଶବ୍ଦର ସମୀକ୍ଷା କଲେ ଜଣାପଡ଼େ, ଆଦିମ ସମୟରୁ ଯେଉଁ ଅଧିବାସୀମାନେ ନିଜର ଜୀବନ ସହିତ କଳାକୁ ସାମିଲ୍

# ଆଦିମ ଗୁମ୍ଫାଚିତ୍ର





ସ୍ଥାନ - ବିକ୍ରମ ଖୋଲ





ସ୍ଥାନ - ମାଣିକ ମଡ଼ା

କରି ଏ ଯାବତ୍ ବଂଶାନୁକ୍ରମିକ ଭାବେ ଚଳି ଆସୁଛନ୍ତି । କୌଣସି ସାମ୍ପ୍ରତିକ ସଭ୍ୟତା ସେମାନଙ୍କ କଳାଶୈଳୀକୁ ପ୍ରଭାବିତ କରିପାରିନାହିଁ । ସେଇମାନେ ହିଁ ଆଦିବାସୀ । ଏ ଉକ୍ତିଟିର ଯଥାର୍ଥତା ଯେଉଁ ସ୍ଥୂଳଧାରଣା ସୃଷ୍ଟି କରେ, ତାହା ହେଲା ମନୁଷ୍ୟ କଳା ବିନା ସଭ୍ୟ ହୋଇ ପାରିବ ନାହିଁ । ଆଜକୁ ପ୍ରାୟ ୨୦,୦୦୦ ବର୍ଷ ତଳେ ଯେଉଁ ଆଦିମାନବ ତା'ର ଦୈନିକ ଚିନ୍ତାଧାରାକୁ ପ୍ରସ୍ତର ଗୁମ୍ଫା ଗାତ୍ରରେ ରୂପାୟିତ କରିଯାଇଥିଲା, ଆଜି ମଧ୍ୟ ଅନୁରୂପ ଚିନ୍ତାଧାରାର ରୈଖିକ ପରିକଳ୍ପନା ତା'ର କୁଡ଼ିଆ କାନ୍ଥ ରେ ପ୍ରତିଫଳିତ । ତେଣୁ ପ୍ରାଗୈତିହାସିକ ମାନବର







ବଳିଷ୍ଠ ଚିନ୍ତାଧାରା ସଂପ୍ରତି ଆଦିବାସୀଙ୍କ କଳାଜ୍ଞାନରେ ସଂଜୀବିତ ଓ ସଂପ୍ରସାରିତ ।

ସାରା ପୃଥିବୀରେ ଏକଦା ଏହି ଚିତ୍ରକଳା ସୀମିତ ଚିନ୍ତାଧାରାରେ ପର୍ଯ୍ୟବେସିତ ଥିଲା । ମିଶରୀୟ ଚିତ୍ରକଳା, ଲସ୍‌କସ ପ୍ରସ୍ତର ଗାତ୍ରର ଚିତ୍ରାବଳୀ, ସମକାଳୀନ ଭାରତର ସିଂହନପୁର ଗୁମ୍ଫା ଚିତ୍ର ଏବଂ ଓଡ଼ିଶାର ଗୁଡ଼ହାଣ୍ଡି, ଯୋଗୀମଠ, ଉଷାକୋଠି ଇତ୍ୟାଦିରେ ଉତ୍କୀର୍ଣ୍ଣ ହୋଇଥିବା ପ୍ରାଚୀନ ଗୁମ୍ଫାଚିତ୍ରର ଭାବ ଓ ଶୈଳୀ ଗୋଟିଏ ପ୍ରକାରର । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ଭୌଗୋଳିକ ସ୍ଥିତିର ଦୂରତ୍ୱ ସତ୍ତ୍ୱେ ଏକା ପ୍ରକାରର ଚୈତ୍ରିକ ଚିନ୍ତାଧାରା ସମ୍ଭବ ହୋଇଥିଲା କିପରି ? ଆଦି ସଭ୍ୟତାର ପରବର୍ତ୍ତୀ ଜନସମାଜରଅଭିବୃଦ୍ଧି, ସ୍ଥାନାନ୍ତରଣ ତଥା ଶ୍ରେଣୀ ବିଭାଗ ଦ୍ୱାରା ଆର୍ଯ୍ୟ ସଭ୍ୟତା ଓ ଅଣ-ଆର୍ଯ୍ୟ ସଭ୍ୟତାର ରୂପରେଖ ସ୍ୱତନ୍ତ୍ର ହୋଇଗଲା । ଅଣ-ଆର୍ଯ୍ୟମାନେ ଆର୍ଯ୍ୟ ସଭ୍ୟତାଠାରୁ ରହିଲେ ବହୁ ଦୂରରେ । ସହି ଆଦିବାସୀମାନେ ପ୍ରାକୃତିକ ପରିବେଶ ସହ ନିବିଡ଼ ସମ୍ପର୍କ ରକ୍ଷାକରି ଜୀବନଯାପନ କଲେ । ସେମାନେ ଅନ୍ୟଦ୍ୱାରା ପ୍ରଭାବିତ ନହୋଇ ସ୍ୱଭାବ ସୁଲଭ ଗୁଣରେ ଆପଣାର କଳା ଓ ସାଂସ୍କୃତିକ ପରମ୍ପରା ବଜାୟ ରଖିଲେ । ସେମାନଙ୍କର ସୃଷ୍ଟି ଓ କୃଷ୍ଟି ହେଲା ସ୍ୱତନ୍ତ୍ର ।

କୌଳିକ ଆଚାର ବିଚାର ସହିତ ସେମାନେ ସମାଜରେ ଯେଉଁ କଳା-ପରିବେଷଣ କରି ନିଜ ଜୀବନକୁ ସରସ ସୁନ୍ଦର କରିବାକୁ ଚେଷ୍ଟା ଚଳାଇଲେ, ତାହା ହେଲା ତାଙ୍କର ପାରମ୍ପରିକ ସଂସ୍କୃତି।

ଆଦିବାସୀମାଙ୍କ ସମ୍ପର୍କରେ ଅନେକଙ୍କର ଗୌଣ ଧାରଣା ଅମୂଳକ ବୋଲି ମନେହଏ। ସେମାନଙ୍କ ଭାଷାରେ ଆଦିବାସୀମାନେ ବନବାସୀ ଅସଭ୍ୟ, ଅଜ୍ଞ ଓ ଅସାମାଜିକ। ସେମାନେ ସଭ୍ୟତା କ'ଣ ଜାଣନ୍ତି ନାହିଁ । କିନ୍ତୁ ସର୍ବାଧୂନିକ ଗବେଷଣାରୁ ଉପଲବ୍ଧ ଏହି ଯେ, ଆଦିମ ଅଧିବାସୀଙ୍କ ସଭ୍ୟତା ଓ ସାଂସ୍କୃତିକ ପୀଠ ଉପରେ ଆଗାମୀର ଉତ୍ତର ଦାୟାଦ ସେମାନଙ୍କର କଳା-ଗୌରବ ଦ୍ୱରା ଗୌରବାନ୍ୱିତ । ସେହି ଆଦିମ କଳା-ସ୍ରଷ୍ଟାମାନଙ୍କର କଳା-ପ୍ରବୃତ୍ତିକୁ ଭିତ୍ତି କରି ଯାବତୀୟ ମଣ୍ଡଳକଳା, ଲୋକକଳା, ତଥା ଗ୍ରାମ୍ୟକଳାର ପରମ୍ପରା ପ୍ରତିଷ୍ଠିତ । ଏହି କଳା ଓଡ଼ିଶାର ଶବରସଭ୍ୟତା ଓ ଶାବରୀବିଦ୍ୟାର ମୌଳିକ ଧର୍ମ ଉପରେ ପ୍ରତିଷ୍ଠିତ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ଆଜି ଦେଶ ଓ ବିଦେଶରେ ପ୍ରଖ୍ୟାତ । ଲୋକକଳାର ପରମ୍ପରା ରକ୍ଷାକରି ଶ୍ରୀ ଜଗନ୍ନାଥ ମହାପ୍ରଭୁ ଦାରୁ ବିଗ୍ରହ ରୂପରେ ଶ୍ରୀ ମନ୍ଦିରରେ ଅଧିଷ୍ଠିତ । ଶବରକନ୍ୟା ଓ ବ୍ରାହ୍ମଣ ସନ୍ତାନ ସମନ୍ୱୟରେ ଜଗନ୍ନାଥଙ୍କର ସେବକ ସମ୍ପ୍ରଦାୟ ସୃଷ୍ଟି ହୋଇଛି । ପୁରୁଷାନୁକ୍ରମିକ ଭାବରେ ସେମାନେ ଶ୍ରୀ ଜଗନ୍ନାଥଙ୍କର ସେବା କରି ଆସୁଛନ୍ତି। ତାଙ୍କ ସେବା ମଧ୍ୟରେ ଯେଉଁ ଚିତ୍ରକାର ନିଯୋଗଙ୍କର ଚିତ୍ରସେବା କାର୍ଯ୍ୟ ପ୍ରବର୍ତ୍ତିତ, ତାହା ଉତ୍କଳର ମୌଳିକ ଚିତ୍ରକଳା ପଟ୍ଟଚିତ୍ର।











ସେହି ଚିତ୍ରକଳାର ପରମ୍ପରା ଆଜି ପର୍ଯ୍ୟନ୍ତ ପ୍ରଚଳିତ । ଉକ୍ତ ଚିତ୍ରକଳାର ମୌଳିକ ଚିନ୍ତାଧାରା ଆଦିବାସୀଙ୍କ ଚିତ୍ରକଳାରୁ ଉତ୍ପନ୍ନ ହୋଇଛି ବୋଲି ଅନେକ ଗବେଷକମାନଙ୍କର ମତ । ଉତ୍କର୍ଷକଳାର ଦେଶ ଉତ୍କଳ ନାମରେ ଯଥାର୍ଥତା ଏହି ଆଦି-ମାନବର ପ୍ରାଥମିକ ଚିତ୍ରକଳା କ୍ରମଶଃ ରୂପାନ୍ତରିତ ହୋଇ ସଭ୍ୟ ସମାଜରେ ବ୍ୟାପକ ଲୋକ କଳା ଭାବରେ ନାମରେ ଗୃହୀତ ହୋଇ ମଧ୍ୟ ଆଦିବାସୀମାନଙ୍କ ପରି ମୌଳିକ ଚିତ୍ରକଳାର ଶୈଳୀ ପ୍ରାଗୈତିହାସିକ ଅଂକନ ଶୈଳୀ ସହ ସମ୍ପର୍କ ରକ୍ଷାକରି ପାରିନାହିଁ । ଯାହା କେବଳ ଆଦିମ ଜନଜାତିଙ୍କ ଚିତ୍ରକଳାରେ ଏ ପର୍ଯ୍ୟନ୍ତ ଉଦ୍‌ଜୀବିତ ।

ଆଦିବାସୀଙ୍କ ଜୀବନ ସହିତ କଳାର ନିବିଡ଼ ସମ୍ପର୍କ ଥିବାର ଜଣାଯାଏ । ଦୈନନ୍ଦିନ ଜୀବନର ଅନୁଭୂତିକୁ ସେମାନେ କଳାରେ ପ୍ରକାଶ କରିବାକୁ ଯାଇ ପ୍ରଥମେ ପାହାଡ଼ କାନ୍ଥ ଦେହରେ କର୍ଷିତ ରେଖା ମାଧ୍ୟମରେ ଆଙ୍କି ଯାଇଥିଲେ ।

ପ୍ରାଗୈତିହାସିକ ଯୁଗର ଚିତ୍ରାବଳୀ ଏ ପର୍ଯ୍ୟନ୍ତ ଭାରତରେ ଯେଉଁ ଅଳ୍ପ କେତୋଟି ସ୍ଥାନରେ ଆବିଷ୍କୃତ ହୋଇଛି ତନ୍ମଧ୍ୟରୁ ଉତ୍ତର ପ୍ରଦେଶର ମିର୍ଜାପୁର ନିକଟସ୍ଥ ପର୍ବତ ଗୁମ୍ଫାରେ ଥିବା ଚିତ୍ର ଏବଂ ଛତିଶଗଡ଼ର ରାୟଗଡ଼ ଜିଲ୍ଲାର ସିଂହନପୁର ନିକଟସ୍ଥ ଗୁମ୍ଫାର ଚିତ୍ରମାନ ଉଲ୍ଲେଖ ଯୋଗ୍ୟ । ଓଡ଼ିଶାର ଗୁଡ଼ହାଣ୍ଡିର ଚିତ୍ର ଗୁଡ଼ିକ ମଧ୍ୟରେ ଶିକାର ଚିତ୍ର ଏକ ବିଶେଷ ଚିତ୍ର । ଏହି ଚିତ୍ରାବଳୀ ସହିତ ସଉରା ଚିତ୍ରକଳା 'ଇଡ଼ିତାଲର' ବିଷୟ ଓ ଶୈଳୀ ମେଳ ଅଛି । ସେହିପରି ଉଷାକୋଠିର ଚିତ୍ର ସହିତ ପାଉଡ଼ିଭୂୟାଁଙ୍କର ଚିତ୍ରର ମଧ୍ୟ ଅନୁରୂପ ମେଳ ଥିବାର ଲକ୍ଷ୍ୟ କରାଯାଏ ।

ଆଦିବାସୀମାନେ କର୍ମଠ , ସରଳ , ନିର୍ଭୀକ ଓ ସର୍ବୋପରି କଳାନୁରାଗୀ । ଯାବତୀୟ ସାମାଜିକ ଅନୁଷ୍ଠାନ, ବିଧିବିଧାନ ସେମାନଙ୍କର ନିଜସ୍ୱ ପରମ୍ପରା ଉପରେ ପ୍ରତିଷ୍ଠିତ । ତାଙ୍କ ସମାଜ ସଭ୍ୟସମାଜ ଦ୍ୱାରା ପ୍ରଭାବିତ ନୁହେଁ । ସଭ୍ୟସମାଜରେ ନାନା ପରିବର୍ତ୍ତନ ହୋଇଛି । ବହୁ ତର୍କ ବିତର୍କ ଫଳ ସ୍ୱରୂପ ସାମାଜିକ ବିଚାର ନୀତି, ସଂସ୍କୃତି ମଧ୍ୟ ଓଲଟ ପାଲଟ ହୋଇଛି ମାତ୍ର ଆଦିମ ଅଧିବାସୀମାନଙ୍କର ନିଜସ୍ୱ ରୁଚିକୁ କେହି ବଦଳାଇ ଦେଇ ପାରି ନାହିଁ ।





ଯେଉଁ ଆଦିମ କାଳର ରୁଚି ଓ ସୌନ୍ଦର୍ଯ୍ୟ ବୋଧ ସେମାନଙ୍କ କଳାସାମଗ୍ରୀ ମଧ୍ୟରେ ପ୍ରକାଶ ପାଇଥିଲା , ଆଜି ମଧ୍ୟ ପ୍ରାକୃତିକ ପରିବେଷ୍ଟନୀରୁ ସଂଗୃହିତ ଉପକରଣ ମାଧ୍ୟମରେ କଳାସାମଗ୍ରୀ ପ୍ରସ୍ତୁତ କରିବାରେ ସେମାନେ ସିଦ୍ଧହସ୍ତ । ପ୍ରକୃତରେ କହିବାକୁଗଲେ, ସେମାନଙ୍କର ନିରାଡ଼ମ୍ବର ଜୀବନଯାତ୍ରା, ସହଜ ଅଭିବ୍ୟକ୍ତି, ଲୌକିକ ବିଶ୍ୱାସ ଓ ସାଧୁତା ଚିତ୍ରକଳାର ଅନ୍ତଃସାର ସମୃଦ୍ଧ କରିଛି । ସେମାନଙ୍କ ଚିତ୍ରଶିଳ୍ପରେ ଜଟିଳତା ନାହିଁ । ସହଜ, ସରଳ, ବୋଧଗମ୍ୟ ପ୍ରାଞ୍ଜଳ ରେଖା ମାଧ୍ୟମରେ ସେମାନେ ତାଙ୍କର ଅଭିବ୍ୟକ୍ତି ଓ ବିଶ୍ୱାସକୁ ପ୍ରକଟିତ କରିଥା'ନ୍ତି ।



ଦୈନନ୍ଦିନ ଚଳଣି ମଧ୍ୟରେ କଳାନୁରାଗ ସେମାନଙ୍କ ର ଗୋଟିଏ ପ୍ରଧାନ ଅଂଗ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସେମାନେ ବ୍ୟବହାର କରୁଥିବା ଲୁଗାପଟା , ଗୃହୋପକରଣ, ଅଳଙ୍କାର ଧନୁଶର , ଅସ୍ତ୍ରଶସ୍ତ୍ର , ବାଦ୍ୟଯନ୍ତ୍ର, ଏପରିକି ମୁଣ୍ଡ କୁଣ୍ଡାଇବା ପାନିଆ ଓ ମାଠିଆ ହାଣ୍ଡିରେ ମଧ୍ୟ କଳାର ଛିଟା ନିହିତ ଥାଏ । ସାମାଜିକ ଜୀବନରେ ଏହି ପରମ୍ପରାପୁଷ୍ଟ କଳାରୁଚି ସେମାନଙ୍କର ଜୀବନର ଗତିକୁ ସ୍ୱଚ୍ଛଳ ଓ ଉତ୍ସବମୁଖର କରିଥାଏ । ସେମାନଙ୍କର ଅନ୍ତର୍ନିହିତ ଭାବପ୍ରବଣତା ତଥା କର୍ମ କୁଶଳତା ପରସ୍ପର ପରିପୂରକ ରୂପେ ଦେଖା ଦେଇଥାଏ ।







ପ୍ରଥମରୁ ଦେଖିବାକୁ ଗଲେ ପରିଷ୍କାର ପରିଛନ୍ନତା ହିଁ ଗୋଟିଏ ବିଶିଷ୍ଟ କଳା । ଏହା ସୌନ୍ଦର୍ଯ୍ୟବୋଧର ପ୍ରଥମ ସଂକେତ । ସେମାନେ ବଣ ଜଙ୍ଗଲରୁ ମିଳୁଥିବା ନାଲି,କଳା, ହଳଦୀ ଇତ୍ୟାଦି ବିଭିନ୍ନ ରଙ୍ଗର ମାଟି ସଂଗ୍ରହ କରି ଘରର ବାରଣ୍ଡା, କାନ୍ଥକୁ ଭିନ୍ନ ଭିନ୍ନ ରଂଗରେ ଲିପନ୍ତି । ସେ ଘର ଲିପାର ପରିପାଟୀ ଏତେ ସୁନ୍ଦର ଯେ, ଦୂରରୁ କଳା-ପ୍ରେମୀକୁ ଆକର୍ଷିତ କରି ଆଣେ । ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ପ୍ରଥମରୁ ବାସସ୍ଥାନକୁ ସୁନ୍ଦର ଓ ଆକର୍ଷଣୀୟ କଲେ ଘରକୁ ଲକ୍ଷ୍ମୀ ଆସନ୍ତି । ଏ କ୍ଷେତ୍ରରେ ସାନ୍ତାଳମାନଙ୍କର ଘର ସଜାଇବା ଏକ ଆଦର୍ଶ କଳା । ଘର ଭିତରେ ଓ ବାହାର କାନ୍ଥ ପରିଷ୍କାର କରି ଲିପିବା ସମୟରେ ହସ୍ତର ଚାତୁରୀ ପ୍ରୟୋଗ କରିବାକୁ ସେମାନେ ଭୁଲନ୍ତି ନାହିଁ । ସେହିପରି କୁଟିଆ କନ୍ଧମାନେ ନୂଆ ଘର କାନ୍ଥ ଲିପିଲା ବେଳେ ଅଂଗୁଳି ସାହାଯ୍ୟରେ ତରଙ୍ଗାୟିତ ରେଖା ଆଙ୍କନ୍ତି । ଏହା ଶୁଖିଗଲେ ସାମାନ୍ୟ ଦୂରକୁ ଖୁବ୍ ସୁନ୍ଦର ଦିଶେ ।

ଶ୍ରାନ୍ତ, କ୍ଲାନ୍ତ ଓ କର୍ମମୟ ଜୀବନ ଖୋଜେ ଟିକେ ବିଶ୍ରାନ୍ତି । ଏହି ବିଶ୍ରାନ୍ତ ଅବସରରେ ଯେଉଁ ଟୋପାଏ କଳାରସ ଆସ୍ୱାଦନ କରିବାକୁ ମନ ଚାହେଁ, ତଦ୍ୱାରା ମାନସିକ ଓ ଦୈହିକ କ୍ଲାନ୍ତି ଅପମୋଦନ ହେବା ସଂଗେ ସଂଗେ ଜୀବନୁକ ଅଧିକ ଉତ୍ସାହ ଓ ଉଦ୍ଦୀପନା ଦିଗରେ ଆଗେଇ ନେବାକୁ ସାହାଯ୍ୟ କରିଥାଏ । ଏ କ୍ଷେତ୍ରରେ ଆଦିବାସୀଙ୍କର ବସତିସ୍ଥଳ ବଣ ଜଂଗଲ ପାହାଡ଼ମାଳ ଅଞ୍ଚଳ ପରିବେଷ୍ଟନୀରୁ ସେମାନ ବହୁତ କିଛି ମାନସିକ ଖୋରାକ ପାଇଥା'ନ୍ତି । ତାହାକୁ ଜୀବନ ଯାତ୍ରାରେ ପ୍ରୟୋଗ କରି ଜୀବନକୁ ସରସ ସୁନ୍ଦର କରିବା ପାଇଁ ଚେଷ୍ଟା କରିଥାନ୍ତି ।



ସେମାନଙ୍କର ସୁଖ, ଦୁଃଖ ହାନିଲାଭ କର୍ମଲିପ୍ତ ଜଂଜାଳ ମଧ୍ୟରେ ଅବଲୀଳାକ୍ରମେ କଳା ରଚନା ହୋଇ ଚାଲିଥାଏ । ଯେଉଁ ହାତ ହଳ ବୁଲାଏ ସେହି ହାତ ବି ଚିତ୍ର କରେ । ସେହି ହାତର ପରଶରେ ଚିତ୍ର ଜୀବନ୍ତ ହୁଏ । କଳା ମଧ୍ୟରେ ଜୀବନ ଓ ଜୀବନ ମଧ୍ୟରେ କଳାର ସମ୍ମେଳନ କରାଇ ସେମାନେ ବିଚିତ୍ର ଆନନ୍ଦ ପାଇଥା'ନ୍ତି । ଏହି କଳାନୁରାଗ ସେମାନଙ୍କର ଚିରପ୍ରବୃତ୍ତି ତଥା ଅନୁଭୂତିର ପରିପ୍ରକାଶ ଯାହାକି ଏକ ପରମ ଶକ୍ତିଶାଳୀ ଆବେଗ । ଯେଉଁ ଆବେଗର ଉଚ୍ଛ୍ୱାସରେ ସେ ସୁପ୍ତ ଚେତନାକୁ ଜାଗ୍ରତ କରି ନୂତନ କାର୍ଯ୍ୟ ପାଇଁ ସେ ଅନୁପ୍ରେରଣା ପାଇଥାଏ ।

ଆଦିବାସୀଙ୍କର ଜୀବନଯାତ୍ରା ଲୌକିକ ବିଶ୍ୱାସ ଦ୍ୱାରା ନିୟନ୍ତ୍ରିତ । ସେମାନଙ୍କର ଧର୍ମଧାରଣା ଅଦୃଶ୍ୟ ଶକ୍ତି ଉପରେ କେନ୍ଦ୍ରିତ ହୋଇଥିବାରୁ ସେମାନଙ୍କର ଚିତ୍ର କଳାରେ କୌଣସି ଦେବାଦେବୀଙ୍କର ସାକାର ଚିତ୍ର ଦୃଷ୍ଟି ଗୋଚର ହୁଏନାହିଁ । ହିନ୍ଦୁମାନଙ୍କ ଦେବଦେବୀ ପରି ସେମାନଙ୍କର ଦେବଦେବୀଙ୍କର ପ୍ରତିମୂର୍ତ୍ତି ନାହିଁ । ସ୍ଥୂଳତଃ ସେମାନଙ୍କର ଉପକାରରେ ଆସୁଥିବା ଜଡ଼ବସ୍ତୁ ତଥା ପ୍ରକୃତିର ଅବସ୍ଥାକୁ ବିଶ୍ୱାସକରି ତାଙ୍କୁ ଇଷ୍ଟ ବୋଲି ମାନିଥା'ନ୍ତି ।



କୁଆଙ୍ଗ ପାନିଆଁ, କେଉଁଝର



କୁଆଙ୍ଗମାନଙ୍କ ବଂଶୀରେ ଖୋଦିତ କଳା

ପାରିପାର୍ଶ୍ୱିକ ପରିବେଷ୍ଟନୀରୁ ସେମାନେ ଉପକରଣ ସଂଗ୍ରହ କରନ୍ତି ଓ ଦୈନନ୍ଦିନ ବ୍ୟବହାରରେ ଲଗାନ୍ତି, ତାହାକୁ ସରସ ସୁନ୍ଦର କରିବାପାଇଁ ରୁଚି ଅନୁସାରେ ନିଜର କଳାକାମକୁ ପ୍ରୟୋଗ କରନ୍ତି । ହାତର କମନୀୟ କଳାଚାତୁରୀ ଉକ୍ତ ବ୍ୟବହୃତ ଦ୍ରବ୍ୟରେ ଫୁଟି ଉଠେ । ସେମାନଙ୍କର ଏହି କଳାପ୍ରବୃତ୍ତି ଆଦିମ କାଳରୁ ପରମ୍ପରାକ୍ରମେ ରହି ଆସିଛି । ଏହି ପ୍ରାୟୋଗିକ କଳାଜ୍ଞାନ ସାମାଜିକ , ପାରିବାରିକ ତଥା ବ୍ୟକ୍ତିଗତ ଜୀବନକୁ ସରସ ସୁନ୍ଦର କରିତୋଳିଥାଏ ।

ଦୈନନ୍ଦିନ ଚଳଣି ମଧ୍ୟରେ ପ୍ରଧାନ ହେଉଛି, ଲୁଗାପଟାର ବ୍ୟବହାର ।କେତେକ ଆଦିବାସୀ ଗୋଷ୍ଠୀ ନିଜର ଲୁଗାପଟା ନିଜେ ବୁଣି ପିନ୍ଧନ୍ତି ଓ ସେଥିପାଇଁ ସେମାନେ ସଂକ୍ଷିପ୍ତ ଉପକରଣ ମାଧ୍ୟମରେ ବସ୍ତ୍ରବୟନ କରିଥା'ନ୍ତି । ବଣ୍ଡା , ଗାଦବା, ସଉରା ,କନ୍ଧ ଏମାନଙ୍କର ପିନ୍ଧା ଲୁଗା ମୋଟା ହେବା ସ୍ଥଳେ ଧଡ଼ି ଏବଂ ଅଞ୍ଚଳ ନକ୍ସାପୂର୍ଣ୍ଣ । ନିଜର ରୁଚି ଅନୁସାରେ ଏମାନେ ନାନା ରଂଗର ସୂତା ଭରି ସୁନ୍ଦର ସୁନ୍ଦର ନକ୍ସା କରିଥାନ୍ତି । ଏହି ଲୁଗା ଗୁଡ଼ିକ ମୋଟା ହୋଇଥିବାରୁ ଏହା ଦୀର୍ଘସ୍ଥାୟୀ ହୋଇଥାଏ ।

ଗୃହୋପକରଣ ଦ୍ରବ୍ୟଗୁଡ଼ିକୁ ଛାଡ଼ିଦେଲେ ଆଦିବାସୀମାନେ ନିଜର ଶରୀରର ସଜ୍ଜା ନିମନ୍ତେ ମଧ୍ୟ କଳାର ଆଶ୍ରୟ ନେଇଥା'ନ୍ତି । ପ୍ରଥମତଃ ସେମାନଙ୍କର କଳା

ରୁଚି ଅନୁସାରେ ମୁଣ୍ଡବାଳକୁ ଉତ୍ତମରୂପେ ତେଲ ଦେଇ କୁଣ୍ଡାଇବା ପାଇଁ ବିଭିନ୍ନ ପ୍ରକାର ମୋଟା ଓ ସରୁ ପାନିଆଁ ବ୍ୟବହାର କରିଥା'ନ୍ତି । ବିଶେଷ କରି କୁଆଙ୍ଗ ଓ କନ୍ଧ ଯୁବକ ଯୁବତୀଙ୍କର ପାନିଆ ଅତି ପ୍ରିୟ ଦ୍ରବ୍ୟ । ପାନିଆକୁ ସେମାନେ ସୌନ୍ଦର୍ଯ୍ୟ ସାଧନର ଏକ ପ୍ରଧାନ ଉପକରଣ ରୂପେ ବ୍ୟବହାର କରିଥା'ନ୍ତି । ଯୁବତୀମାନେ ଯେପରି କେଶକୁ ଉତ୍ତମରୂପେ ବିନ୍ୟାସ କରି ମୁଣ୍ଡରେ ଫୁଲ ଓ ପାନିଆଁ ସାଙ୍ଗକୁ ବିଭିନ୍ନ ମୁଣ୍ଡ ଅଳଙ୍କାର ପିନ୍ଧନ୍ତି । ଯୁବକମାନେ ସେହିପରି ଅନୁରୂପ ଶିରୋଭୂଷଣରେ ସଜ୍ଜିତ ହୋଇଥା'ନ୍ତି । ଏହା ସେମାନଙ୍କର ପ୍ରତିଦିନର ଏକ ସୌଖୀନ ଅଭ୍ୟାସ ।

ମୁଣ୍ଡବାଳକୁ ସୁନ୍ଦର ଭାବରେ ଚର୍ଯ୍ୟା କରିବାକୁ ଯେଉଁ ପାନିଆଁ ଦରକାର ହୁଏ, ତାହା କାଠ କିମ୍ବା ବାଉଁଶରେ ତିଆରି ହୋଇଥାଏ । କୁଆଙ୍ଗ ଓ କୁଟିଆ କନ୍ଧ ଯୁବକମାନେ ନିଜର ପ୍ରେମିକାମାନଙ୍କୁ ସୁନ୍ଦର ନକ୍ସା ଦେଇଥିବା ପାନିଆଁ ପ୍ରସ୍ତୁତ କରି ତା ଉପରେ ଡାମ୍ଫଣ ମୂନକୁ ନିଆଁରେ ପଚାଇ ତା ଦ୍ୱାରା ନାନା ପ୍ରକାର ଡାଳି, ଲତା, ଫୁଲ ଆଦି ଚିତ୍ର କରିଥା'ନ୍ତି । ସେଇ ପାନିଆ ଉପରେ ହୋଇଥିବା ଚିତ୍ର କଳାରେ ମଧ୍ୟ ଆଦିମମାନଙ୍କର ରୈଖିକ ଚିତ୍ର ଫୁଟି ଉଠିଥାଏ । ଗଣ୍ଡ ସ୍ତ୍ରୀ-ଲୋକମାନେ ଏହି ଚିତ୍ରିତ ପାନିଆ ମୁଣ୍ଡରେ ଧାଡ଼ି ଧାଡ଼ି କରି ଖୋସିଥିବାର ଦେଖାଯାଏ । ତାଦ୍ୱାରା ଅନ୍ୟାନ୍ୟ ଅଳଙ୍କାର ସହିତ ମୁଣ୍ଡର ଶୋଭା ବଢ଼ିଥାଏ ।

ପୁନଶ୍ଚ ପାରମ୍ପରିକ ବିଧି ଅନୁସାରେ ସେ ପାନିଆକୁ ମୃତବ୍ୟକ୍ତିର ସମାଧି ପାଖରେ ପୋତି ଦେଇଥା'ନ୍ତି । ସେମାନଙ୍କ ଧାରଣା , ଜୀବନ ସହିତ କଳାର ଯେଉଁ ସମ୍ପର୍କ , ତାହା ମୃତ ବ୍ୟକ୍ତି ସ୍ୱର୍ଗକୁ ଗଲେ ମଧ୍ୟ ନେଇ ଯାଇପାରିବ ।



ପାନିଆଁରେ ଖୋଦିତ ହୋଇଥିବା ଚିତ୍ରକଳାକୁ ଅନୁଧ୍ୟାନ କଲେ ଜଣାପଡ଼େ, ତାହା କେତେକ ସରଳରେଖା ଓ ବକ୍ର ରେଖାର ସମଷ୍ଟି ଏବଂ ଜ୍ୟାମିତିକ ଛନ୍ଦରେ ଚିତ୍ରଗୁଡ଼ିକ ଖୋଦିତ ହୋଇଥାଏ । ସେ ଚିତ୍ରକଳାଶୈଳୀ ସହ ସିନ୍ଧୁ ସଭ୍ୟତା ସମୟର ମାଟି ପାତ୍ରରେ ଅଙ୍କିତ ଚିତ୍ର ସହ ସାମଞ୍ଜସ୍ୟ ଥିବାର ଜଣାପଡ଼େ । କେତେକ ପାନିଆ ଉପରେ ସମାନ୍ତରାଳରେଖା ମଧ୍ୟରେ ଛକି କଟାଯାଇଥାଏ । ପୁନଶ୍ଚ ଅନ୍ୟାନ୍ୟ ଜୀବଜନ୍ତୁଙ୍କର ଚିତ୍ର, ତ୍ରିଭୂଜ, ବୃତ୍ତ ଓ ଚତୁର୍ଭୁଜ ସମଷ୍ଟିରେ ପ୍ରକାଶିତ ହୋଇଥାଏ । ସ୍ଥୂଳତ ଚିତ୍ର ଗୁଡ଼ିକର ରୈଖିକ ଗତି ବୋଧଗମ୍ୟ । ଏ ସବୁ ଚିତ୍ରର ଶୈଳୀ ବହୁ ପ୍ରାଚୀନ କାଳରେ ଚିତ୍ର ଶୈଳୀ ସହ କିପରି ସମ୍ପର୍କ ରକ୍ଷା କରି ପାରିଛି ତାହାର ରହସ୍ୟ ଅବଶ୍ୟ ଗବେଷଣା ସାପେକ୍ଷ ।

କେତେକ ଅନୁଧ୍ୟାନରୁ ଜଣାପଡ଼େ, ଭୌଗୋଳିକ ପରିସ୍ଥିତି ଅନୁସାରେ ସାମାଜିକ ସଂସ୍କୃତିର ପରିବର୍ତ୍ତନ ଅବଶ୍ୟ ଘଟିଥାଏ । କିନ୍ତୁ କଳାତ୍ମକ ସଂସ୍କୃତି ସର୍ବଦା ଗତିଶୀଳ ହୋଇଥିବାରୁ ତାହାକୁ ଉପଜୀବ୍ୟ କରି ସମାଜ ସଭ୍ୟତା ଆଡ଼କୁ ଗତି କରେ, ପୁନଶ୍ଚ ଏଇ କଳାତ୍ମକ ସଭ୍ୟତା ଅନ୍ୟ ଦେଶକୁ ମଧ୍ୟ ପ୍ରଭାବିତ କରିଥାଏ ।

ଭାରତ ଭୂଖଣ୍ଡର ଏ ଲୋକକଳା ତଥା ଆଦିବାସୀ ସଭ୍ୟତାର ପରିପ୍ରକାଶ ହେବା ଦିନଠାରୁ ପଶ୍ଚିମ ଅଧିବାସୀଙ୍କୁ ତାହା ପ୍ରଭାବିତ କରିଥିଲା । କହିବା ବାହୁଲ୍ୟ , ଆମର ପ୍ରାଚୀନ ଭାରତୀୟ ସଭ୍ୟତା ଆଦିମାନବର ଜନବସତି ଦୁର୍ଗମ ଅରଣ୍ୟ କୋଳରୁ କ୍ରମଶଃ ଗ୍ରାମାଞ୍ଚଳକୁ ବ୍ୟାପିଥିଲା । ଆଜିର ଗ୍ରାମ୍ୟକଳା ଏହି ଆଦିମକଳାକୁ ଭିତ୍ତି କରି ପରିପୁଷ୍ଟ ହୋଇଛି ଏବଂ ସେହି କଳାର ମୌଳିକ ଉପାଦାନକୁ କେନ୍ଦ୍ର କରି ନାନା ଚିତ୍ରଶିଳ୍ପ ଓ ହସ୍ତଶିଳ୍ପର ନାମ ନେଇ ବହୁବିଧ ଭାବେ ଉନ୍ନତି ହୋଇଛି ।



କୁଆଙ୍ଗ ହାତ ମୁଦି ଓ ଗୋଡ଼ମୁଦି

ଶାରୀରିକ ସୌନ୍ଦର୍ଯ୍ୟ ପ୍ରସାଧନ ମଧ୍ୟରେ କେତେକ ଆଦିବାସୀ ସମାଜରେ ଚିତା-କୁଟା ଅନ୍ୟତମ । ଏହି ଚିତା ଚିହ୍ନରେ ସେମାନଙ୍କର କଳା - ନୈପୂଣ୍ୟ ପରିସ୍ଫୁଟ ଦେହର ନାନା ସ୍ଥାନରେ ଏହି ଚିତା କୁଟାଇବା କଷ୍ଟ ସାଧ୍ୟ । କେତେକ ପଣ୍ଡିତ ମତ ଦିଅନ୍ତି ଯେ, ଆଦିବାସୀ ରମଣୀମାନେ ଅଳଙ୍କାର ଉଦ୍ଦେଶ୍ୟରେ ଦେହର ଚିତା କୁଟାଉଥିଲେ । ଆଉ କେତେକ କହନ୍ତି, ପରଲୋକରେ ଚିହ୍ନଟ ହେବାପାଇଁ ସେମାନେ ଦେହରେ ଚିତା କୁଟାଉ ଥିଲେ ।

କେତେ ସେ ଯାହାହେଉ, ଚିତାକୁଟା ପରି ଏକ କଷ୍ଟକର ଯନ୍ତ୍ରଣାକୁ ଖାତିର ନକରି କେବେଳ ସୌନ୍ଦର୍ଯ୍ୟ -କଳା ବଢ଼ାଇବାପାଇଁ ଏ କ୍ଷେତ୍ରରେ ପୁରୁଷ ଅପେକ୍ଷା ସ୍ତ୍ରୀମାନଙ୍କର କଳାନୁରାଗ ବେଶୀ । ସେମାନେ କଷ୍ଟ ସହି ପାରନ୍ତି ।



ସେମାନଙ୍କର ମୁଖମଣ୍ଡଳ ଓ ଦୁଇ ହାତରେ ସାଧାରଣତଃ ଚିତାକୁଟାଇବା ବେଶୀ ଦେଖାଯାଏ । ଚିତା କୁଟାଇବା ସମୟରେ ସେମାନେ ନାନା ପ୍ରକାର ଗୀତ ବୋଲିଥା'ନ୍ତି । ଏହି ଗୀତ ବୋଲା ଛଳରେ ସେମାନେ କଷ୍ଟକୁ ଭୁଲି ଯିବାକୁ ଚେଷ୍ଟା କରନ୍ତି । ସେମାନେ ବିଶ୍ୱାସ କରନ୍ତି, ମଲାପ'ରେ କେହି କିଛି ସ୍ୱର୍ଗକୁ ନେଇ ଯାଇପାରେ ନାହିଁ , ଦେହରେ ଏଇ ଚିତା-କଳାଥିଲେ ସେ ସ୍ୱର୍ଗକୁ ନେବ । ଏଇଥିରୁ ଜଣାପଡ଼େ ସେମାନେ ନିଜର ଜୀବନ ସହ କଳାକୁ କିପରି ନିବିଡ଼ ଭାବେ ଧରି ରଖି ପାରିଛନ୍ତି । ଏହି ଲୌକିକ ବିଶ୍ୱାସକୁ କେବେହେଲେ ସେମାନେ ହରାଇ ନାହାନ୍ତି ।







ଏହି ଚିତା କୁଟା ବିଷୟରେ ଅନେକ କଥା ଲୋକମୁଖରୁ ଶୁଣାଯାଏ । ପୂର୍ବରୁ ଓଡ଼ିଶାରେ ମୋଗଲ, ବର୍ଗୀ ଓ ଇଂରେଜୀମାନଙ୍କ ଆକ୍ରମଣ ସମୟରେ ଆଦିବାସୀ ରମଣୀମାନଙ୍କୁ ବଳାତ୍କାର କରାଯାଉଥିଲା । କୌଣସି ଏକ ଦୁର୍ଗମ ସ୍ଥାନରେ ଆଦିବାସୀ ରମଣୀମାନଙ୍କୁ ବଳାତ୍କାର କରିଥିବାର ଶୁଣାଯାଏ । ସେମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ: ଆଦିବାସୀ ରମଣୀମାନେ ନିଜ ମୁହଁକୁ ଚିତା କୁଟାଇ ବିକୃତ କରି ଦେଉଥିଲେ । ଏଭଳି ଅନୁମାନରେ ଯଦି ସତ୍ୟତା ଥାଏ , ତାହାହେଲେ ସେମାନେ ମୁହଁରେ କିମ୍ବା ହାତରେ କଳାତ୍ମକ ରୁଚିରେ ଚିତା କୁଟାଉଥିଲେ କାହିଁକି ? ଯେଉଁ ସମୟରେ ଏ ଘଟଣା ସେ ସମୟ ଅତୀତ । ଆଜିପର୍ଯ୍ୟନ୍ତ ସେମାନେ କାହିଁକି ତାଙ୍କ ବଂଶଧରମାନଙ୍କୁ ଚିତା କୁଟାଇବାକୁ ପ୍ରବର୍ତ୍ତାଇ ଆସୁଛନ୍ତି ? ତେବେ ଏ ଚିତା କୁଟାଇବା ପରମ୍ପରା ସେ ଦିନରୁ ନୁହେଁ , ତା'ର ବହୁ ପୂର୍ବରୁ ଅଛି । ଚିତା କୁଟାଇବା ସମୟରେ କେଉଁ ଗୀତ ବୋଲାଯାଏ ସେ ଗୀତର ମର୍ମ ଉପଯୁକ୍ତ ଭିତ୍ତିରେ ନାହିଁ । ତା ଛଡ଼ା ସ୍ତ୍ରୀ ଲୋକମାନେ ମୁହଁକୁ ବିକୃତ କରୁଥିବା ସ୍ଥଳେ ପୁରୁଷ ଲୋକମାନେ କାହିଁକି ଚିତା କୁଟାଉଥିଲେ ? ତେଣୁ ଉପଯୁକ୍ତ ଅନୁମାନ ନିଶ୍ଚୟ ଭିତ୍ତିହୀନ । ସେହିପରି ଯୁବତୀମାନଙ୍କର ସୁଗଠିତ ବଳିଷ୍ଠ ଶରୀରରେ ନାନା ପ୍ରକାର ଗହଣା ମଣ୍ଡି ହୋଇଥିବାରୁ ସୁନ୍ଦର ଦେଖାଯା'ନ୍ତି । ସେମାନେ ମୁଣ୍ଡରେ ଜୂଡ଼ା , ନାନାପ୍ରକାର ଫୁଲ, ମାଳ ଓ ସୂକ୍ଷ୍ମ ଅଳଙ୍କାର ନୃତ୍ୟ ସମୟରେ ପିନ୍ଧନ୍ତି । ଅନ୍ୟ ଏକ ଅନୁଶୀଳନରୁ ଜଣାପଡ଼େ, ମହାଭାରତୀୟ ସଂସ୍କୃତିକୁ ଆଧାର କରି ଏ ପ୍ରଥା ପ୍ରଚଳିତ ଅଛି । ମହାଭାରତ ଉପାଖ୍ୟାନରେ ଭୀମୁଲ ଚରିତ୍ରକୁ ଉପଲକ୍ଷ୍ୟ କରି କନ୍ଧ ବାଳିକାମାନେ ମୁହଁରେ ଚିତା କୁଟାଇଥା'ନ୍ତି । ଏହି ଚିତାରେ ଯେଉଁ ନମୁନା ପ୍ରତିଫଳିତ ସେ ଗୁଡ଼ିକରେ ମଧ୍ୟ ତାମ୍ର ଯୁଗର କଳାଶୈଳୀର ଛାପ ବହନ କରିଥାଏ ।

ଶରୀର ସଜ୍ଜା ମଧ୍ୟରେ ଅଳଙ୍କାର ହେଉଛି ପ୍ରଧାନ ସାମଗ୍ରୀ । ଆଦିବାସୀ ମହିଳାମାନେ ବିଭିନ୍ନ ଅଳଙ୍କାର

ଧାରଣ କରି ନିଜର ଦୈହିକ ସୌନ୍ଦର୍ଯ୍ୟ ବଢ଼ାଇଥାନ୍ତି। ଏ କ୍ଷେତ୍ରରେ ବଣ୍ଡାରମଣୀମାନଙ୍କର ଅପେକ୍ଷାକୃତ ବକ୍ଷ ଦେଶରେ ପରିଧାନ କରୁଥିବା ମାଳ ଓ ଅଳଙ୍କାର ସହିତ ସେମାନେ ବେଳମାଳ, ବାଉଁଶମାଳି, ଗୁଂଜରମାଳି, ଗୁଂଜରପୋକ, କାଇଁଚ ଇତ୍ୟାଦି ଉପକରଣରୁ ମାଳି ପ୍ରସ୍ତୁତ କରି ବ୍ୟବହାର କରିଥା'ନ୍ତି। ଉପଯୁକ୍ତ ବନ୍ୟଜାତ ଉପାଦାନ ଗୁଡ଼ିକ ସଂଗ୍ରହ କରି ଅବସର ସମୟରେ ଆଦିବାସୀ ଯୁବତୀମାନେ ନିଜର ରୁଚି ଅନୁସାରେ ପ୍ରସ୍ତୁତ କରନ୍ତି। ଏହା ବ୍ୟତୀତ ବିଭିନ୍ନ ରଙ୍ଗର କାଚ ଗୋଲି, ପୋହଳା, ଜଉଗୋଲି, କଉଡ଼, ଗୋଟିନା, ଟଙ୍କା, ବିଭିନ୍ନ ରଙ୍ଗର ସୂତା, ତମ୍ବାପଇସା ଇତ୍ୟାଦିକୁ ଖଞ୍ଜି ପାଟଫୁଲି, ହାର, ବାଜୁବନ୍ଧ, ଥୋପ ଇତ୍ୟାଦି ତିଆରି କରନ୍ତି। ସେ ଗୁଡ଼ିକର ନିର୍ମାଣ କୌଶଳରେ ନିଜର ଆକର୍ଷଣୀୟ କଳା ରୁଚି ପ୍ରୟୋଗ କରି ସୁନ୍ଦର କରିଥା'ନ୍ତି। ଏସବୁ ଅଳଙ୍କାର କେତେକ ଜନଜାତି - କାରିଗରମାନେ ପ୍ରସ୍ତୁତ କରି ହାଟରେ ମଧ୍ୟରେ ବିକ୍ରି କରନ୍ତି।





ଧାତବ ଅଳଙ୍କାର ମଧ୍ୟରେ ପିତଳର ସରୁ ତାରର ମୁଦିଆକୁ ଖଞ୍ଜି ବେକରେ ବ୍ୟବହାର କରିବା ପାଇଁ ଏକ ପ୍ରକାର ମାଳି ତିଆରି କରନ୍ତି। ପିତଳ ଓ ରସର ମୋଟା ମୋଟା ମାଳି, ନାନା କାରୁକାର୍ଯ୍ୟ କ୍ଷୁଦ୍ରାକୃତି ବଳୟ ସହ ମୋଟା ସୂତାରେ ଗୁନ୍ଥା ହୋଇଥାଏ। ହାତରେ ବ୍ୟବହାର କରୁଥିବା କେତେକ ଖଡୁରେ ମଧ୍ୟ ସରୁ ତାର ଜାଲି ଦ୍ୱାରା ନକ୍ସା ମାନ ପ୍ରସ୍ତୁତ ହୋଇଥିବାରୁ ସୁନ୍ଦର ଦେଖାଯାଏ । ସେମାନେ ସେଥିରେ ନିଜର କଳା ରୁଚି ପ୍ରୟୋଗ କରି ସୁନ୍ଦର କରିଥା'ନ୍ତି।



ଆଦିବାସୀମାନେ ନୃତ୍ୟଗୀତ ପ୍ରିୟ । ଚିତ୍ରକଳା ପରି ନୃତ୍ୟକଳା ମଧ୍ୟ ସେମାନଙ୍କ ସାମାଜିକ ଜୀବନର ଏକ ଉଲ୍ଲାସମୟ ମୁହୂର୍ତ୍ତ। ସେମାନେ ନାଚି ନାଚି ବିଭୋର ହୋଇଯାନ୍ତି । ନୃତ୍ୟକଳା ସହିତ ସଂଗୀତକଳାକୁ ଏକତ୍ର ପରିବେଷଣ କରି, ସେମାନେ ଜୀବନକୁ

ରସମୟ କରି ଆନନ୍ଦ ଉପଭୋଗ କରନ୍ତି । ଏହି ନୃତ୍ୟଗୀତର ଆରମ୍ଭ ପୂର୍ବରୁ ଆଦିବାସୀ ଯୁବକ ଯୁବତୀମାନେ ନିଜ ଶରୀର ସଜ୍ଜାପ୍ରତି ବିଶେଷ ଯତ୍ନବାନ ହୋଇଥା'ନ୍ତି । ବିଭିନ୍ନ ପ୍ରକାର ଅଂଗ ଭୂଷଣରେ ମଧ୍ୟ ସ୍ୱହସ୍ତର କଳା ଚାତୁରୀ ଫୁଟି ଉଠିଥାଏ ।

ଆଦିବାସୀ ନର୍ତ୍ତକମାନେ ନାନାପ୍ରକାର ପାଗ ଭିଡ଼ିଥାନ୍ତି । ଏହି ପାଗ ଗୁଡ଼ିକରେ ବିଭିନ୍ନ ପକ୍ଷୀର ରଂଗୀନ ପର, ମୟୁର ଚନ୍ଦ୍ରିକା , ହରିଣ ଶିଙ୍ଘ , ମଇଁଷି ଶିଙ୍ଗ, କଉଡ଼ି ମାଳ , କାଇଁଚ ମାଳ ଇତ୍ୟାଦି ଖଞ୍ଜା ହୋଇଥାଏ । ତାହାକୁ ଦେଖିଲେ ମନରେ କୌତୁହଳ ଆସେ । ଯାହାକୁ କଳାପ୍ରେମୀ ଦର୍ଶକମାନେ ଦେଖି ଆତ୍ମ ବିଭୋର ହୋଇଯା'ନ୍ତି ।

ଅଳଙ୍କାର ଓ ପାଗ ବ୍ୟତୀତ ପୁରୁଷ ଆଦିବାସୀମାନେ ନୃତ୍ୟ ସମୟରେ ନାନା ପ୍ରକାର ମୁଖା ମଧ୍ୟ ବ୍ୟବହାର କରନ୍ତି । ମୁଖା ନୃତ୍ୟର ଏକ ଅଭିନୟ ସାମଗ୍ରୀ ରୂପେ ଗୃହୀତ ହୋଇଥାଏ । ଏସବୁ କହିବାର ତାତ୍ପର୍ଯ୍ୟ ଏହି ଯେ, ନୃତ୍ୟଗୀତ ସହିତ ଚିତ୍ରକଳାର ମୌଳିକ ରୀତି କିପରି ଓତଃପ୍ରୋତଃ ଭାବେ ଜଡ଼ିତ । ନୃତ୍ୟର ଅବ୍ୟବହିତ ପୂର୍ବରୁ ଶରୀର ସଜ୍ଜା ନିମନ୍ତେ କଳାର ସୃଜନାତ୍ମକ କୃତୀ ଏବଂ ନିଜସ୍ୱ କଳାବୋଧକୁ ବ୍ୟାବହାରିକ ବସ୍ତୁ ମାଧ୍ୟମରେ ପ୍ରକାଶ କରିବାର ଯେଉଁ ପାରମ୍ପରିକ କୌଶଳକୁ ପ୍ରୟୋଗ କରନ୍ତି, ତାହା ହିଁ ବିଚାର କରିବାର କଥା । ସେମାନଙ୍କର କଳାପ୍ରତିଭା ଯେ ଏକାନ୍ତ ନିଜସ୍ୱ ଏହାର ପ୍ରମାଣ ଆମେ ସେମାନଙ୍କର କଳାତ୍ମକ କ୍ରିୟାରୁ ଜାଣିବାକୁ ପାଇଥାଉଁ । ମୁଖା ଗୁଡ଼ିକର ଆକୃତି ଜୀବଜନ୍ତୁ , ରାକ୍ଷସ ଓ ଭୂତ ପ୍ରେତଙ୍କର କଳ୍ପିତ ରୂପାୟନ । ଏହା ମୁଖରେ ଧାରଣ କରି ନୃତ୍ୟାଭିନୟ କରିବା ଏକ ପାରମ୍ପରିକ ପ୍ରଥା । ଏହାର ବ୍ୟବହାରରେ ଦର୍ଶକମାନଙ୍କର ମନୋରଂଜନ ହୋଇଥାଏ । କହିବା ବାହୁଲ୍ୟ, ସେମାନେ 'ସୃଜନାତ୍ମକ କଳା' (Creative Art) ସୃଷ୍ଟି କରିବାରେ ଧୁରନ୍ଧର । ଏସବୁ କଳାଶିଳ୍ପ କରିବାପାଇଁ ସେମାନଙ୍କୁ କୌଣସି ଜିନିଷ ହାଟ ବଜାରରୁ ପ୍ରାୟ କିଣିବାକୁ ପଡ଼େ ନାହିଁ । ସେମାନଙ୍କର ମୂଳବସ୍ତୁ ହେଲା ଲାଉତୁମ୍ବା, କାଠ, ପତ୍ର , କୁଟା , ପଶୁପକ୍ଷୀଙ୍କ ଲୋମ ଓ ପରି, କଉଡ଼ି, ଧାନ, ଗହମ, ଜହ୍ନିମଂଜି, କନିଅରମଂଜି ଇତ୍ୟାଦି । ଏ ସମସ୍ତ ଉପକରଣ ସଂଗ୍ରହ କରି ସେମାନେ ବହୁ ପ୍ରକାର ହସ୍ତି ଶିଳ୍ପ -ସାମଗ୍ରୀ ପ୍ରସ୍ତୁତ କରିଥା'ନ୍ତି । ପ'ରେ ଏସବୁ ବିଭିନ୍ନ ଉତ୍ସବ, ଅନୁଷ୍ଠାନ ଏବଂ ପର୍ବ ପର୍ବାଣିରେ ବ୍ୟବହାର କରି ଆନନ୍ଦ ପାଇଥା'ନ୍ତି । ଏପରି କଳାତ୍ମକ କାର୍ଯ୍ୟ କଳା ପରମ୍ପରା କ୍ରମେ ଆଦିବାସୀ ସମାଜରେ ପ୍ରତିଫଳିତ ।



ନୃତ୍ୟ ସମୟରେ ଯେଉଁ ପୋଷାକପତ୍ର ସେମାନେ ବ୍ୟବହାର କରନ୍ତି, ସେଥିରେ ନାନା ପ୍ରକାର ମାଳି, କଉଡ଼ି, କାଚ ଇତ୍ୟାଦି ଖଞ୍ଜା ଯାଇଥାଏ । ସାଧାରଣତଃ କୋୟାନୃତ୍ୟରେ ସ୍ତ୍ରୀମାନଙ୍କର ରଂଗୀନ ଶାଢ଼ୀରେ ଏସବୁ ଖଞ୍ଜା ଯାଇ ସୁନ୍ଦର ଦେଖାଯାଏ । ଆଦିବାସୀ କଳା ମଧ୍ୟରେ ଏ ପ୍ରକାର ଚୈତ୍ରିକ ଅଭିବ୍ୟକ୍ତି କଳା ସୃଷ୍ଟିର ଅନ୍ୟ ଏକ ଉଦାହରଣ ।

ଜୀବନକାଳ ମଧ୍ୟରେ ସେମାନେ ବହୁ କଳାତ୍ମକ ସାମଗ୍ରୀ ସୃଷ୍ଟି କରିଥା'ନ୍ତି । ମୃତ ଲୋକର ସ୍ମୃତକୁ ଉଦ୍‌ଜୀବିତ କରି ରଖିବା ପାଇଁ ସେମାନେ କାଠରେ ସମାଧି କରି ଗ୍ରାମ ମୁଣ୍ଡରେ ପୋତି ଦିଅନ୍ତି । ଏହି କାଠରେ ମଧ୍ୟ ନିହଣରେ ଖୋଦିତ ନକ୍‌ସା କରାଯାଇଥାଏ । ସେମାନେ ସେମାନଙ୍କର ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସେ ସ୍ମୃତି ସ୍ତମ୍ଭ ଦେହରେ ଚିତ୍ରମାନ ଖୋଦାଇ

କରିଥା'ନ୍ତି । ସେ ସ୍ତମ୍ଭର ଚୈତ୍ରିକ ସଙ୍କେତର ତନ୍ତ୍ରର ପ୍ରଭାବ ପରିଲକ୍ଷିତ ହୋଇଥାଏ । ମୃତ ଲୋକର ସମାଧି ବ୍ୟତୀତ କାଷ୍ଠର ଖୋଦିତ ନକ୍ସା ଘର ସ୍ତମ୍ଭ, ଦୁଆରବନ୍ଧ, କବାଟରେ ମଧ୍ୟ ଦେଖିବାକୁ ମିଳେ । କେତେକ ଆଦିବାସୀଙ୍କର ମୁଖ୍ୟପର୍ବ ବିଶେଷ କରି କନ୍ଧ ସମାଜର ମେରିଆପର୍ବରେ ପଶୁବଳି ଦେବା ସମୟରେ ଯେଉଁ ଯୂପକାଷ୍ଠବ୍ୟବହାର କରାଯାଏ, ତା' ଦେହରେ ମଧ୍ୟ ଚିତ୍ର ଖୋଦନ କରା ଯାଇଥାଏ । ପୂଜାପୀଠରେ ମଧ୍ୟ ଝୋଟିଚିତ୍ର ଆଙ୍କି ମନ୍ତ୍ରୋଚ୍ଚାରଣ କରିବା ପଛରେ କଳାର ଏକ ରହସ୍ୟମୟ ଅଭିବ୍ୟକ୍ତି ପ୍ରଛନ୍ନ ଭାବେ ନିହିତ ।



ଲାଉରେ କଳାତ୍ମକ ସାମଗ୍ରୀ



ନିତିଦିନିଆ ଜୀବନରେ ଅନେକ ଅଭ୍ୟାସରତ ନିଶାପ୍ରିୟ ଲୋକଙ୍କର ଅଭାବ ନଥାଏ ସେପରି ପାନ ଖାଇବା , ମଦପିଇବା, ହାଣ୍ଡିଆ ପିଇବା, ଧୂଆଁ ଟାଣିବା ଇତ୍ୟାଦିର ଅଭ୍ୟାସ କର୍ମକ୍ଳାନ୍ତ ଶରୀରକୁ ସତେଜ ରଖିବା ପାଇଁ ଉଦ୍ଦିଷ୍ଟ, ଏପରି ମାଦକ ଦ୍ରବ୍ୟର ମୋହ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତଙ୍କଠାରେ ଦେଖା ଦେଇଥାଏ । ଏ ପ୍ରକାର ଅଭ୍ୟାସ ଅବଶ୍ୟ ସାଧାରଣ । ମାତ୍ର ଏସବୁ ଜିନିଷକୁ ସାଇତି ରଖିବା ପାଇଁ ଯେଉଁ ଅବଧାରକ ଉପାଦାନ ଦରକାର, ସେମାନେ ସେଥିପ୍ରତି ଖୁବ୍ ଯତ୍ନଶୀଳ । ଅଣ୍ଟାରେ ଧୂଆଁପତ୍ର ଡବା , ନାସଦାନୀ, ହାଣ୍ଡିଆ ପରଷିବା ପାଇଁ ଲାଉଡ଼ଙ୍କି ଇତ୍ୟାଦି ନାନା ଢ଼ଙ୍ଗରେ ପ୍ରସ୍ତୁତ କରନ୍ତି । ଧୂଆଁ ପତ୍ର ଡବା ଓ ନାସଦାନୀ ନିଜ ହାତରେ ତିଆରି କରି ଆପଣାର ପ୍ରିୟ ସୌଖୀନ ବସ୍ତୁକୁ କମକୁଟ କରି ପାଖେ ପାଖେ ରଖିବାକୁ ଖୁବ୍ ପସନ୍ଦ କରନ୍ତି । ଆଉ କେହି କେହି ଏ ପ୍ରକାର ତିଆରି ସୌଖିନ ଜିନିଷକୁ ବନ୍ଧୁ ବାନ୍ଧବରେ ଦିଆନିଆ ହୁଅନ୍ତି । ଜଣେ ବନ୍ଧୁ ଅନ୍ୟ ଜଣେ ବନ୍ଧୁକୁ ମନେ ରଖିବାପାଇଁ ଏପରି କରିଥାଏ । ନିଜର କଳା-ଅଭିରୁଚି ଅନୁସାରେ ସବୁ ଜିନିଷ ପ୍ରସ୍ତୁତ କରି ନିଜେ ଆନନ୍ଦ ପାଇଥାନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ନିଜ ଆନନ୍ଦରେ ସାମିଲ କରି ବନ୍ଧୁତ୍ୱ ବଜାୟ ରଖନ୍ତି ।



କୁଆଙ୍ଗ ଘରର ଖୋଦିତଖମ୍ବ

ଭାରତୀୟ ଆଦିମ କଳାର ରୂପରେଖ ଏହି କ୍ଷୁଦ୍ର ବସ୍ତୁରେ ରୂପାୟିତ ହୋଇଥିବାର ଦେଖାଯାଏ । କୁଟିଆ କନ୍ଧମାନେ ଧୂଆଁପତ୍ର ନଳୀ ଉପରେ ନାନା ପ୍ରକାର ଚିତ୍ର ଆଙ୍କି ସୁନ୍ଦର କରିଥା'ନ୍ତି । ବ୍ୟବହାର ସମୟରେ ନିଜ କଳାକୁ ଯେପରି









ବାରମ୍ବାର ଦେଖିବାକୁ ଇଛା ହୁଏ , ବୋଧ ହୁଏ ସେହି ଅଭିପ୍ରାୟରେ ଅଣ୍ଟାରେ ଖୋସିଥିବା ଦ୍ରବ୍ୟର ମୋହ ଭୁଲି ହୁଏନାହିଁ। ଏ ସମସ୍ତ କ୍ଷୁଦ୍ର ଦ୍ରବ୍ୟରେ ଯେଉଁ ଅଂକନ ଶୈଳୀ ନିହିତ, ତାହାର ମୌଳିକ ରୂପରେଖ ରାଜରାଜୁଡ଼ାଙ୍କ ର ବିଳାସ ଦ୍ରବ୍ୟ ଚିତ୍ରାବଳୀ ସାଜସଜାରେ ଦେଖିବାକୁ ମିଳିଥାଏ । ତେଣୁ ଆଦିବାସୀ କଳାର ଅନ୍ତର୍ନିହିତ ଭାବଧାରା କେତେ ମହୀୟାନ ଓ ପରମ୍ପରା ସର୍ବସ୍ୱ ତାହା ବିଚାର କରିବାର କଥା ।

ଏହା ବ୍ୟତୀତ ଆହୁରି ସୌଖୀନ ପଦାର୍ଥକୁ ସେମାନେ କାରୁକାର୍ଯ୍ୟ ପୂର୍ଣ୍ଣ କରିବାକୁ ଛାଡ଼ନ୍ତି ନାହିଁ। ମଦ୍ୟ, ହାଣ୍ଡିଆ ଇତ୍ୟାଦି ପରଷିବା ପାଇଁ ଯେଉଁ ଲାଉର ଡଙ୍କି ସେମାନେ ବ୍ୟବହାର କରନ୍ତି ତାହା ପିତାଲାଉ । ସେ ଲାଉର ଫୁଲା ଅଂଶକୁ ଉପରୁ ଅଳ୍ପ କାଟି ଡଙ୍କି କରିଥା'ନ୍ତି ଓ ଧରିବା ପାଇଁ ହେଣ୍ଡଲ ମନକୁ ମନ ହୋଇଥାଏ ।

ମାପ ଓ ଓଜନ ସେମାନେ ଏକ ପ୍ରକାର ମାଣ ବ୍ୟବହାର କରନ୍ତି । ଏହି ମାଣ ପିତଳରେ ତିଆରି ହୋଇଥାଏ । କେହି କେହି ବାଉଁଶରେ ମଧ ଏହି ମାଣ ତିଆରି କରିଥାନ୍ତି । ଏହି ମାଣରେ ଚିନାବାଦାମ, କାନ୍ଦୁଲ , ମହୁଲ, ମାଣ୍ଡିଆ, ଧାନ ଇତ୍ୟାଦି ମପାଯାଏ । ମାଣ ଉପରେ ନାନା ପ୍ରକାର ଡାଳି , ଲତା , ଫୁଲ ଇତ୍ୟାଦି ଚିତ୍ର କରାଯାଇଥାଏ । କଳାଦୃଷ୍ଟିରୁ ବିଚାର କଲେ ,ଏ ଗୁଡ଼ିକର କଳାତ୍ମକମାନ ଯଥେଷ୍ଟ ଉଚ୍ଚରେ ।

ଆଦିବାସୀ ସମାଜରେରେ ଧର୍ମମୂଳକ କ୍ରିୟାନୁଷ୍ଠାନ ହେଉଛି, ତାଙ୍କର ବାର୍ଷିକ ପର୍ବପର୍ବାଣି । ଏହାରି ମାଧ୍ୟମରେ ସେମାନେ ନୃତ୍ୟ କଳା, ସଂଗୀତ କଳା ଓ ଚିତ୍ରକଳାର ସଦୁପଯୋଗ କରିଥା'ନ୍ତି । ସେମାନଙ୍କର ରୁଚିର ପରଖ ତଥା ସୌନ୍ଦର୍ଯ୍ୟାନୁଭୂତିର ବିକାଶ ସମ୍ପର୍କରେ ଜାଣିବାକୁ ହେଲେ ସେମାନଙ୍କର ଜୀବନଯାତ୍ରା ପ୍ରଣାଳୀକୁ ଅନୁଧାନ କରାଯାଇପାରେ । ବିଶେଷ କରି କୃଷିର ଅଭିବୃଦ୍ଧି ନିମନ୍ତେ ଉକ୍ତ ପର୍ବପର୍ବାଣି, ପୂଜାନୁଷ୍ଠାନ ଇତ୍ୟାଦି ପାଳିତ ହୋଇଥାଏ । ତା'ଛଡ଼ା ବିବାହ ଉତ୍ସବ, ପ୍ରେତ ସନ୍ତୁଷ୍ଟ ଇତ୍ୟାଦି ମାଧ୍ୟମରେ ନିଜର କଳାଚର୍ଯ୍ୟା ପରୋକ୍ଷରେ ସମ୍ପାଦିତ ହୋଇଥାଏ । ଅବଶ୍ୟ କଳା-ଚାତୁରୀର ପ୍ରୟୋଗ ଏବଂ ଏହାର ପ୍ରଚ୍ଛନ୍ନ ଚିନ୍ତାଧାରା ସେମାନଙ୍କୁ ଅବିଦିତ । ସେମାନେ ସ୍ୱତଃପ୍ରବୃତ୍ତ ଭାବେ କଳାକୁ ଭଲ ପାଆନ୍ତି , କାହାକୁ ଗର୍ବର ସହିତ ଦେଖାଇବାକୁ ନୁହେଁ । କାରଣ,

ସେମାନଙ୍କ ଜୀବନ ଉତ୍ସବ ମୁଖର । ଦୁଃଖ ଯନ୍ତ୍ରଣା ଓ ଅଭାବ ମଧ୍ୟରେ ଜୀବନକୁ ଜର୍ଜରିତ କରିବାକୁ ସେମାନେ ଚାହାନ୍ତି ନାହିଁ। ଅନେକ ଆଦିବାସୀ ସଂଗୀତର ଭାବକୁ ଅନୁଶୀଳନ କରି ଦେଖାଯାଇଛି ଯେ ସେମାନଙ୍କର ସରଳ ଜୀବନ ଯାପନ ପ୍ରଣାଳୀ; ସୁଖ ଓ ସମୃଦ୍ଧିରେ ଦିଗରେ ସାହାଯ୍ୟ କରିଛି । ଜୀବନକୁ ସଂଗୀତମୟ କରିବା ପାଇଁ ସେମାନେ କଳାକୁ ପ୍ରୟୋଗ କରି ଚାଲିଛନ୍ତି । କାହାଠାରୁ ବିଧିବଦ୍ଧ ଭାବରେ ଶିକ୍ଷା କରି ନୁହେଁ । ଗବେଷକମାନଙ୍କର ଦୃଷ୍ଟିରେ ସଂଗୀତକଳା, ନୃତ୍ୟକଳା ଓ ସର୍ବୋପରି ଚିତ୍ରକଳାର ପ୍ରାୟୋଗିକ ମହତ୍ତ୍ୱ ଆଦିବାସୀ ସଭ୍ୟତାର ମୂଳମନ୍ତ୍ର ରୂପେ ଗୃହୀତ ହୋଇଥାଏ ।



ଦେଶିଆ କନ୍ଧଙ୍କ ହାତୀ ଦୀପ

ବିବାହ ପରି ଏକ ସର୍ବଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ ମଧ୍ୟରେ ଆଦିବାସୀ ପରିବାରର କଳା ରୁଚି ପ୍ରତିଫଳିତ ହୋଇଥାଏ । କାହାକୁ କେଉଁ ପ୍ରକାର ଜିନିଷ ଭଲ ଲାଗେ, ସେଥି ନିମନ୍ତେ ପ୍ରତିଯୋଗିତା ହୋଇଥାଏ । ସୌନ୍ଦର୍ଯ୍ୟାନୁଭୂତିର ପରଶ ମଧ୍ୟ ଏପ୍ରକାର କଳା । ବିବାହ ନିମନ୍ତେ ଦରକାର ହେଉଥିବା ଡାଲା, ଟୋକେଇ, ଦୀପରୂଖା, ମୁକୁଟ ଇତ୍ୟାଦି ନିଜ ରୁଚିର ପରଶରେ ପ୍ରସ୍ତୁତ ହୋଇଥାଏ । ଆନନ୍ଦ ଉଲ୍ଲାସର ମାତ୍ରାକୁ ବଢ଼ାଇବା ପାଇଁ ସେମାନେ ନିଜ ରୁଚିକୁ ମଧ୍ୟ ଉନ୍ନତ କରିଥାନ୍ତି ।



ଜୁଆଙ୍ଗ ରମଣୀ

ମୁକୁଟଗୁଡ଼ିକ ତାଳ କିମ୍ବା ଖଜୁରୀ ପତ୍ର, ଫୁଲ ଇତ୍ୟାଦିରେ ତିଆରି ହୋଇ ସୁନ୍ଦର ଦେଖାଯାଏ । ଲମ୍ବ ଘାସକୁ ଛନ୍ଦି ବେଣୀପରି କରି ମୁକୁଟ ଦୁଇ ପାଖରେ ଓହଳାଇ ଦିଆଯାଏ । ଡୋଲି ଦେହରେ ନାନା ପ୍ରକାର ଜୀବଜନ୍ତୁଙ୍କର ରୂପ ଖୋଦାଇ ହୋଇଥାଏ । ବେଦୀ ନିକଟରେ କାଷ୍ଠ ନିର୍ମିତ ଏକ ଖମ୍ବ ଦେହରେ ନିଜ ଗୋତ୍ରର ପ୍ରତିରୂପ ଖୋଦନ କରି ରଂଗ ଦ୍ୱାରା ଚିତ୍ରିତ କରିଥାନ୍ତି । କୌଣସି ପର୍ବପର୍ବାଣୀରେ ପୂଜା କରିବା ପୂର୍ବରୁ ପୀଠ ଉପରେ ଅରୁଆ ଚାଉଳ ଚୂର୍ଣ୍ଣ ରେ ଯନ୍ତ୍ର ଅଂକନ କରି ସିନ୍ଦୁର, ଫୁଲ ଇତ୍ୟାଦି ଦେଇ ପୂଜାରମ୍ଭ କରନ୍ତି । ଏହି ଯନ୍ତ୍ର ଅଂକନ ମଧ୍ୟ ଚିତ୍ରକଳାରେ ଏକ ଅଙ୍ଗ । ଯନ୍ତ୍ର ଅଂକନ ରହସ୍ୟ ପୂଜାରୀଙ୍କୁ ଜଣା । ଯନ୍ତ୍ର ଉପରେ ପୂଜା ସାମଗ୍ରୀ ରଖି ଦେବଦେବୀଙ୍କୁ ଆବାହନ କରିବା ପ୍ରଚଳିତ ପରମ୍ପରା । ଅଭୀଷ୍ଟ ସିଦ୍ଧି ନିମନ୍ତେ ପୂଜା ପାର୍ଥନା ଓ ବଳିଦାନ ବିଧି ସ୍ୱୀକୃତ, ମାତ୍ର ପୂଜା ପ୍ରାରମ୍ଭରୁ ଅଂକିତ ରେଖାଙ୍କନ ମଧ୍ୟରେ ନିହିତ । କଥାର ରହସ୍ୟ ତନ୍ତ୍ର ଶାସ୍ତ୍ରରେ ଉଲ୍ଲେଖ ଅଛି । ହିନ୍ଦୁ ଧର୍ମରେ ବିଭିନ୍ନ ଯାଗଯଜ୍ଞରେ ଯେଉଁ ଯନ୍ତ୍ରମଣ୍ଡଳ କଟାଯାଏ ତାହା ବୈଦିକ ବ୍ରାହ୍ମଣମାନେ ସମାହିତ କରିଥା'ନ୍ତି । ଆର୍ଯ୍ୟ ସମାଜରେ ଏହି କର୍ମ ବ୍ୟାପକ ହେଲେ ହେଁ, ଆଦିବାସୀ ସମାଜରେ ଉକ୍ତ ଯନ୍ତ୍ରର ଅଂକନ ଚୈତ୍ରିକ ଶୃଙ୍ଖଳା ମଧ୍ୟ ସେମାନଙ୍କର ଯନ୍ତ୍ର- ଅଂଙ୍କନରେ ସଂରକ୍ଷିତ ଓ



କନ୍ଧ ବଂଶୀ ବାଦକ



ଗୋପନୀୟ ମାତ୍ର ଉପୟଙ୍କର କଳାତ୍ମକ ରୂପରେଖ ସ୍ୱତନ୍ତ୍ର ହେଲେ ହେଁ, ସମ - ଅଭିପ୍ରେତ ଚିନ୍ତାଧାରାରେ ଏହା ପର୍ଯ୍ୟବସିତ ।

ଏହି ଯନ୍ତ୍ର ଅଙ୍କନ କରିବା ପୂର୍ବରୁ ପୂଜାପୀଠକୁ ଗୋ-ମୟରେ ଲିପାଯାଇ ଶୋଧନ କରାଯାଏ । ପୁରୋହିତ ନୂତନ ବସ୍ତ୍ର ପରିଧାନ କରି ଉପବାସ ପୂର୍ବକ ଅରୁଆ ଚାଉଳ ଚୂର୍ଣ୍ଣରେ ଚିତ୍ର କରିବା ଆରମ୍ଭ କରନ୍ତି ।

କାନ୍ଥରେ ଝୋଟି, ଚିତା ଲେଖିବା ଆଦିବାସୀ କଳାର ମୁଖ୍ୟ ପ୍ରସଙ୍ଗ ରୂପେ ଏଠାରେ ନିଆ ଯାଉଥିବାରୁ ପରବର୍ତ୍ତୀ ଅଧ୍ୟାୟରେ ବିଶଦଭାବେ ତାହା ଆଲୋଚିତ ହେବ । ଯେଉଁ କେତୋଟି ଆଦିବାସୀ ସମାଜର ଚିତ୍ରକଳା ଏକ ସ୍ୱଭାବ ସୁଲଭ ଶୈଳୀ, ସେମାନଙ୍କର ସଂକ୍ଷିପ୍ତ ଜୀବନଯାତ୍ରା ସହ ଚିତ୍ରକଳା କଥା ବର୍ଣ୍ଣନା କରାଯିବ ।

ଆଲୋଚ୍ୟ ପ୍ରସଂଗରେ କଳାର ବହୁବିଧ ରୂପରେଖ ସମ୍ପର୍କରେ ଆଲୋଚନା କରାଯିବାବେଳେ ଉପସଂହାରରେ ଏତିକି କୁହାଯାଇପାରେ ଯେ, ଆଦିବାସୀ ଜୀବନରେ ଉଲ୍ଲିଖିତ ସମସ୍ତ କଳାତ୍ମକ କ୍ରିୟା ସେମାନଙ୍କର ଏକ ସହଜାତ ପ୍ରବୃତ୍ତି କହିଲେ ଅତିରଞ୍ଜିତ ହେବ ନାହିଁ । ସୁଖରେ ହେଉ, ଦୁଃଖରେ ହେଉ, ଏ ସମସ୍ତ ପରିସ୍ଥିତିର ବଶବର୍ତ୍ତୀ ହୋଇ ମଧ କଳାକୁ ସେମାନେ ଆପଣାର ଜୀବନ ଯାତ୍ରା ସହିତ ସାଥୀକରି ରହିଥା'ନ୍ତି ।

ଆରିଷ୍ଟଟଲ୍ ଯଥାର୍ଥରେ କହିଛନ୍ତି, "ଆନନ୍ଦ ପ୍ରଦାନ କରିବା ହିଁ କଳା ସୃଷ୍ଟିର ଉଦ୍ଦେଶ୍ୟ, ଏବଂ ଚିତ୍ତ ବିନୋଦନର ଏହା ଏକ ପ୍ରକୃଷ୍ଟ ମାଧମ ।" ପୁନଶ୍ଚ କଳା ଏପରି ଏକ ଐଶୀ-ଶକ୍ତି; ଯାହାକି ବର୍ତ୍ତମାନର କ୍ରିୟା କଳାପ ଓ ସମସାମୟିକ, ସାମାଜିକ ଜୀବନର ଏକ ପ୍ରତିଫଳନ । କଳାକୁ ନେଇ ସଂସ୍କୃତି, କଳାକୁ ନେଇ ସଭ୍ୟତା ଓ କଳାକୁ ନେଇ ମାନବ ଜୀବନର ସାର୍ଥକତା ।





ଅତୀନ୍ଦ୍ରିୟ ଚେତନା ମଧ୍ୟକୁ ଏହି କଳା ପରିବ୍ୟାପ୍ତ ହେଲେ ତାହାର ମୂଲ୍ୟ ବହୁଗୁଣ ବଢ଼ିଯାଏ । ଏହି ଚେତନା ଜାଗରୁକ ହେଲେ ଜୀବନ ହୁଏ କଳାମୟ । ସାଧାରଣ ଜୀବନରେ ପ୍ରତ୍ୟେକ ସ୍ତରରେ କଳାର ବ୍ୟାପ୍ତି ଘଟିଥାଏ । ଆଦିବାସୀ କଳାର ତାତ୍ତ୍ୱିକ ବିଶ୍ଳେଷଣ ତଥା ଅନୁଶୀଳନ ଦ୍ୱାରା ଅନେକ ରହସ୍ୟମୟ ତଥ୍ୟ ଉଦ୍‌ଘାଟିତ ହୋଇପାରିବ ।

ସେମାନଙ୍କର ବ୍ୟକ୍ତିଗତ ଅନ୍ତର୍ନିହିତ କଳାପ୍ରାଣତା, ସ୍ମୃତିସାମ୍ୟତା ତଥା କର୍ମ-ଭିତ୍ତିକ କଳାକୁଶଳତା ସମ୍ପର୍କରେ ବହୁତଥ୍ୟ ଏ ପର୍ଯ୍ୟନ୍ତ ଅନୁଦ୍‌ଘାଟିତ । ବହୁ ପ୍ରାଚୀନ କାଳରୁ କଳାକୁ ଗ୍ରହଣ କରି ଆସିଥିବା ଏହି ଆଦିମ ସମାଜର ରୀତିନୀତି, ଆଚାରବିଚାର, ପ୍ରଥା - ପରମ୍ପରାପୁଷ୍ଟ କଳାବୋଧର ନୈତିକ ମୂଲ୍ୟାୟନ ଆଜିର ସମଜରେ ଅତି ଜରୁରୀ ହୋଇ ପଡ଼ିଛି । ଏଇ କଳା ପିପାସୁ ସରଳପ୍ରାଣ ଆଦିବାସୀଙ୍କଠାରୁ ବହୁ କଥା ଜାଣିବାକୁ ଅଛି । ସେମାନେ ନିଜେ ମଧ୍ୟ ଜାଣନ୍ତି ନାହିଁ ଏଇ କଳା ପ୍ରେରଣା ସେମାନେ ପାଇଲେ କେଉଁଠୁ ? ଯେଉଁ କଳାର ଉଲ୍ଲାସରେ ସେମାନେ ସଂଗୀତ ଭାବର ମୂର୍ଚ୍ଛନା ତୋଳନ୍ତି ନୃତ୍ୟର ତାଳେ ତାଳେ ବିଭୋର ହୋଇଯା'ନ୍ତି । ହୃଦୟର ଅନ୍ତରତମ ପ୍ରଦେଶରୁ ମନର ପ୍ରଚ୍ଛନ୍ନ ଭାବରକୁ ଆଲେଖ୍ୟ ମାଧ୍ୟମରେ ପରିସ୍ଫୁଟ କରନ୍ତି, ତାଙ୍କର ଏପରି କଳାତ୍ମକ ଚିନ୍ତାଧାରା କଥା ବିଚାର କଲେ ସେମାନେ ଯେ "କଳା ପାଇଁ କଳାର ସାଧନା କରୁଛନ୍ତି" ଏ କଥା ସାଧାରଣରେ କଥିତ ହେଲେ ମଧ୍ୟ ସର୍ବାଦୌ ବିଶ୍ୱାସ ଯୋଗ୍ୟ ନୁହେଁ ।

କଳାର ଅର୍ଥ 'ବ୍ୟାପକ' ଜୀବନଯାତ୍ରାର ଅଙ୍ଗ ସ୍ୱରୂପ ଯେଉଁ କଳା ପାରିବାରିକ ତଥା ସାମାଜିକ ଚଳଣୀ ସହିତ ଘନିଷ୍ଠ ସମ୍ପର୍କ ରକ୍ଷାକରି ଆସୁଛି , ସେ କଳା ହିଁ ପ୍ରୟୋଜନାତ୍ମକ କଳା । ସେହି କଳା ସୃଷ୍ଟି କରିବା ପାଇଁ ମନୁଷ୍ୟ କଳାର ସାଧନା କରି ଚାଲିଥାଏ । ସୌନ୍ଦର୍ଯ୍ୟାନୁଭୂତି ସେମାନଙ୍କ ମନରୁ ଆପେ ଆପେ ଜନ୍ମ ନିଏ । କଳାର ବିଚାର ଧାର ସେମାନଙ୍କ ମନରେ କଦାପି ପ୍ରତିଦ୍ୱନ୍ଦିତା ଭାବ ଆଣି ନାହିଁ । କଳାଚର୍ଚ୍ଚା କରିବାକୁ ବିଧିବଦ୍ଧଭାବେ କଳା ଶିକ୍ଷାୟତନକୁ ଯିବାକୁ ସୁଯୋଗ କିମ୍ବା ଅବସର ନାହିଁ କି ପ୍ରୟୋଜନ ମଧ୍ୟ ନାହିଁ । ସେମାନେ ନିଜେ କଳାର ସ୍ରଷ୍ଟା , କଳାସୃଷ୍ଟିର ରସଗ୍ରାହୀ । ସ୍ଥୂଳତଃ କହିବାକୁ ଗଲେ ସେମାନଙ୍କର ଏତାଦୃଶ କଳା - କାରିଗରୀ ଜ୍ଞାନ ଏକ ସ୍ୱୟଂ ଚାଳିତ ମାନସିକତାର ପ୍ରୋତ୍ସାହନ ଦ୍ୱାରା ସର୍ବଦା ଗତିଶୀଳ ।



ସାଧାରଣଙ୍କ ଦୃଷ୍ଟିରେ କଳା ଏବଂ କଳାରସିକଙ୍କ ଦୃଷ୍ଟି କଳା ସର୍ବତ୍ର ସମାନ ନୁହେଁ । ଏ କଥାର ଉଦ୍ଦେଶ୍ୟ ହେଉଛି, ଜନ ସାଧାରଣ ଆଦିବାସୀ କଳାକୁ କୌଣସି ଗୁରୁତ୍ୱ ଦିଅନ୍ତି ନାହିଁ । ପ୍ରତ୍ୟେକଙ୍କ ଦୃଷ୍ଟିକୁ ଅନ୍ୟମାନଙ୍କ ଦ୍ୱାରା ସେ କଳାର ମହନୀୟତା ଉପସ୍ଥାପିତ କରାଇଲେ ରସହୀନ ଦର୍ଶକଟିଏ ହୁଏତ ବୁଝିପାରିବ ନାହିଁ , ମାତ୍ର କଳା ରସିକ ଆପେ ଆପେ ବୁଝିପାରିବ । କାରଣ , ସେମାନଙ୍କର କଳା ସରଳ ହେଲେ ହେଁ ଅର୍ଥ ବ୍ୟଞ୍ଜକ, ରୁଚିପୂର୍ଣ୍ଣ , ରକ୍ଷଣଶୀଳ ଓ ପରମ୍ପରା ସଂଯତ ।



ଓଡ଼ିଶା ଏକ କଳାପ୍ରସିଦ୍ଧ ରାଜ୍ୟ । ଏ ରାଜ୍ୟ ଅନ୍ୟାନ୍ୟ ଅଞ୍ଚଳରେ ଯେଉଁ କଳା କାରିଗରୀର ନମୂନା ଅଛି ସେ ସବୁର ସୃଷ୍ଟି ସମାଜର ସଭ୍ୟ ଶ୍ରେଣୀ ଦ୍ୱାରା ପ୍ରକୀର୍ତ୍ତିତ । ଅତୀତ ଓଡ଼ିଶାର କଳା -ଗାରିମା ଯେଉଁ ଶିଳ୍ପୀମାନଙ୍କ ଦ୍ୱାରା ପ୍ରଖ୍ୟାତ ହୋଇଥିଲା, ସେମାନଙ୍କ ମଧ୍ୟରେ ଆଦିବାସୀ ଶିଳ୍ପୀଙ୍କ ସତ୍ତା ନାହିଁ । ପରିମାର୍ଜ୍ଜିତ ବୈଷୟିକ ସଭ୍ୟତାଠାରୁ ଦୂରରେ ଥାଇ ଆଦିବାସୀ ଶିଳ୍ପୀ ସେହିପରି କଳା -ସୃଷ୍ଟି କରୁଥିଲା ଏବେ ବି କରୁଛି । ମାତ୍ର କଳା ରସିକ ସମ୍ଭ୍ରାନ୍ତ ପୃଷ୍ଠପୋଷକ ମାନେ ସେ ସମୟରେ ସେମାନଙ୍କୁ ଚିହ୍ନିପାରି ନଥିଲେ । ସେମାନେ ଅସଭ୍ୟ, ବନବାସୀ, ଅଜ୍ଞେୟ ହୋଇଥିବାରୁ ଲୋକ ଲୋଚନର ଅନ୍ତରାଳରେ ରହିଗଲେ ସିନା , ମାତ୍ର ସେମାନଙ୍କର ଲୁକ୍‌କାୟିତ ସଫଳ ସୃଷ୍ଟିକୁ ଯେ ଉପଜୀବ୍ୟ କରି ଆଜିର ସଭ୍ୟ ସମାଜରେ କଳା-ସଂସ୍କୃତି ପରିପୁଷ୍ଟ ହୋଇଛି ; ସେ କଥା ହୁଏତ ଆମେ ଭୁଲିଯିବା ଉଚିତ ହେବ ନାହିଁ ।



## ଦ୍ୱିତୀୟ ଅଧ୍ୟାୟ

# ସଉରା ଚିତ୍ରକଳା : ଇଡ଼ିତାଲ

### ସଂକ୍ଷିପ୍ତ ପରିଚୟ :



ଓଡ଼ିଶାର ଆଦିବାସୀମାନଙ୍କର ମଧ୍ୟରେ ଯେଉଁ କେତୋଟି ମୁଖ୍ୟ ଗୋଷ୍ଠୀ ରହିଛନ୍ତି, ସେମାନଙ୍କ ମଧ୍ୟରେ ସଉରା ଗୋଷ୍ଠୀ ଅନ୍ୟତମ । ଏହି ସଉରା ଗୋଷ୍ଠୀ ବହୁ ପ୍ରାଚୀନ କାଳରୁ 'ଶବର' ଭାବରେ ବିସ୍ତୃତ ଅଞ୍ଚଳରେ ବାସ କରି ଆସୁଥିଲେ । ଏବେ ଓଡ଼ିଶାର ପାରଳାଖେମୁଣ୍ଡି , ରାୟଗଡ଼ା ଜିଲ୍ଲାର ଗୁଣୁପୁର ସବ୍‌ଡିଭିଜନରେ ଅତି ଆଦିମ ସ୍ତରରେ ଲାଞ୍ଜିଆ ସଉରା ଗୋଷ୍ଠୀ ବାସ କରି ଆସୁଛନ୍ତି । ଗବେଷକମାନଙ୍କ ମତରେ ଏମାନେ ଅଷ୍ଟ୍ରିକ ସମ୍ପ୍ରଦାୟର ଓ ମୁଣ୍ଡାରୀ ଭାଷାଭାଷୀ ଅନ୍ତର୍ଗତ ।



### ଜନବସତି :

୨୦୦୧ମସିହା ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା.୪,୭୩ ,୨୩୩ ଅଟେ ।ଏମାନେ ପାହାଡ଼ିଆ ଦୁର୍ଗମ ଅଞ୍ଚଳରେ ବସବାସ କରନ୍ତି । ରାୟଗଡ଼ା ଜିଲ୍ଲର ଗୁଣୁପୁର ନିକଟସ୍ଥ ଫୁଟାସିଂଗ୍ର ଆଖପାଖ ଅଞ୍ଚଳ ଯଥା - ପାତିଲି , ରେଜିଙ୍ଗ୍ ତାଲ, ଟଲଣା, ଡ଼ିଗରଜାଙ୍ଗ , ତାଲା ସିଂ,ଗୁଣର୍ବା, ଆପାଲ ସିଂ ଓ ମାନିଗୁଲୁ ପାହାଡ଼ର ଶୀର୍ଷ ଦେଶରେ ଲାଂଜିଆ ସଉରାମାନେ ବାସ କରନ୍ତି । ଏହା ବ୍ୟତୀତ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ନିକଟସ୍ଥ ଜଗନ୍ନାଥପୁର , ଶଗଡ଼ା, କଙ୍କରଡ଼ା, ବାଉଁଶୁରୀ, ଚକାଧର ଓ ଲାବର ସିଂ ଇତ୍ୟାଦି ଗ୍ରାମର ଅନ୍ୟ ଏକ ସଉରା ଗୋଷ୍ଠୀ ବାସ କରନ୍ତି । ସାମାଜିକ ସ୍ଥିତି କାରଣରୁ ଏମାନେ ସଉରା, ଶବର , ଲାଂଜିଆ,ଶଉରା, ଯାଦୁ , ମାନେ, ରାଇକ, ଶାରଦ୍, କିଣ୍ଡାଲ, ଆରସି , ଜୁରାଇ, କାଞ୍ଚେର, କୁରୁମ୍ବା, ସୁଧ, ଜାତି, ଜାରା ଓ କାମ୍ପୋ ଇତ୍ୟାଦି ଗୋଷ୍ଠୀ ବିଭାଗରେ ବାଣ୍ଟି ହୋଇ ବିଭିନ୍ନ ଜୀବିକା ଅବଲମ୍ବନ କରି ଚଳି



ସଉରା ଗ୍ରାମର ଏକ ଦୃଶ୍ୟ

ଆସୁଛନ୍ତି । ଏମାନେ ଗମାଙ୍ଗୋ, ଦଳବେହେରା, କାର୍ଯୀ, ଶବର ଇତ୍ୟାଦି ସାଇଙ୍ଗ୍ୟାରେ ପରିଚିତ ।

ଜୀବନଯାପନ ପ୍ରଣାଳୀ :

ଶବରମାନଙ୍କ ବିଭିନ୍ନ କର୍ମ ଅନୁସାରେ ଏପରି ବିଭାଗ କରାଯାଇଛି । ସେମାନେ ସାଧାରଣତଃ କୃଷି କର୍ମ କରିବା ସହିତ ଜଂଗଲରୁ ତେନ୍ତୁଳି, ମହୁଲ, ଆମ୍ବ, ପଣସ ଇତ୍ୟାଦି ସଂଗ୍ରହ କରି ହାଟରେ ବିକ୍ରି କରନ୍ତି । ଯାଦୁ ଶବରମାନେ ଯାଦୁ ବିଦ୍ୟା ଜାଣନ୍ତି । କିଣ୍ଡାଲ ଶବରମାନେ ବାଉଁଶରେ ଟୋକେଇ, ପାଛିଆ ପ୍ରଭୃତି ବୁଣି ଅର୍ଥ ରୋଜଗାର କରନ୍ତି । ମାନେ ଶବର ମାନେ କଂସା ପିତଳ କାମ କରନ୍ତି , ଏହାଛଡ଼ା ଆହୁରି ଅନେକ ବିଭିନ୍ନ ଧନ୍ଦା କରି ଜୀବନଯାପନ କରନ୍ତି ।



ସଉରା ପରିବାର

ସଂପ୍ରତି ସଉରା ଗୋଷ୍ଠୀ ମଧ୍ୟରେ ଲଂଜିଆ ସଉରା ହେଉଛନ୍ତି ଆଦିମତମ । ପଶୁଲାଞ୍ଜପରି ସେମାନଙ୍କ ଲୁଗାପିନ୍ଧାରେ ଆଗରୁ ଓ ପଛକୁ କିଛି ଅଂଶ ଓହଳିଥିବାରୁ ସେମାନଙ୍କୁ ଏପରି କୁହାଯାଇଛି । ଜନୈକ ପୁରୁଖା ପ୍ରତିବେଶୀଙ୍କ ଭାଷାରେ ଲଂଜିଆର ଅର୍ଥ ଅବୁଝା । ସେମାନେ ଭାରି ଏକଜିଦିଆ । ଯାହା ବୁଝିଥିବେ ସେଇଆ ।



ଏମାନେ ସାମ୍ପ୍ରତିକ ଆଚାର ବିଚାର କ୍ଷେତ୍ରରେ ମଧ୍ୟ ଅବହିତ ନୁହଁନ୍ତି । କୃଷିକର୍ମ ମଧ୍ୟରେ ପୋଡୁଚାଷ ଏମାନଙ୍କର ମୁଖ୍ୟ ଚାଷ । ଗାଁର ମୁଖିଆ 'ଗମାଙ୍ଗୋ' ଭାବରେ ପରିଚିତ । ମୁଖିଆଙ୍କ ଅଧିନରେ ଦଳବେହେରା ଓ ମଣ୍ଡଳ ଥାଆନ୍ତି ଓ ଅନ୍ୟମାନେ ରୟତ ଅଟନ୍ତି ।

ପାହାଡ଼ ଅଞ୍ଚଳରେ ଶବର ଗ୍ରାମଗୁଡ଼ିକ ବିଭିନ୍ନ ଆକାରର । ସ୍ଥାନେ ସ୍ଥାନେ ପାଞ୍ଚ ଦଶଟି ପରିବାରକୁ ନେଇ କ୍ଷୁଦ୍ର ଗ୍ରାମଠାରୁ ଆରମ୍ଭ କରି ଦୁଇ ଶହ ପରିବାର ପର୍ଯ୍ୟନ୍ତ ଏକତ୍ର ବାସ କରନ୍ତି । ଏମାନଙ୍କର ବାସଗୃହ ମାଟି ଓ ପଥରରେ ନିର୍ମିତ । ଗୃହର ଚଟାଣ ଖୁବ୍ ଉଚ ଓ ବାରଣ୍ଡା , ଗୃହଗୁଡ଼ିକ ଚାଳଛପର ଏବଂ ଚଟାଣଠାରୁ ଅଳ୍ପ ଉଚ ହୋଇଥାଏ । ଗ୍ରାମର ମୁଖିଆଙ୍କ ଗୃହ ଅନ୍ୟମାନଙ୍କ ବାସଗୃହ ଅପେକ୍ଷା ବଡ଼ ହୋଇଥାଏ ।

ଖାଦ୍ୟ ମଧ୍ୟରେ ଏମାନେ ଭାତ, ମକା, ଯବ, ବ୍ୟତୀତ ବଣ ଜଂଗଲରୁ ସଂଗୃହୀତ ଚେରମୂଳ, ଲଟା ପତ୍ର ମଧ୍ୟ ଖାଦ୍ୟ ରୂପେ ବ୍ୟବହାର କରନ୍ତି । ଧନୁଶର ଓ ବନ୍ଧୁକ ଇତ୍ୟାଦି ସାହାଯ୍ୟରେ ଶିକାର କରିବାକୁ ବଣକୁ ଯାଆନ୍ତି ଓ ମହିଷ, ଘୁଷୁରି, ମେଣ୍ଢା , ଛେଳି ଓ କୁକୁଡ଼ା ମାଂସ ଖାଇବା ସହିତ ସଲପ ରସ ଓ ମଦପିଇବାକୁ ଭଲ ପାଆନ୍ତି ।

ଏମାନଙ୍କ ମଧ୍ୟରେ ପିତାମାତାଙ୍କ ଦ୍ୱାରା ଆୟୋଜିତ ବିବାହ ପ୍ରାୟ ସର୍ବତ୍ର ପ୍ରଚଳିତ । ଏଥିରେ ବରପିତା ଓ ଆତ୍ମୀୟମାନେ ମୁଖ୍ୟ ଅଂଶ ଗ୍ରହଣ କରନ୍ତି । ଏହି ଜନଜାତିର ପରମ୍ପରା ଅନୁସାରେ ମାତୁଳ କନ୍ୟା ବିବାହ ଏମାନଙ୍କ ମଧ୍ୟରେ ପ୍ରଚଳିତ । ଗ୍ରାମ୍ୟ ମୁଖ୍ୟର କନ୍ୟା ସଂଗେ ଗ୍ରାମ୍ୟମୁଖ୍ୟର ପୁତ୍ର କେବଳ ବିବାହ କରିପାରିବ ଅନ୍ୟଥା ସାଧାରଣ ଶବର ବା ରୟତ ଏ ପ୍ରକାର ବିବାହ ନିଷିଦ୍ଧ ।



## ଧର୍ମ ଧାରଣା ଓ ସାମାଜିକ ସଂସ୍କୃତି :

ସଉରା ମାନେ ପୁରାଣ ବର୍ଣ୍ଣିତ ଶବର ସମ୍ପ୍ରଦାୟର ଉତ୍ତର ଦାୟାଦା ଏହି ଜନଜାତି ଗୋଷ୍ଠୀର ପୌରାଣିକ ଆଖ୍ୟାୟିକା ଅନୁଯାୟୀ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କୁ ତୀରମାରି ଯେଉଁ ଜାରଶବର ଅନୁତପ୍ତ ହୋଇ ପରଜନ୍ମରେ ଘୋର ଜଂଗଲ ଗିରିଗୁହା ମଧ୍ୟରେ ନୀଳମାଧବଙ୍କୁ ପୂଜାର୍ଚ୍ଚନା କରୁଥିଲା ; ଘଟଣାଚକ୍ରରେ ଉକ୍ତ ପ୍ରଭୁ ନୀଳମାଧବ , ହିନ୍ଦୁ ଜାତିର ଶ୍ରେଷ୍ଠ ଦେବତା ଶ୍ରୀଜଗନ୍ନାଥ ରୂପେ ଶ୍ରୀ ମନ୍ଦିରରେ ଅବସ୍ଥାପିତ ହେଲେ । ନୀଳମାଧବଙ୍କ ଭକ୍ତ ପୂଜକ ବିଶ୍ୱାବସୁ ଶବରର କନ୍ୟା ଲଳିତା ସହିତ ବିଦ୍ୟାପତିର ବିବାହ ଘଟଣା ଆର୍ଯ୍ୟ ଓ ଅନାର୍ଯ୍ୟର ସଦ୍‌ଭାବ ପ୍ରତିଷ୍ଠା ଫଳରେ ଉକ୍ତ ଦମ୍ପତିଙ୍କର ବଂଶଧରମାନେ ଶ୍ରୀ ଜଗନ୍ନାଥଙ୍କ ସେବାୟତ ରୂପେ ଆଜି ପର୍ଯ୍ୟନ୍ତ ସେବା କରି ଆସୁଛନ୍ତି । ଉକ୍ତ ଶବର ସଭ୍ୟତା ଓ ସଂସ୍କୃତି ସହିତ ଯେପରି ହିନ୍ଦୁଧର୍ମ ଓ ସଂସ୍କୃତି ମିଳିତ ହୋଇ ଏକ ନୂତନ ଶାବରୀଧର୍ମର ରୂପରେଖ ନେଇଛି । ସାରଳା ମହାଭାରତରରେ ଶ୍ରୀ ଜଗନ୍ନାଥଙ୍କ ବର୍ଣ୍ଣନା ପ୍ରସଙ୍ଗରେ ଉକ୍ତ ଶବର ଜାତିର ଚିତ୍ର ପ୍ରଦତ୍ତ ହୋଇଛି ।

ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ମୁଖ୍ୟତଃ ଆଦିବାସୀ ସଂସ୍କୃତି ଉପରେ ଆଧାରିତ । ଏହା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ବହୁ ପ୍ରାଚୀନ ରୀତିନୀତି , ପରମ୍ପରା ତଥା କିମ୍ବଦନ୍ତୀରୁ ପ୍ରମାଣ ମିଳିଥାଏ ।



ସଉରାମାନଙ୍କ ସମାଜରେ ବହୁ ପ୍ରକାର ଧାର୍ମିକ ରୀତିନୀତି, ପର୍ବପର୍ବାଣି ଓ ପୂଜା ବିଧାନ ପ୍ରଚଳିତ ଅଛି । ଏମାନେ ବିଭିନ୍ନ ଦେବଦେୀବଙ୍କୁ ପୂଜା କରନ୍ତି ଓ ଏମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳି ଇତ୍ୟାଦି ଯାଚିଥା'ନ୍ତି । ଜ୍ୱର ବ୍ୟାଧିରୁ ମୁକ୍ତି ପାଇବା ପାଇଁ 'ସମନ' (ଗୁଣିଆ)ମାନଙ୍କ ସାହାଯ୍ୟରେ ମଦ, ବଳି ଉତ୍ସର୍ଗ କରି ଦେବଦେବୀଙ୍କୁ ସନ୍ତୁଷ୍ଟ କରିଥା'ନ୍ତି । ସାମାଜିକ ଜୀବନରେ ଏମାନଙ୍କ ପର୍ବ ଗୁଡ଼ିକ ବିଶେଷଭାବେ ସାମୁହିକ ।

ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନିରୂପିତ ଦେବଦେବୀଙ୍କୁ ସେମାନେ ପୂଜା କରି ସନ୍ତୁଷ୍ଟ କରିଥା'ନ୍ତି । ଯଥା - ଜଂଗଲ ସଫା କରିବା ସମୟରେ "ଆତୁଙ୍ଗସୁମ୍" , ଜଂଗଲରୁ ନିରାପଦ ହୋଇ କାଠ କାଟିବାବେଳେ 'ଏଡ଼ଙ୍ଗ୍



ସୁମ୍' ଭଲ ଫସଲ ହେବା ପାଇଁ 'ଲବୋ ସୁମ୍' ଇତ୍ୟାଦି ଦେବତାଙ୍କୁ ପୂଜା କରିବା ସଂଗେ ସଂଗେ 'ମାପ୍ରୁସୁମ୍' ଦେବତାଙ୍କୁ ପରିବାରର ସମସ୍ତଙ୍କୁ ନିରାମୟ ରଖିବାପାଇଁ ପ୍ରାର୍ଥନା କରନ୍ତି। ଏହି 'ମାପ୍ରୁସୁମ୍' ହେଉଛନ୍ତି ସର୍ବଧର୍ମର ଦେବତା ଶ୍ରୀ ଜଗନ୍ନାଥ । ଏହିପରି ସଉରାଙ୍କର ଅନେକ ଦେବଦେବୀ ଅଛନ୍ତି।

ସଉରା ସମାଜରେ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କଲେ ଭଲ ଫସଲ ଆମଦାନୀ ହୁଏ ବୋଲି ସେମାନଙ୍କର ବିଶ୍ୱାସ । ପରଲୋକରେ ଥାଇ ମଧ ପରିବାର ଭଲ ମନ୍ଦ କର୍ମ ପ୍ରତି ପିତୃପୁରୁଷମାନେ ତୀକ୍ଷ୍ଣ ଦୃଷ୍ଟି ରଖିଥା'ନ୍ତି। ଏହି ବିଶ୍ୱାସ ବ୍ୟତୀତ ସେମାନଙ୍କର 'କିତୁଙ୍ଗ୍' ହେଉଛନ୍ତି ପ୍ରଧାନ ଦେବତା । ସେମାନଙ୍କୁ ଏହି କିତୁଙ୍ଗ୍ ସୃଷ୍ଟି କରିଛନ୍ତି । ସେମାନେ ସୂର୍ଯ୍ୟ ଓ ଅଗ୍ନି ଦେବତାଙ୍କୁ ମଧ ମାନିଥା'ନ୍ତି। ସେମାନେ ଦେବତାଙ୍କୁ 'ସୁମ୍' ଓ ପ୍ରେତାତ୍ମାଙ୍କୁ 'ତୁୟା' ବୋଲି କହିଥା'ନ୍ତି।



ଏମାନଙ୍କର ଧର୍ମ ଧାରଣା ସୁଦୃଢ଼ ପରମ୍ପରା ଉପରେ ପ୍ରତିଷ୍ଠିତ । ଗ୍ରାମର ରକ୍ଷଣାବେକ୍ଷଣ ନିମନ୍ତେ ଗ୍ରାମ ମଝିରେ ଠାକୁରାଣୀଙ୍କ ପାଇଁ ଯେଉଁ ଆସ୍ଥାନଟିଏ ତିଆରି କରିଥା'ନ୍ତି , ତାହାକୁ ମାଣ୍ଡୁଆ କହନ୍ତି । ପୂଜାର୍ଚ୍ଚନା ସମୟରେ ଦେବୀ ଉକ୍ତ ପୀଠରେ ବିଜେ କରନ୍ତି। ଏହି ମାଣ୍ଡୁଆ ଘରଟି କାଠ ଖମ୍ବକୁ କେନ୍ଦ୍ର କରି ତିଆରି ହୋଇଥାଏ, ଯାହାର ଶୀର୍ଷ ଦେଶରେ କାଠରେ ତିଆରି ଏକ ମୟୂରର ସଂକେତ ଥାଏ । ଉକ୍ତ ମଝିଖୁଣ୍ଟଟି ଏକ ପୀଠ ଉପରେ ପୋତା ଯାଇଥାଏ ଓ ଏହାର ଉପରେ ଚାଳ ଛପର ହୋଇଥାଏ।

ଏତଦ୍‌ବ୍ୟତୀତ ଆମ୍ବ, ଧାନ, ମକା, ମହୁଲ ଓ ଅନ୍ୟାନ୍ୟ ଫସଲ ଓ ପରିବା ନୂଆକରି ଆମଦାନୀ ସମୟରେ ବିଭିନ୍ନ ପ୍ରକାର ଉତ୍ସବ ପାଳନ କରାଯାଏ ଓ ଦେବଦେବୀଙ୍କୁ ପ୍ରଥମେ ଉକ୍ତ ନୂତନ ଫସଲ ଉତ୍ସର୍ଗ କରାଯାଏ।

## ବେଶ ପୋଷାକ ଓ କଳାନୁରକ୍ତି :



ସଉରା ମାନଙ୍କ ବେଶ ଭୂଷାରେ କଳାତ୍ମକବୋଧ ଜଡ଼ିତ। ଏମାନେ ବିଭିନ୍ନ ରଂଗର ଲୁଗା ଓ ମାଳ ଇତ୍ୟାଦି ବ୍ୟବହାର କରନ୍ତି। ପୁରୁଷମାନେ ଖୁବ୍ ସଂକ୍ଷିପ୍ତ ଲୁଗା ବ୍ୟବହାର କରନ୍ତି । ଏମାନଙ୍କ ଲୁଗାର ଆଗପଟ ଓ ପଛପଟ କୁଞ୍ଚ ହୋଇ ଆଗକୁ ଓ ପଛକୁ ଓହଳି ଥାଏ। ସଉରା ସ୍ତ୍ରୀମାନେ ଅନ୍ୟାନ୍ୟ ଆଦିବାସୀଙ୍କ ପରି ସେତେ ଅଳଙ୍କାର ପ୍ରିୟ ନ ହେଲେ ବି ସାଧାରଣ ଭାବର ଅଳଙ୍କାର ପିନ୍ଧିବା ସହିତ ମୁଣ୍ଡରେ ଫୁଲର ସାଜସଜ୍ଜାକୁ ଗୁରୁତ୍ୱ ଦେଇଥା'ନ୍ତି। ଏମାନେ କାନରେ ଫିରିଫିରା , ବେକରେ ତିନ ଚାରି ସରି ମାଳି, ନାକରେ କୁଡୁମୀ, ହାତରେ ଖଡୁ ବ୍ୟବହାର କରନ୍ତି । କେତେକ ପୁରୁଖା ସ୍ତ୍ରୀ ଲୋକ କାନରେ ପିନ୍ଧିଥିବା ତେନାଙ୍ଗ୍‌ରଲୁ ବଡ଼ ବିଚିତ୍ର ଧରଣର । ଏହା ଏକପ୍ରକାର କାଠର ଚକି ଆକାରରେ ତିଆରି ହୋଇଥାଏ । ଯାହାର ବ୍ୟାସ ଦୁଇ ଇଞ୍ଚରୁ ତିନି ଇଞ୍ଚ ମଧ୍ୟରେ ହୋଇଥାଏ ଓ କାନର ତଳ ଅଂଶରେ ହୋଇଥିବା ଫୋଡ଼ ମଧ୍ୟରେ ଭର୍ତ୍ତି ହୋଇ ତଳକୁ ଓହଳି ଥାଏ। ଦୀର୍ଘ ଦିନ ଧରି ବ୍ୟବହାର କରୁଥିବା ଯୋଗୁ କାନ ଦୁଇଟି କାନ୍ଧ ପର୍ଯ୍ୟନ୍ତ ଲମ୍ବି ଆସିଥାଏ।



ବିଭିନ୍ନ ପର୍ବପର୍ବାଣି ସମୟରେ ଏମାନେ ସାମୁହିକ ଭାବରେ ରଂଗୀନ ବେଶ ପୋଷାକ ପିନ୍ଧି ନୃତ୍ୟ କରନ୍ତି । ସେମାନେ ଆଜି ପର୍ଯ୍ୟନ୍ତ ପୁରାତନ ସଭ୍ୟତା ଓ ନୃତ୍ୟ ଗୀତର ପରମ୍ପରାକୁ ବଜାୟ ରଖିଛନ୍ତି।

ସଉରା ଜନଜାତି ମଧ୍ୟରୁ 'ମାନେ ' ଗୋଷ୍ଠୀ କଳା କାରିଗରୀ ବିଦ୍ୟାରେ ନିପୁଣ। ଏମାନେ ଧାତୁଦ୍ରବ୍ୟ ପ୍ରସ୍ତୁତ କରନ୍ତି। ସ୍ତ୍ରୀ ଓ ପୁରୁଷଙ୍କ ପାଇଁ ବିଭିନ୍ନ ଅଳଙ୍କାର ମଧ୍ୟ ତିଆର୍ରି କରନ୍ତି। ଏହା ବ୍ୟତୀତ କିଣ୍ଡାଲ ଶ୍ରେଣୀର ଜନଜାତିମାନେ ବାଉଁଶରେ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଯଥା - ଟୋକେଇ, ମୁଣ୍ଡର







ଟୋପି , ବାଉଁଶ ଛତା ଇତ୍ୟାଦି କରନ୍ତି । କାଞ୍ଚେର ଶବରମାନେ ଧନୁର୍ବିଦ୍ୟାରେ ନିପୁଣ ହୋଇଥିବାରୁ ଏମାନେ ଧନୁ ଓ ଶର ତିଆରି କରନ୍ତି ।

ସଉରାମାନଙ୍କର କଳାପ୍ରୀତି ସେମାନଙ୍କ ବାସଗୃହପରିଚ୍ଛନ୍ନତାରୁ ଜଣା ପଡ଼ିଥାଏ । ଘର କାନ୍ଥ , ବାରଣ୍ଡା, ଦୁଆର, ଚଟାଣ ରଙ୍ଗ ମାଟି ଓ ଗୋବର ଦ୍ୱାରା ଲିପା ଦୋଇ ଖୁବ୍ ସୁନ୍ଦର ଦିଶୁଥାଏ । ମାତ୍ର ବାହାର କାନ୍ଥ ବା ଦୁଆରରେ କୌଣସି ଚିତ୍ର ଅଙ୍କା ହୋଇ ନଥାଏ । କିନ୍ତୁ ସେମାନଙ୍କର ଏପରି ଏକ ଚିତ୍ରକଳା ଅଛି , ଯାହାର ରକ୍ଷଣଶୀଳତା ଆଜି ପର୍ଯ୍ୟନ୍ତ ରହସ୍ୟମୟ । "ସଉରା ଧର୍ମର ଗୋଟିଏ ବିଶିଷ୍ଟ ବିଷୟ ଏହି ଯେ, ରୋଗ ନିବାରଣ ପାଇଁ ଜମିର ଉର୍ବରତା ବଢ଼ାଇବା ପାଇଁ ମୃତ ବ୍ୟତ ବ୍ୟକ୍ତି ଓ ଦେବତାମାନଙ୍କ ଉଦ୍ଦେଶ୍ୟରେ ଘରର ଭିତର କାନ୍ଥ ମାନଙ୍କରରେ ଚିତ୍ର ଅଂକନ କରାଯାଇଥାଏ ।" ପରିବାର ମଧ୍ୟରେ ସେହି ଚିତ୍ରକଳାକୁ ସେମାନେ ବିଧି ମୁତାବକ ଅଙ୍କାଇ ବହୁ ବର୍ଷ ପର୍ଯ୍ୟନ୍ତ ରଖିଥା'ନ୍ତି ଓ ପରମୁହୂର୍ତ୍ତରେ ଘରଦ୍ୱାର ଲିପାପୋଛା କଲେ ମଧ୍ୟ ତାକୁ ଲିଭାନ୍ତି ନାହିଁ ।

ଏହି କାନ୍ଥ ଚିତ୍ରକୁ ଲାଞ୍ଜିଆ ସଉରାମାନେ 'ଇଡ଼ିତାଲ୍' କହନ୍ତି । ସଉରା ଭାଷାରେ ଇଡ଼ିର ଅର୍ଥ ଚିତ୍ର ଓ ତାଲର ଅର୍ଥ କାନ୍ଥ । କାନ୍ଥ ଉପରେ ଚିତ୍ର ହୋଇଥିବାରୁ ଏହାର ନାମ 'ଇଡ଼ିତାଲ'। ଚନ୍ଦ୍ରଗିରି ଅଞ୍ଚଳରେ ଏହି ଚିତ୍ରକୁ 'ଆନିତାଲ' ବୋଲି କହନ୍ତି । ଆଉ କେହି କେହି ଏହାକୁ 'ଇତ୍‌ତାଲ' ବୋଲି କହିଥା'ନ୍ତି



ଡ଼ଃ ଏଲୱିନ୍‌ଙ୍କ ପୁସ୍ତକରେ ଏହାର ନାମ 'ଇତାଲାନ୍' ବୋଲି ଉଲ୍ଲେଖ ଅଛି । ଆଞ୍ଚଳିକ ଭାଷାଗତ ପାର୍ଥକ୍ୟ ଦୃଷ୍ଟିରୁ ସମ୍ଭବତଃ ଏପରି ନାମରେ ସାମାନ୍ୟ ବ୍ୟତିକ୍ରମ ହୋଇ ଥାଇପାରେ ।

## ଚିତ୍ରର ଆବଶ୍ୟକତା

ସଉରାମାନେ ଧର୍ମଭୀରୁ ଓ ପରମ୍ପରାପନ୍ଥୀ ।ତେଣୁ ପୂଜାର ପ୍ରଭାବ ଉପରେ ଏମାନଙ୍କର ବିଶ୍ୱାସ ଅତି ଦୃଢ଼ । ପୂଜା ବ୍ୟତିରେକେ ଅନୁକୂଳ ଅବସ୍ଥା ନ ହେଲେ ଏଥିପାଇଁ ସେମାନେ ପୂଜା ବିଧିରେ କୌଣସି ଅବ୍ୟବସ୍ଥାକୁ ଦାୟୀ କରିଥା'ନ୍ତି । ପୂଜା ପ୍ରାର୍ଥନା ଓ ବଳିଦାନ ଅଦୃଶ୍ୟ ଶକ୍ତିଗୁଡ଼ିକଠାରୁ ଏମାନେ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି । ଏମାନଙ୍କର ମୁଖ୍ୟ ପୁରୋଧା ହେଉଛନ୍ତି ବୁୟା ।

ସମଗ୍ର ବିଶ୍ୱ ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ପରିଚାଳିତ । ଏଲୱିନ୍‌ଙ୍କ ବିବରଣୀ ଅନୁସାରେ ସଉରା ସମାଜରେ ଶତାଧିକ ଦେବଦେବୀ ଆରାଧ ଅଟନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ କୋଡ଼ିଏଟି ମୁଖ୍ୟ ଦେବଦେବୀ ପୂଜିତ ହେଉଥିବାର ଜଣାଯାଏ । ଅଲୌକିକ ଶକ୍ତିର ପରିଚାଳନାରେ ତାଙ୍କର ସମାଜ ତିଷ୍ଠି ରହିଛି ଏବଂ ଭଲ ମନ୍ଦ ଏହି ଶକ୍ତିଦ୍ୱାରା ନିୟନ୍ତ୍ରିତ ।





ସେମାନେ ଯେତେ ବେଳେ ଦୁଃଖ, ଦୈନ୍ୟ ଓ ଦୁର୍ବିପାକର ସମ୍ମୁଖୀନ ହୁଅନ୍ତି , ସେତେବେଳେ ସେମାନେ ସେହି ଶକ୍ତିର କୁପ୍ରଭାବରୁ ମୁକ୍ତି ପାଇବା ପାଇଁ ବଳି ଯାଚିଥାନ୍ତି ।

ସେମାନଙ୍କ ଧାରଣା, ପୃଥିବୀରେ ଯେତେ ଦେବଦେବୀ ଅଛନ୍ତି ସେମାନେ ଅଦୃଶ୍ୟ । କେବଳ ପ୍ରାର୍ଥନା ଦ୍ୱାରା ସେମାନେ ପାଖକୁ ଆସନ୍ତି । ପିତୃପୁରୁଷଙ୍କ ସହିତ ଉକ୍ତ ଅଲୌକିକ ଶକ୍ତିମାନେ ଏଣେତେଣେ ବିଚରଣ କରୁଥା'ନ୍ତି । ସେମାନଙ୍କୁ ସ୍ମରଣ କରି ପ୍ରତ୍ୟେହ ସେବା ଅର୍ଥରେ ଗୁହାରି କରିବାପାଇଁ ସେମାନଙ୍କର ପ୍ରତ୍ୟେକ୍ଷ ଅବସ୍ଥିତି ଭାବ ନେଇ ଚିତ୍ରରେ ସ୍ଥାନ ଦିଅନ୍ତି । ଗ୍ରାମ୍ୟର ମୁଖ୍ୟ ପୂଜକ 'କୁଡ଼ାଙ୍ଗ' ଦ୍ୱାରା ସେ କାନ୍ଥ ଚିତ୍ର ବିଧି ମୁତାବକ ଅଙ୍କାଇ ଥା'ନ୍ତି । ପୂର୍ବପୁରୁଷମାନେ ଅତ୍ୟନ୍ତ ଶିକାରପ୍ରିୟ ଥିଲେ । କୃଷି କରୁଥିଲେ । ବନ୍ୟଜନ୍ତୁଙ୍କ ସାମନା କରୁଥିଲେ । ସେମାନଙ୍କର ପ୍ରତିଦିନର ପ୍ରତିଦିନର କାର୍ଯ୍ୟକଳାପ ବଂଶାନୁକ୍ରମିକ ପରମ୍ପରା ଭାବେ ଅନୁସୃତ ହେବା ଲକ୍ଷ୍ୟରୁ 'ଇଡ଼ିତାଲ୍'ରେ ଏହାର ନିଦର୍ଶନ ଦେଖିବାକୁ ମିଳେ ।

ସଉରାମାନେ ଦିନଯାକ ଜଙ୍ଗଲରେ ବିତାନ୍ତି । ଶିକାର କରିବା, ଫଳ ମୂଳ ସଂଗ୍ରହ କରିବା ବେଳେ ସେମାନେ ବହୁ ଜୀବଜନ୍ତୁଙ୍କୁ ସାମନା କରନ୍ତି । ଏହି ପୃଥିବୀରେ ସେମାନଙ୍କର ସଂଖ୍ୟା ବହୁତ । ଭୂତ, ପ୍ରେତ , ପିଶାଚ ଏସବୁ ଅଶରୀରୀମାନେ ପାରତ୍ରିକ । ଏମାନଙ୍କର ପ୍ରତିରୂପ ଅଦୃଶ୍ୟ । ମାତ୍ର ବାଘ, ହାତୀ, ଘୋଡ଼ା, ମାଙ୍କଡ଼, ହରିଣ, କୁମ୍ଭୀର , ଭାଲୁ, ବଗ, ମୟୁର, ଝିଟିପିଟି, ବେଙ୍ଗ , ସାପ ଶୁଆ ଇତ୍ୟାଦି ପଶୁପକ୍ଷୀ ଜଙ୍ଗଲରେ ରହିଥାନ୍ତି ।











ସେମାନଙ୍କ ମତରେ ପୃଥିବୀର ମଂଗଳ ନିମନ୍ତେ କିତୁଙ୍ଗ ଏମାନଙ୍କୁ ସୃଷ୍ଟି କରିଥାନ୍ତି । ସେମାନଙ୍କୁ ସନ୍ତୁଷ୍ଟ କଲେ ନିଜର ତଥା ପରିବାର ମଂଗଳ ହୁଏ । ଜଣେ ବ୍ୟକ୍ତି ନିଜ କଥା ଚିନ୍ତା କଲାବେଳେ ସମଗ୍ର ସମାଜ ତଥା ଗ୍ରାମର ମଂଗଳ କଥା ମଧ ଚିନ୍ତା କରୁଥାଏ । ଏକଥା କହିବାର ଉଦ୍ଦେଶ୍ୟ ତାଙ୍କ ମତରେ ସମସ୍ତେ ସୁଖରେ ରହନ୍ତୁ । ଜୀବଜନ୍ତୁ ବ୍ୟତୀତ ବୃକ୍ଷଲତା ଇତ୍ୟାଦି ଦ୍ୱାରା ସେମାନେ ଜୀବନ ଧାରଣ କରନ୍ତି । ଚନ୍ଦ୍ର ସୂର୍ଯ୍ୟ ଦ୍ୱାରା ବସୁମାତା ଆଲୋକିତ ହେଉଛି । ଏସବୁର ପ୍ରତିଛବି ତାଙ୍କ ଜୀବନେ ପ୍ରତିଫଳିତ ହୋଇଥାଏ । ଦେବଦେବୀଙ୍କି ପ୍ରାର୍ଥନା ଗୀତର ଏକ ମର୍ମରୁ ଜଣାପଡ଼େ। ଯେ ସେମାନଙ୍କ ପାଇଁ ଏକ ଚିତ୍ରିତ ଗୃହ ରହିଛି । ସେଥିରେ ପୃଥିବୀର ସମସ୍ତ ଜଡ଼ ଓ ଚେତନ ଶକ୍ତିକୁ ସ୍ଥାନ ଦେଇଛି । ଦେବଦେବୀମାନେ ହାତୀ, ଘୋଡ଼ା , ହରିଣ ମୟୁର ଇତ୍ୟାଦି ଥିଲେ ସେଥିରେ ଆରୋହଣ କରି ଆସିବେ । ପ୍ରତ୍ୟକ୍ଷ ଭାବେ ଚିତ୍ରରେ ଦେବଦେବୀଙ୍କର ସାଦୃଶ୍ୟ ରୂପ ନଥିଲେ ମଧ ପରୋକ୍ଷରେ ସେମାନଙ୍କୁ ଆବାହନ କରି ସନ୍ତୁଷ୍ଟ କରାଯାଇପାରେ ବୋଲି ସେମାନଙ୍କର ବିଶ୍ୱାସ ଓ ଭକ୍ତିମତାର ପରିଚୟ ।

ଭେରିଅର ଏଲଓ୍ୱିନଙ୍କ ଦ୍ୱାରା ସଂଗୃହିତ 'ଇଡ଼ିତାଲ' ପ୍ରସଙ୍ଗରେ ବହୁ ଗଳ୍ପ ଥିବାର ତାଙ୍କ ପୁସ୍ତକରୁ ଜଣାପଡ଼େ । ଏକ କିମ୍ବଦନ୍ତୀ କହେ, ଗୃହକର୍ତ୍ତାଙ୍କୁ ଦିନେ ତା'ର ପୂର୍ବପୁରୁଷ ସ୍ୱପ୍ନରେ କହିଲା, ମୁଁ ଏଇ ଘରେ ତୋ ସଂଗରେ ରହିବି ।



ଗୃହକର୍ତ୍ତା ଭୟରେ କହିଲା, ଏ ଘରେ ପ୍ରେତମାନେ ରହି ପାରିବେ ନାହିଁ । ଏଥିରେ ଅରାଜି ହେବାରୁ ଗୃହକର୍ତ୍ତାଙ୍କୁ ଜ୍ୱର ହେଲା । ଅସୁସ୍ଥ ହେବାରୁ ସମନ ଦ୍ୱରା ବଳି ଯାଚି ସେ ପିତୃପୁରୁଷଙ୍କୁ ସବୁ ଦୁଃଖ ଜଣେଇଲା । ପିତୃପୁରୁଷ ସ୍ୱପ୍ନରେ ସମନକୁ ଜଣାଇଲା ଯେ, ସେ ତା'ର ଘର ଭିତର କାନ୍ଥରେ ଗୋଟିଏ ଘର କରି ମୋତେ ରଖିଦେଉ । ଗୃହକର୍ତ୍ତା କିଛି ବୁଝିପାରିଲା ନାହିଁ । ତା'ର ମନକୁ ବିଚାର କରି ଘର ଭିତରେ କାନ୍ଥକୁ ଲଗାଇ ବାଉଁଶ ନଡ଼ା ଇତ୍ୟାଦି ଦେଇ ଛୋଟ କୋଠରୀଟିଏ ବାହର କଲା । ସେ ଘରକୁ ଦେଖି ପ୍ରେତାତ୍ମା ତା'ର ବୋକାମୀ ଜାଣିପାରି ଉପହାସ କରି ହସରେ ଉଡ଼ାଇ ଦେଲା । ତା'ପରେ ସେ ନ ହବା ଦେଖି ଗୃହକର୍ତ୍ତା ଏଥର କିତୁଙ୍ଗ୍ ପାଖକୁ ଯାଇ ଗୁହାରୀ ଜଣାଇଲା । କିତୁଙ୍ଗ୍ ପ୍ରେତାତ୍ମାର ଉଦ୍ଦେଶ୍ୟ ବୁଝିପାରିଲା ଓ ଚାଉଳ ଚୂନା କରି ସେଥିରେ ପାଣି ମିଶାଇ ପିଠଉ ପ୍ରସ୍ତୁତ କଲେ । ଗୋଟିଏ କାଠି ସାହାଯ୍ୟରେ ସେ ଗୃହକର୍ତ୍ତାଙ୍କ ଘର ଭିତର କାନ୍ଥରେ ସେଥିରେ ଚିତ୍ର ଆଙ୍କିଲେ । ସେ ଚିତ୍ର ଏକ କୋଠରୀ ଭଳି କରି ଆଙ୍କିଲେ । ପ୍ରେତର କଳ୍ପିତ ରୂପେ ସେଥିରେ ସ୍ଥାନ ପାଇଲା । ଏହିପରି ଭାବେ 'ଇଡ଼ିତାଲ'ର ଜନ୍ମ ହେଲା । ତାପରେ ପ୍ରେତ ଆନନ୍ଦରେ ସେଇଠି ରହିଲା । ତାକୁ ଆଉ ହଇରାଣ କଲା ନାହିଁ ।




ପରମ୍ପରା କ୍ରମେ ପ୍ରତି ଘରେ ଏହି ଚିତ୍ର ସ୍ଥାନ ପାଇଲା । ସେମାନେ ବିଶ୍ୱାସ କଲେ, ପ୍ରେତମାନେ ଏହି ଚିତ୍ରକୋଠି ମଧ୍ୟରେ ବାସ କଲେ ଶାନ୍ତି ପାଇବେ । ଉକ୍ତ ଚିତ୍ର ବିଷୟରେ ଆହୁରି ଏକ ଗଳ୍ପ ଅଛି - ଶୁଣାଯାଏ, ପୃଥିବୀ ସୃଷ୍ଟି ହେବାପରେ 'କିତୁଙ୍ଗ୍' ନିଜପାଇଁ ଗୋଟିଏ ଘର ତିଆରି କଲେ । ସେ ଘର କାନ୍ଥରେ ଗୋଟିଏ ସ୍ତ୍ରୀ ଓ ଗୋଟିଏ ପୁରୁଷର ଚିତ୍ର ପ୍ରଥମେ ଆଙ୍କିଲେ । ତାପରେ ବୃକ୍ଷଲତାର ଚିତ୍ର ଆଙ୍କିବାକୁ ଚେଷ୍ଟା କଲେ ମାତ୍ର ପାରିଲେ ନାହିଁ । ତାପରେ ସେ ସୂର୍ଯ୍ୟ ଦେବତା 'ଉୟୁଙ୍ଗ୍‌ସୁମ୍' ପାଖକୁ





ଗଲେ । ସେ କହିଲେ , ଚିତ୍ରକୋଠିରେ ସ୍ତ୍ରୀ ଓ ପୁରୁଷଙ୍କ ଚିତ୍ର କରି ଭର୍ତ୍ତି କରିଦିଅ ଏବଂ ସାତ ଦିନପରେ ତୁମର କାଣି ଆଙ୍ଗୁଠି କାଟି ପୁରୁଷ ଚିତ୍ର ଉପରେ ଦୁଇବୁନ୍ଦା ରକ୍ତ ଏବଂ ସ୍ତ୍ରୀ ଚିତ୍ର ଉପରେ ତିନିବୁନ୍ଦା ରକ୍ତ ପକାଇଦେବ । କିତୁଙ୍ଗ୍ ସେଇଆ କଲା । ଆଠ ଦିନ ପରେ ସ୍ତ୍ରୀଚିତ୍ର ଉପରେ ପଡ଼ିଥିବା ରକ୍ତରୁ ଗୋଟିଏ ସୁନ୍ଦରୀ ଝିଅ ଜନ୍ମ ହେଲା ଓ ସଂଗେ ସଂଗେ କାନ୍ଦିବାକୁ ଆରମ୍ଭ କଲା । ତପର ଦିନ ପୁରୁଷ ଚିତ୍ରରୁ ଗୋଟିଏ ପୁଅ ଜନ୍ମ ହେଲା । କିତୁଙ୍ଗ୍ ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟ କରୁଥାନ୍ତି । ସେ ଦୁଇଦଣ ସଂଗେ ସଂଗେ ବଡ଼ ହୋଇ ଯୁବକ ଓ ଯୁବତୀ ରେ ପରିଣତ ହେଲେ । ଉୟୁଙ୍ଗ୍‌ସୁମ୍ ସେ ଦୁଇଜଣଙ୍କ ବିଭା ହେବା ପାଇଁ କହିଲେ । କିତୁଙ୍ଗ୍ ସେ ଦୁଇ ଜଣଙ୍କର ବିବାହ କରିଦେଲେ । ଏହିପରି ସେମାନଙ୍କଠାରୁ ମାନବଜାତିର ସୃଷ୍ଟି ଆରମ୍ଭ ହେଲା । ଉକ୍ତ ଘଟଣାକୁ ସ୍ମରଣ ରଖିବା ପାଇଁ ସଉରାମାନେ କାନ୍ଥରେ ଚିତ୍ର ଆଙ୍କି ପୂଜା କରନ୍ତି ।





ଇଡ଼ିତାଲର ପରିଧି ନକ୍ସା

ଉପରୋକ୍ତ ପ୍ରାଚୀନ ଧର୍ମ ଧାରଣା ତଥା ବିଶ୍ୱାସ କାରଣରୁ ସଉରା ସମାଜ ଏପରି ଏକ ଚିତ୍ର ପ୍ରସ୍ତୁତ କରେ, ଯେଉଁଥିରେ କି ସେ ସମସ୍ତ ଶକ୍ତିକୁ ଆବାହନ କରି ପାରିବ ଏବଂ ଘର ମଂଗଳ ନିମନ୍ତେ ପୂଜା ଓ ବଳି ଉତ୍ସର୍ଗ କରି ପାରିବ । ସେପରି ଚିତ୍ରର ମହାନତା ଉପଲବ୍ଧି କରି ତାହାକୁ ଘର ଭିତରେ ସାଇତି ରଖିବା ଏକ ସୁପ୍ରାଚୀନ ପରମ୍ପରା । ଘରର ଇଷ୍ଟ ରୂପେ ସେ ଚିତ୍ରର ରକ୍ଷଣଶୀଳତା ତା'ର ସାମାଜିକ ମୂଲ୍ୟବୋଧର ସ୍ତର ବହୁ ଉର୍ଦ୍ଧ୍ୱରେ ।

## ଚିତ୍ରାଙ୍କନ ବିଧି :

ସଉରା ଗୋଷ୍ଠୀଙ୍କ ମଧ୍ୟରେ 'କୁଡ଼ାଙ୍ଗ' ହେଉଛି ମୁଖ୍ୟ ପୂଜକ । ମାତ୍ର 'ବୁୟା' ବ୍ୟକ୍ତି ବିଶେଷରେ ସମସ୍ତ ଗୋଷ୍ଠୀଗତ ଧର୍ମକାର୍ଯ୍ୟରେ ପୌରହିତ୍ୟ କରନ୍ତି । କୁଡ଼ାଙ୍ଗ ଗୁଣି ଗାରେଡ଼ି କରି ଝଡ଼ାଫୁଙ୍କା ଦ୍ୱରା ଲୋକମାନଙ୍କର ହିତ ସାଧନ କରିଥା'ନ୍ତି । ସଉରାମାନଙ୍କ ମତରେ କୁଡ଼ାଙ୍ଗ ହେଉଛନ୍ତି ଏପରି ବ୍ୟକ୍ତି, ଯିଏ ଭୂତ, ପ୍ରେତ, ପିଶାଚ ପ୍ରଭୃତି ଅଦୃଶ୍ୟ ଶକ୍ତିମାନଙ୍କୁ ଆୟତ କରିପାରେ । ଗ୍ରାମର କୁଡ଼ାଙ୍ଗର ପ୍ରଭାବ ସମସ୍ତଙ୍କର ଉପରେ ଥାଏ । କୁଡ଼ାଙ୍ଗ ଜଣକ ଚିତ୍ରଶିଳ୍ପୀ ହିସାବରେ ମଧ କାର୍ଯ୍ୟ କରିଥାନ୍ତି । ଗ୍ରାମରେ କେହି ନୂଆଘର ତିଆରି କଲେ , କୁଡ଼ାଙ୍ଗକୁ ନିମନ୍ତ୍ରିତ କରିଆଣି ଚିତ୍ର କରିବା ଆରମ୍ଭ କରାନ୍ତି । ଚିତ୍ରଟି ଘରର ଶୟନ ପ୍ରକୋଷ୍ଠର ଏକାଂଶରେ ହେବାପାଇଁ ସ୍ଥିର ହୋଇଥିବା ବେଳେ ଆଉ କେଉଁଠି ଭାଡ଼ି ତଳେ କାନ୍ଥ ଦେହରେ ଅଥବା ଗୃହର ପ୍ରବେଶ ପଥ ସାମ୍ନାରେ କିମ୍ବା ହାଣ୍ଡିଶାଳ ପାଖ କାନ୍ଥରେ ଚିତ୍ର ଅଙ୍କା





ହୋଇଥିବା ଦୋଖାଯାଏ । ଘର ଭିତରେ ଖୁବ୍ ଅନ୍ଧାରୁଆ ସ୍ଥାନରେ ମଧ୍ୟ ଚିତ୍ର ଅଙ୍କା ହୋଇଥାଏ । ଯେଉଁ ସ୍ଥାନ କି ସର୍ବ ସାଧାରଣଙ୍କ ଦୃଷ୍ଟି ରହିତ ହୋଇ ରହିଥାଏ ।

ଚିତ୍ର ପ୍ରସ୍ତୁତ କରିବାର ନିର୍ଦ୍ଦିଷ୍ଟ ସମୟ ମଧ୍ୟ ଅଛି । ସାଧାରଣତଃ ଗୃହକର୍ତ୍ତା ନୂତନ ଘର ଆରମ୍ଭ କରିବାକୁ ଥିଲେ ଫାଲ୍‌ଗୁନ ମାସଠାରୁ ବୈଶାଖ ମାସ ମଧ୍ୟରେ ଘର ତିଆରି ସମ୍ପୂର୍ଣ୍ଣ କରେ କିମ୍ବା ଘରର କୌଣସି ବଖରା ନୂଆ କରି କରିବାକୁ ଥିଲେ ଏହି ସମୟ ମଧ୍ୟରେ ପସ୍ତୁତ କରେ । ନୂଆ ଘର କଲେ 'ଇଡ଼ିତାଲ' କରିବା ବିଧି ସଙ୍ଗତ । କେଉଁ କେଉଁ ଗ୍ରାମରେ ଦଶହରା କିମ୍ବା ଧାନ ନୂଆଖିଆ (ମାର୍ଗଶିର) ମାସରେ ଏପରି ଏପରି ଚିତ୍ର କରିବା ବିଧି ପ୍ରଚଳିତ ।

'କୁଡ଼ାଙ୍ଗ' ବ୍ୟତୀତ ଆଉ କେହି ଏ ଚିତ୍ର ଆଙ୍କନ୍ତି ନାହିଁ । ବଂଶାନୁକ୍ରମିକ ଭାବେ 'କୁଡ଼ାଙ୍ଗ'ମାନେ ଏପରି ଚିତ୍ର ଆଙ୍କିବା ବିଧିକୁ ପରମ୍ପରା ରୂପେ ଗ୍ରହଣ କରି ଆସୁଛନ୍ତି । ମାତ୍ର ସ୍ତ୍ରୀଲୋକମାନଙ୍କଠାରେ ଏପରି ଚିତ୍ର କାର୍ଯ୍ୟ କରିବା କୁତ୍ରାପି ଦେଖାଯାଏ ନାହିଁ ।



ଘର ତିଆରି ସରିଗଲେ ଗୃହକର୍ତ୍ତା କୁଡ଼ାଙ୍ଗ ଘରକୁ ଯାଇ ତାକୁ ନିମନ୍ତ୍ରଣ କରି ଆଣନ୍ତି । ସକାଳେ କୁଡ଼ାଙ୍ଗ ଗାଧୋଇ ସାରି ଗୃହକର୍ତ୍ତାଙ୍କ ଘରକୁ ଆସେ । ଗୃହକର୍ତ୍ତୀ ପୂର୍ବ ଦିନ ରାତିରେ ଅରୁଆ ଚାଉଳ ଭିଜାଇ ବାଟି ପିଠଉ କରି ରଖିଥାଏ । କୁଡ଼ାଙ୍ଗ ଆସିଲେ ସେ ପିଠଉ ପାଣି ଏକ ପାତ୍ରରେ ରଖି ନିରୂପିତ ସ୍ଥାନରେ ଚିତ୍ରକାର୍ଯ୍ୟ ଆରମ୍ଭ କରେ । ଏଥି ପୂର୍ବରୁ ଘରର ସ୍ତ୍ରୀ ଲୋକମାନେ ଗାଧୋଇ ପାଧୋଇ ଉପବାସ ପାଳନ କରି ରହିଥାନ୍ତି ।



ଚିତ୍ର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କୁଡ଼ାଙ୍ଗ ପ୍ରଥମେ ଗ୍ରାମର ମୁଖ୍ୟ ଦେବଦେବୀ ତଥା ରକ୍ଷା କର୍ତ୍ତ୍ରୀଙ୍କୁ ସ୍ମରଣ କରେ । ବଳିଦେବା ପାଇଁ କୁକୁଡ଼ା ରଖାଯାଏ । ନୂଆ ଫଳ, ପରିବା ଇତ୍ୟାଦି ଅଣାଯାଏ । ଖଣ୍ଡିଏ ବାଉଁଶ କାଠିର ଅଗ୍ରଭାଗକୁ ସାମାନ୍ୟ ଛେଚି ପିଠଉ ପାଣିରେ ବୁଡ଼ାଇ କୁଡ଼ାଙ୍ଗ ଚିତ୍ରକାର୍ଯ୍ୟ ଆରମ୍ଭ କରେ ।

ପ୍ରଥମେ ଚିତ୍ରର ଚିତ୍ରୁପାର୍ଶ୍ୱ ବନ୍ଧନୀ କାର୍ଯ୍ୟ ଆରମ୍ଭ ହୁଏ । ତାପରେ ତାହାକୁ ସମାନ ରେଖାଙ୍କନ ଦ୍ୱାରା ବିଭକ୍ତ କରି ଆୟତାକାର କ୍ଷେତ୍ର ବାହାର କରାଯାଯାଏ । ଚିତ୍ରଟିରେ ଯେଉଁ ଯେଉଁ ବିଷୟ ସନ୍ନିବେଶିତ ହେବା କଥା କୁଡ଼ାଙ୍ଗ ପର୍ଯ୍ୟାୟ କ୍ରମେ ଆଙ୍କି ଚାଲେ । ଏହି ସମୟରେ ଗୃହକର୍ତ୍ତ୍ରୀ ଓ ପରିବାରର ଅନ୍ୟ ସଦସ୍ୟାମାନେ ଧୀରେ ଧୀରେ ଯେଉଁ ଗୀତ ବୋଲନ୍ତି ସମ୍ଭବତଃ ଅଶରୀରୀମାନଙ୍କ ତୁଷ୍ଟି ନିମନ୍ତେ ତାହା ପ୍ରାର୍ଥନା ହୋଇପାରେ । ଚିତ୍ରର ବିଷୟ ବସ୍ତୁ କୁଡ଼ାଙ୍ଗ ଅଭ୍ୟାସଗତ ଭାବନା ଉପରେ ନିର୍ଭର କରିଥାଏ । କେହି କେହି କହନ୍ତି, କୁଡ଼ାଙ୍ଗକୁ ପୂର୍ବ ରାତ୍ରିରେ ଯାହା ସ୍ୱପ୍ନରେ ନିର୍ଦ୍ଦେଶ ହୋଇଥାଏ ତାହା ସେ ଆଙ୍କି ଚାଲେ ।

ଗୃହକର୍ତ୍ତା ଚିତ୍ର କରିବା ଦିନକୁ ପୂର୍ବରୁ କୁଡ଼ାଙ୍ଗକୁ ନିଜ ଘରକୁ ନିମନ୍ତ୍ରଣ କରି ଆଣେ ।ସେ ଆସିଲେ ସଂଧ୍ୟା ସମୟରେ ଗୃହକର୍ତ୍ତା ତାଙ୍କୁ ଗୋଟିଏ ଡ଼ାଲାରେ କିଛି ଚାଉଳ ଓ ଗୋଟିଏ ପାତ୍ରରେ ମଦ୍ୟ ଦିଏ । ତା'ପରେ ଚିତ୍ରକର କହିବା ଅନୁସାରେ ସ୍ଥାନ ନିର୍ବାଚନ ହୁଏ ଓ ନିରୂପିତ କାନ୍ଥ ଉପରେ ସୁନ୍ଦର ଭାବରେ ଲିପାଯାଏ । ଚିତ୍ରକର ଚାଉଳ ଓ





ମଦ୍ୟ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ସେଇଠି ଶୁଏ । ରାତିରେ ତାକୁ ସ୍ୱପ୍ନରେ ଯାହା ଯାହା ନିର୍ଦ୍ଦେଶ ହୁଏ ସକାଳେ ଉଠି ସେ ବିଧି ମୁତାବକ ଚିତ୍ର କାର୍ଯ୍ୟ ଆରମ୍ଭ କରେ ।

ଲତ କାନ୍ଥ ଉପରେ ସେ ଏକ କୋଠିର ଚିତ୍ର ପ୍ରଥମେ ଆଙ୍କେ । ସେ କୋଠିର ଆକାର କେଉଁଠି କେଉଁଠି ବର୍ଗାକାର, ଗୋଲାକାର କିମ୍ବା ଆୟତକାର ହୋଇଥାଏ । ତା ମଧ୍ୟରେ ତାହାକୁ ସମାନ ଭାବରେ ବିଭକ୍ତ କରି ସେଥିରେ ମନୁଷ୍ୟ ଜୀବଜନ୍ତୁଙ୍କର ଚିତ୍ର ଧାଡ଼ି ଧାଡ଼ି କରି ଅଙ୍କାଯାଏ । କୋଠି ଭିତରେ ଏହିପରି ଭାବେ ସଂପୂର୍ଣ୍ଣ ହୋଇଗଲେ ବାହାର ପଟରେ ଗଛଲତା, ଝିଟିପିଟି, ସାପ, ବେଙ୍ଗ, ହରିଣ , ଘୋଡ଼ା, ମନୁଷ୍ୟ ଇତ୍ୟାଦି ନାନା ଚିତ୍ର ଅଙ୍କାଯାଏ । ଏସବୁ ଚିତ୍ର ଅଂକନରେ ପୂର୍ବ ନିର୍ଦ୍ଦେଶିତ ଚରିତ୍ରମାନେ ସ୍ଥାନ ପାଇଥାଏ । ଏହାଛଡ଼ା ହାତୀ ଓ ଘୋଡ଼ାପିଠିରେ ବସି ଯିବାର ଦୃଶ୍ୟ ଏପରିକି ଆଧୁନିକ ଯୁଗର ବସ, ରେଳଗାଡ଼ି, ସାଇକେଲ୍ ଓ ଉଡ଼ାଜାହାଜର ଚିତ୍ର ମଧ୍ୟ ଅଙ୍କା ହୋଇଥିବା ଦେଖାଯାଏ । ଚିତ୍ର ହେଲା ପରେ ନିର୍ଦ୍ଦିଷ୍ଟ କାନ୍ଥଟି ଭରପୁର ହୋଇଥିବାର ଦେଖାଯାଏ । ଧଳା ପିଠଉ ପାଣିରେ ଚିତ୍ରଟି ଅଙ୍କା ହେଉଥିବାରୁ କାନ୍ଥ ଉପରେ ଚିତ୍ରଟି ସ୍ପଷ୍ଟ ହୋଇ ଦେଖାଯାଏ ।





## ଚିତ୍ର ପ୍ରତିଷ୍ଠା



ସଉରାମାନଙ୍କର ଦୃଢ଼ ବିଶ୍ୱାସ, ସେ ଚିତ୍ରଟି ଘରର ମଂଗଳ କାରକ । ଗୃହର କର୍ତ୍ତା ପ୍ରଥମେ ନିଜ ପରିବାରର ମଂଗଳକାମନା କରି ଏ ଚିତ୍ର ପାଖରେ ଗୁହାରୀ କରେ । ପ୍ରତିଷ୍ଠା ସମୟରେ ଚିତ୍ର ପାଖରେ କୁକୁଡ଼ା ବଳି ପଡ଼େ । ସମସ୍ତେ ମଦପିଇ ଆନନ୍ଦ ରେ ଗୀତ ଗାଆନ୍ତି । ଘର ମାଲିକାଣୀଙ୍କୁ ତା'ର ଜଣେ ସର୍ମକୀୟା ଟୋପାଏ ଟୋପାଏ ମଦପିଆଇ ଦେଉଥାଏ ଏବଂ ସେ ଧୀରେ ଧୀର ଗୀତ ଗାଇ ଚାଲିଥାଏ । ସେ ସମୟରେ ନୂଆଫଳ କିମ୍ବା ପରିବା ଚିତ୍ର ପାଖରେ ସମର୍ପଣ କରାଯାଏ । ଚିତ୍ର ପ୍ରତିଷ୍ଠା ସମୟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହନ୍ତି । ବଳି ପଡ଼ିଥିବା କୁକୁଡ଼ା ମାଂସକୁ ହାଣ୍ଡିରେ ଛେଚି ଛେଚି ଚଟଣୀ କରି କ୍ଷୀରିପରି ରାନ୍ଧନ୍ତି ଓ ପତ୍ର ଠୋଲାରେ ମାଂସଭାତ ରଖି ସମସ୍ତେ ମଉଜ କରି ପ୍ରସାଦରୂପେ ପାଆନ୍ତି । ଚିତ୍ର ପ୍ରତିଷ୍ଠା ପର୍ବ ଏହିପରି ସମାପ୍ତ ହୁଏ ।



ଚିତ୍ରପାଖରେ ଅର୍ପିତ ଫଳମୂଳ

କିନ୍ତୁ ଏଲୱିନ୍‌ଙ୍କ ଦ୍ୱାରା ସଂଗୃହୀତ ଏକ ବିବରଣୀରୁ ଜଣାପଡ଼େ ଯେ, ଚିତ୍ରକର ସମୁଦାୟ ଚିତ୍ରଟି ଆଙ୍କି ସାରିଲା ପରେ ଚିତ୍ରଟି ଠିକ୍ ହେଲାକି ନାହିଁ ସମନ ଦ୍ୱାରା ଚାଉଳ ଓ ମଦ୍ୟ ପ୍ରେତଙ୍କୁ ଯାଚି ଆବାହନ କରେ । ସମନପ୍ରେତକୁ ଆବାହନ କରି ପ୍ରେତର ମତାମତକୁ ଅପେକ୍ଷା କରେ । ତା ପରେ ପ୍ରେତର ନିର୍ଦ୍ଦେଶରେଏକ ଆଲୁଅ ଧରି ସମୁଦାୟ ଚିତକୁ ନିରିକ୍ଷଣ କରେ । ତା'ପରେ ସମନ ପ୍ରେତର ନିର୍ଦ୍ଦେଶରେ ଭଲମନ୍ଦ କହିଚାଲେ । ଯଥା : ମୋ ଦୁଆର ମୁହଁରେ ଚପରାଶୀ ମାନେ ନାହାନ୍ତି , ଏଠି ଚପରାଶି ଦୁଇ ତିନୋଟି ରଖ । ମୁଁ ଥରେ ସାଇକେଲରେ ବସିଥିଲି , ସେଥିରୁ ଗୋଟିଏ ରଖ । ଚିତ୍ର ଭିତରେ ଖାଲି ଜାଗା ମୋଟେ ରଖ ନାହିଁ । ସବୁଥିରୁ ଚିତ୍ର କରି ଭର୍ତ୍ତି କରି ଦିଅ । ତାପରେ ପ୍ରେତର ନିର୍ଦ୍ଦେଶରେ କୁଡ଼ାଙ୍ଗ ପୁଣି ଅଭାବ ଥିବା ଚିତ୍ରଗୁଡ଼ିକ ଆଙ୍କି ପୂରଣ କରେ ।



ତାପରେ ଚିତ୍ର ପାଖରେ ଆନୁସଂଗିକ ବିଧିରକ୍ଷା କରାଯାଇ ଚିତ୍ର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୁଏ । ସେହି ଦିନଠାରୁ ଚିତ୍ରଥିବା ସ୍ଥାନଟି ପବିତ୍ର ହେଲା ବୋଲି ସମସ୍ତେ ମନେ କରନ୍ତି । ଚିତ୍ର ହୋଇଥିବା କାନ୍ଥ ଦେହକୁ ଲାଗି ଓରାରେ ଶିକା ଝୁଲେଇ ତା ସାହାଯ୍ୟ ହାଣ୍ଡି, ମାଠିଆ ଟାଙ୍ଗି ସେଥିରେ ଚାଉଳ, ପିଆଜ, ଲେମ୍ବୁ ଇତ୍ୟାଦି ରଖନ୍ତି । ବର୍ଷର ବିଭିନ୍ନ ସମୟରେ ଅମଳ କରୁଥିବା ଫଳ ଓ ନୂଆ ପରିବା ଘରକୁ ଆସିଲେ ଚିତ୍ର ପାଖରେ ପ୍ରଥମେ ଅର୍ପଣ କଲାପରେ ଅନ୍ୟମାନେ ଖାଆନ୍ତି । ଏହି ହେଲା 'ଇଡ଼ିତାଲ' ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ସମ୍ମାନ ।

ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ବୈଶାଖ ମାସରେ "ଆବ୍‌ବାନ ଆଡୁର" ପର୍ବର ମହୁଆ ଫୁଲ ଓ ମହୁଆ ମଦ, 'ଏନ୍‌ଲାଜନ ଆଦୁର' ପର୍ବରେ ନୂଆ କାକୁଡି ଫଳ ଅର୍ପଣ କରାଯାଏ । ଆଷାଢ଼ ମାସରେ 'ଗନୁ -ଗୟାନ ଆଦୁର' ପର୍ବ ପନେ । ଭାଦ୍ରବରେ 'କଣ୍ଡେମନ ଆଡୁର' ପର୍ବ ପାଳନ କରି ନୂଆ ମୋଟା ଧାନକେଣ୍ଡା ଅମଳ କରି, ଚିତ୍ର

ପାଖରେ ଅର୍ପଣ କରାଯାଏ । 'ଉଦନ ଆଦୁର' ପର୍ବ ପାଳନ କରି ଚିତ୍ର ପାଖରେ ଅର୍ପଣ କଲାପରେ ନୂଆ ପାଚିଲା ଆମ୍ବ ଖିଆଯାଏ ।

“ଇଡ଼ିତାଲ” ପ୍ରତି ସଉରାମାନଙ୍କ ଭକ୍ତି ଓ ବିଶ୍ୱାସ ଅତୁଟ । ସେମାନଙ୍କ ଗୃହରେ ଏହି ଚିତ୍ର ଇଷ୍ଟଦେବ ରୂପେ ପୂଜିତ ହୁଏ । ଚିତ୍ରରେ ଯେଉଁ ସଚରାଚର ଜୀବଜନ୍ତୁମାନଙ୍କର ଆକୃତି ପ୍ରକୃତି ଦୃଷ୍ଟି ଗୋଚର ହୁଏ । ସେମାନେ ଘରର ମଂଗଳ କାରକ ଓ ସେମାନଙ୍କ ଦ୍ୱାରା ଅଦୃଷ୍ଟର ବିଧାନ ସର୍ବଦା ପରିବାର ସଦସ୍ୟମାନଙ୍କ ପ୍ରତି ହିତକର ଏଇ ବିଶ୍ୱାସ ରଖି ସେମାନେ ନିଜର କର୍ତ୍ତବ୍ୟ କରିଥାଆନ୍ତି ।

ପରିବାର ମଧ୍ୟରେ କେବେ କାହାରି ଦେହ ଅସୁସ୍ଥ ହେଲେ, ସେ ଚିତ୍ର ପାଖରେ ରୋଗୀକୁ ଶୁଆଇ ଜଣେ ବୟୋଜ୍ୟେଷ୍ଠ ଗୁହାରିଆ ପଡ଼େ । ପରିବାର ଆଉ ଜଣେ ସ୍ତ୍ରୀ ସଦସ୍ୟ କୁଲାରେ ଚାଉଳ ରଖି , ହଳଦୀ ମିଶାଇ ହାତରେ ବୁଲାଇବା ସମୟରେ ଧିରେ ଧିରେ ଗୀତ ବୋଲନ୍ତି । ଏହା ଦ୍ୱାରା ନିଜର ପାରମ୍ପରିକ ବିଶ୍ୱାସ ବଳରେ ରୋଗୀ ସୁସ୍ଥ ହୋଇଯାଏ ।





ଚିତ୍ର ପାଖରେ ସେମାନେ କେତେଗୁଡ଼ିଏ ଆସବାସ ପତ୍ର ରଖିବାକୁ ଭଲପାଆନ୍ତି । ଚିତ୍ରିତ କାନ୍ଥର ଉପରେ ମୁଣ୍ଡରେ ବାଉଁଶ ଅଲଗୁଣି ଥାଏ । ତା'ପରେ କେତେକ ଲୁଗାପଟା ରହିଥାଏ । ଛତା ମଧ୍ୟ ଟଙ୍ଗା ହୋଇଥାଏ । ଶିକାରେହାଣ୍ଡି ଓ ମାଠିଆ ରଖାଯାଇ ଟଙ୍ଗା ଯାଇଥାଏ

ଏହା ଛତାତଳେ ଏକ ଲୁହାଖଡ଼ିକା (ଯାହାର ଅଗ୍ରଭାଗ  ଛତା ବେଣ୍ଟ ପରି ବଙ୍କା ହୋଇଥାଏ ଚିତ୍ର କାନ୍ଥକୁ ଲାଗି କାହାରି କାହାରି ହାଣ୍ଡିଶାଳ ମଧ୍ୟ ଥାଏ । କେତେକ ସ୍ଥାନରେ ଚିତ୍ରପାଖରେ  ନୂଆ ଫଳମୂଳ  ଅର୍ପଣ କଲେ ତାହା ଥୁଆ ହୋଇଥାଏ । ଟଙ୍ଗାଯାଇଥିବା ହାଣ୍ଡି ମାଠିଆରେ ଯେଉଁ ଗୋଟିଏ କୁକୁଡ଼ା ପରି ଖୋସା ଯାଇଥାଏ ସମ୍ଭବତଃ ଉକ୍ତ ପରଟି ବଳି ଦିଆଯାଇଥିବା କୁକୁଡ଼ାର ।



କୃଷିର ଉନ୍ନତି ନିମନ୍ତେ ଚିତ୍ର

## ଚୈତ୍ରିକ ବିଶ୍ଳେଷଣ (୧)

‘ଇଡ଼ିତାଲ’ଗୁଡ଼ିକର ବିଷୟ ବସ୍ତୁ ଭିନ୍ନ ଭିନ୍ନ ଆବଶ୍ୟକତାକୁ ନେଇ ଅଙ୍କା ଯାଇଥାଏ । କୃଷିର ଉନ୍ନତିପାଇଁ ଯେଉଁ ଚିତ୍ର ଅଙ୍କା ହୋଇଥାଏ, ରୋଗ ନିରାମୟ ପାଇଁ ତାହା ଅନ୍ୟ ପ୍ରକାର ହୋଇଥାଏ । ଏପରି କେତୋଟି ଚିତ୍ରକୁ ସମୀକ୍ଷଣ କରାଯାଇ ତାହାକୁ ସାତିଟି ବିଭାଗରେ ବିଭକ୍ତି କରାଯାଇ ଅଛି ।

୧- କୃଷିର ଉନ୍ନତି ନିମନ୍ତେ ଚିତ୍ର ।

୨- ଜନ୍ମିତ ଶିଶୁଙ୍କୁ ରକ୍ଷଣାବେକ୍ଷଣ  ନିମନ୍ତେ ନିବେଦିତ  ଚିତ୍ର

୩-ରୋଗ ନିରାମୟ ନିମନ୍ତେ ଚିତ୍ର

୪- ପୋଡୁଚାଷ ରକ୍ଷା ନିମନ୍ତେ ଚିତ୍ର

୫-ବିପଦଆପଦପାଇଁ ରକ୍ଷାକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଚିତ୍ର ।

୬- ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଚିତ୍ର

୭- ସର୍ବଶାନ୍ତି ପାଇଁ ନିବେଦିତ ଚିତ୍ର

ପ୍ରତ୍ୟେକ ଚିତ୍ର ଅଙ୍କିତ ହେବାର ଅବ୍ୟବହିତ ପୂର୍ବରୁ ଗୃହକର୍ତ୍ତା ସ୍ୱପ୍ନାଦେଶରୁ ପ୍ରାପ୍ତ ବିବରଣୀ କୁଡ଼ାଙ୍ଗକୁ ଜଣାଇଥାଏ । କୁଡ଼ାଙ୍ଗ ଗୃହକର୍ତ୍ତାର ନିମନ୍ତ୍ରଣ କ୍ରମେ ପ୍ରେତାତ୍ମା କିମ୍ବା ଦେବତାଙ୍କ ଉଦ୍ଦେଶ୍ୟରେ ଯଥାବିଧି ନୈବେଦ୍ୟ ଅର୍ପଣ କରି ଚିତ୍ର କରିବାର ଉଦ୍ଦେଶ୍ୟ ଓ ଚିତ୍ର ସଂଯୋଜନା ନମନ୍ତେ ଗୁହାରିଆ ପଡ଼େ । ସ୍ୱପ୍ନାଦେଶ ପ୍ରାପ୍ତ ହେଲାପରେ ସେ ଚିତ୍ରକାର୍ଯ୍ୟ ଆରମ୍ଭ କରେ ।

ଅତୀତରେ ଯେଉଁ ପ୍ରକାରେ ଚିତ୍ରକାର୍ଯ୍ୟ ବହୁଳ ଭାବେ ସଉରା ଗ୍ରାମମାନଙ୍କରେ ହେଉଥିଲା, ଏବେ ତାହା ଆଉ ନାହିଁ । କେଉଁ କାରଣରୁ ତାହା ଧୀରେ ଧୀରେ ଲୋପ ହୋଇ ଯାଉଛି, ତାହା ଅନୁଧ୍ୟାନ ସାପେକ୍ଷ । ତେବେ ସେ ସମୟରେ ଡ଼ଃ ଏଲ୍‌ଉଇନ୍ ବହୁ କଷ୍ଟ ସ୍ୱୀକାର କରି ସେମାନଙ୍କଠାରୁ ବହୁ ଲୌକିକ କାହାଣୀ ସଂଗୃହୀତ କରି ପାରିଥିଲେ । ଇଡ଼ିତାଲର ବିଭିନ୍ନ ସଂଯୋଜନା ପ୍ରେତାତ୍ମା ନିର୍ଦ୍ଦେଶିତ ଏହା ଅବଶ୍ୟ ସତ୍ୟ ହୋଇଥାଇପାରେ, ମାତ୍ର ସଉରା ସମାଜରେ ଯେଉଁ ପାରମ୍ପରିକ ବିଶ୍ୱାସ ଅଦ୍ୟାବଧି ପ୍ରଚଳିତ ତାହାର ଅବକ୍ଷୟିଷ୍ଣୁ ଅବଶେଷ ସଂପ୍ରତି ସମାଜରେ ମାତ୍ର ଉପଲବ୍ଧ । ବିଭିନ୍ନ ଆବଶ୍ୟକତାକୁ ନେଇ ଅଙ୍କା ଯାଇଥିବା ଚିତ୍ରର ନମୁନା ସହ ସଂଗୃହୀତ ବିବରଣୀ ଏଠାରେ ଦିଆଗଲା ।

(୧) କୃଷିର ଉନ୍ନତି ନିମନ୍ତେ ଚିତ୍ର -

ଉକ୍ତ ଚିତ୍ରଟି ସିଂଗ୍ରାଙ୍କୁ ଗୃହରେ ଅଙ୍କା ହୋଇଥିଲା । ବିହନ ବୁଣା ପର୍ବ ପାଳନ ଅବସରରେ ସେ ସବୁସୁମ୍‌ଙ୍କ ଉଦ୍ଦେଶ୍ୟରେ ଏହି ଚିତ୍ରଟି କରାଇ ଥିଲା । ଏହା ପୂର୍ବରୁ ସେ ଗୋଟିଏ କୁକୁଡ଼ା ବଳି ଯାଚିଥିଲା । ସେ ବିହନ ବୁଣି ଯିବା ପୂର୍ବଦିନ ରାତିରେ ଗୋଟିଏ ସ୍ୱପ୍ନ ଦେଖିଲା । ସେଦିନ ଶୁକ୍ରବାର ହୋଇଥାଏ । ସେ ବିହନ ଧରି ବିଲକୁ ବୁଣିବାକୁ ଯାଉଥାଏ । ବାଟରେ ଗୋଟିଏ ବାଘକୁ ଦେଖିଲା । ବାଘଟି ତାକୁ ମାରିବା ପାଇଁ ଆଗେଇ ଆସିଲା । ସିଂଗ୍ରାଙ୍କୁ ଭୟରେ ପଛ କରି ଦୂରକୁ ଦୌଡ଼ି ପଳେଇଲା । ବାଟରେ ଦେଖିଲା, ତା'ର ବାପ ଓ ମାଆ ଏକାଠି ମରି ପଡ଼ିଛନ୍ତି । ସେ ଦୁଃଖ କଲା । ତା ପରଦିନ ସମନକୁ ସବୁକଥା ଜଣାଇଲା ।ସମନ ପିତୃ ପୁରୁଷଙ୍କୁ ଧ୍ୟାନ କରିବାକୁ ଜାଣିଲା ଯେ, ସିଂଗ୍ରାଙ୍କୁର ଘରେ ଥିବା କାନ୍ଥଚିତ୍ରଟି ଭୁଲ୍ ହୋଇଛି । ତାକୁ ଲିଭାଇ ଠିକ୍ କଲେ; ଫସଲ ଦେବତା ଖୁସି ହେବେ ଏବଂ ଚାଷ ମଧ ଭଲ ହେବ ।



ସିଂଗ୍ରାଙ୍କୁ ଆଉ ଏକ ସନ୍ଦେହରେ ପଡ଼ିଲା । କିପରି ଚିତ୍ରଟିକୁ ଠିକ୍ କରି ଆଙ୍କିବ କିଛି ଠିକ୍ କରି ପାରିଲା ନାହିଁ । ଏହିପରି ଭାବନାରେ

ରହିବାରୁ ଦିନେ ରାତିରେ ସେ ସ୍ୱପ୍ନ ଦେଖିଲା । ତା'ର ପିତୃପୁରୁଷ ତାକୁ ଦେଖାଦେଇ ଚିତ୍ର କେମିତି ଠିକ୍ କରି ହେବ ଜଣାଇଦେଲେ ।

ସେ ତହିଁଆର ଦିନ ଉଠି ତାକୁ ଲିଭାଇ ପୁଣି ଉପବାସ ରହି କାନ୍ଥରେ ଚିତ୍ର କଲା । ଏଥର ସବୁ ଠିକ୍ ହୋଇଗଲା । ପୁଣି ଗୋଟିଏ କୁକୁଡ଼ା ବଳି ଦେଇ ବିଲକୁ ବିହନ ବୁଣିବା ପାଇଁ ଗଲା । ସେ ଠିକ୍ କରି ଆଙ୍କିଥିବା ଚିତ୍ରଟି ଏହିପରି - ସମଗ୍ର ଚିତ୍ରଟି ଚାରିକୋଣିଆ, ତା'ର ଚାରିପାଖରେ ତାରାମାନଙ୍କର ଚିତ୍ର । ମଝିରେ ଜଂଗଲ ସଫା କରାଯାଉଛି । ହଳ ବୁଲୁଥିବା ଚିତ୍ର ମଧ ହୋଇଛି । କେନ୍ଦ୍ରରେ ଦୁଇଟି ସ୍ତ୍ରୀଲୋକ ମୁଣ୍ଡରେ ବିହନ ଧରି ଛିଡ଼ା ହୋଇଛନ୍ତି । ଆଉ ଜଣେ ସେମାନଙ୍କ ପାଇଁ ଖାଦ୍ୟ ଆଣୁଥିବାର ଜଣାପଡୁଛି ଇତ୍ୟାଦି ଇତ୍ୟାଦି ।



(୨) ଜନ୍ମିତ ଶିଶୁଙ୍କୁ ରକ୍ଷଣା ବେକ୍ଷଣ ନିମନ୍ତେ ଚିତ୍ର -

ସୁକିବୁଇ ବୋଲି ଗୋଟିଏ ଗର୍ଭିଣୀ ସ୍ତ୍ରୀ ଲୋକ ଅସହ୍ୟ ଗର୍ଭ ଯନ୍ତ୍ରଣା ପାଇବାରୁ, ସମନ ଦ୍ୱାରା ଧରମବୁଇ ଓ ଗଡ଼େଜାଇଙ୍ଗ୍ ବୁଇଙ୍କୁ ବଳି ଯାଚିଥିଲା । ସେ ଉଦ୍ଦେଶ୍ୟରେ ତାଙ୍କ ଘରେ ଏପରି ଚିତ୍ର ଅଙ୍କିତ ହୋଇଥିଲା । ଚିତ୍ର ପାଖରେ ଗୁହାରି କରିବା ଦ୍ୱାରା ନିଜେ ଧରମବୁଇ ସୁକିର ପେଟ ଉପରେ ହାତ ରଖି ସୁଖ ପ୍ରସବ କରାଉଛନ୍ତି । ଧରମବୁଇ ଠାକୁରାଣୀର ଦୁଇ ଝିଅ ମାଠିଆରେ ପାଣି ଆଣୁଛନ୍ତି । ପ୍ରସବ ପରେ ମା ଓ ସନ୍ତାନକୁ ଧୋଇ ଦେବେ ।

(୩) ରୋଗ ନିରାମୟ ପାଇଁ ନିବେଦିତ ଚିତ୍ର

ଉକ୍ତ ଚିତ୍ରଟି ରୋଗ ଦାଉରୁ ରକ୍ଷା ପାଇବା ପାଇଁ ଦେବତାମାନଙ୍କୁ ନିବେଦିତ ହୋଇଛି । ପରିବାରରେ କାହାର ଦେହ ଅସୁସ୍ଥ ହେଲେ, ଏହି ପରି ଚିତ୍ର ପାଖରେ ଗୁହାରି କରାଯାଏ । ଏ ଚିତ୍ର ବିଷୟରେ ଏକ ଗଳ୍ପ ମଧ ଅଛି ।

ଆଦିଆ ଓ କାରିକା ନାମରେ ଦୁଇ ଭାଇ ଥିଲେ । ସେ ଦୁଇଜଣ ତାଙ୍କ ବାପାଙ୍କ ସହିତ କିଛି ବର୍ଷ ହେଲା ରହି ଆସୁଥିଲେ । ବାପା ମରିଯିବା ପରେ ସେ ଦୁଇଜଣ ଅଲଗା ହୋଇ ରହିଲେ । ଅଲଗା ହୋଇଯିବାପରେ ଆଦିଆ ତା



ରେଗ ନିରାମୟ ପାଇଁ ନିବେଦିତ  ଚିତ୍ର

ନୂଆଘରେ ଗଦଲ୍‌ସୁମ୍ ଦେବତାଙ୍କ ପାଇଁ ଚିତ୍ରଟିକୁ ଆଙ୍କି ରଖିଲା, ତା' ସହିତ କର୍ଣ୍ଣୋସୁମ୍ ଓ ମାର୍ଡ଼ିସିଂ ସୁମ୍‌କୁ ଚିତ୍ରରେ ସ୍ଥାନ ଦେଲା । ମାତ୍ର କାରିକା ନୂଆ ଘର  କରି କିଛି ଚିତ୍ର କଲାନାହିଁ । ଉକ୍ତ ଦେବତାମାନେ  ତାକୁ ସ୍ୱପ୍ନରେ କହିଲେ 'ତୋ ଭାଇ କରିଥିବା ଘରେ  ଆମେ ବର୍ତ୍ତମାନ ରହୁଛୁ, ମାତ୍ର ଆମେ ତୋ ଘରେ ମଧ୍ୟ ରହିବାକୁ ମନ କରିଛୁ । ସକାଳକୁ କାରିକା ସ୍ୱପ୍ନ କଥା ଭୁଲିଗଲା । ଚିତ୍ର କଲାନାହିଁ । ତିନିଦେବତା ରାଗି ଗଲେ । ଦିନେ  କାରିକା ସଲପ ପିଇଦେଇ  ଅନ୍ଧାରରେ ଘରକୁ ଫେରୁଛି, ଏହି ସମୟରେ କର୍ଣ୍ଣୋସୁମ୍ ତାକୁ ପଛ ଆଡୁ ଧକ୍କାଟିଏ ମାରି ତଳେ ପକାଇ ଦେଲେ । ଅନ୍ୟ ଦୁଇ  ଦେବତା ତାଙ୍କୁ ମାଡ଼ି ବସି ପିଟିଲେ । ତା'ପରେ  କାରିକା ଅସୁସ୍ଥ ହୋଇ ଘରକୁ ଫେରିଲ, ତା'ର ସବୁ ସ୍ୱପ୍ନ କଥା ମନେ ପଡ଼ିବାରୁ ସେ ଅନୁତାପ କଲା,  ତାପର ଦିନ  ସମନ ପାଖକୁ ଯାଇ ସବୁ ଘଟଣା କହିଲା । ସମନ ଉକ୍ତ  ଘଟଣାରେ ଏକ ସ୍ୱପ୍ନାଦେଶ ପାଇଲା , କାରିକା ତିନି ଦେବତାଙ୍କ ପାଇଁ ଚିତ୍ର କଲେ ସେମାନେ  ଶାନ୍ତି ପାଇବେ । କାରିକା ସମନକୁ କିପରି ଚିତ୍ର କରାଯିବ ତାଠାରୁ ଜାଣିବାକୁ ଚାହିଁଲା । ଦିନେ ସଂଧ୍ୟାରେ ସବୁକଥା ସିଦ୍ଧାନ୍ତ ହେଲା, ବଳିପାଇଁ ଛେଳିଟିଏ ରଖାହେଲ । କାରିକା ଧୀରେ ଧୀରେ ସୁସ୍ଥ ହେବାକୁ ଲାଗିଲା ।

ତାପରେ ଏହି ଚିତ୍ର ପ୍ରସ୍ତୁତ ହୋଇଥିଲା । ଉକ୍ତ ଚିତ୍ରରେ ତିନି ଦେବତାଙ୍କ ପାଇଁ ତିନୋଟି ଘର ତିଆରି ହୋଇଛି । ପ୍ରତି ଚିତ୍ରରେ ଦେବତାଙ୍କର ସେବାକାରୀ ଅଛନ୍ତି । ତାଙ୍କୁ ଖୁସି କରିବା ପାଇଁ ନାଚଗୀତ ହେଉଛି । ଦେବତାଙ୍କ ବିଶ୍ୱସ୍ତ କର୍ମୀମାନେ ହାତୀ ଓ ଘୋଡ଼ାରେ ଚଢ଼ି ଯାଉଛନ୍ତି । ଗଜଲ୍‌ସୁମ୍ ପାଇଁ ଅନ୍ୟମାନେ ପ୍ରସାଦଧରିଛନ୍ତି ।

### (୪) ପୋଡୁଚାଷ ରକ୍ଷା ଉଦ୍ଦେଶ୍ୟରେ ଚିତ୍ର :

ସଉରାମାନେ ପୋଡୁଚାଷ କରନ୍ତି । ପାହାଡ଼ ଉପରୁ ଗଛ କାଟି ସମତଳ ପାହାଚ ପାହାଚ ପରି କରି ଚାଷ କରନ୍ତି । ପାହାଡ଼ ଦେହରେ ଥିବା ଗଛଲତା କାଟି ଚାଷପାଇଁ ମାଟି ସ୍ତର ପ୍ରସ୍ତୁତ କରିବା ପୂର୍ବରୁ ସେମାନେ ଲବୋସୁମ୍ ଦେବତାଙ୍କୁ ପୂଜା କରନ୍ତି । ସେମାନେ ଯେଉଁଠିକୁ ଯାଆନ୍ତି ତାହା ପ୍ରାୟ ଘରଠାରୁ ବେଶୀ ଦୂର ହୋଇ ନଥାଏ ।

ଥରେ ସେମାନେ ପ୍ରଥମେ  ଜଙ୍ଗଲ ସଫା କରିବାକୁ ଗଲେ । ସେଠାରେ ସମସ୍ତେ ଅସୁସ୍ଥ ହୋଇ ପଡ଼ିଲେ । ତାଙ୍କୁ



ଲବୋସୁମ୍ ଏପରି କଲେ ବୋଲି ସେମାନେ ଜାଣିଲେ । ଉୟୁଙ୍ଗବୋଇ ଯିଏକି ସୂର୍ଯ୍ୟ ଦେବତା ସେ ମଧ୍ୟ କୋପ କଲେ । ସେମାନେ ଫେରିଆସି ସମନକୁ ଜଣାଇବାରୁ ସମନ ଏପରି ଚିତ୍ର କରିବାକୁ ନିର୍ଦ୍ଦେଶ ଦେଲା ।

ଚିତ୍ରଟିରେ ଉପରେ ଡ଼ାହାଣ ପାଖରେ ଯେଉଁ କୁଣ୍ଡଳୀ ଭଳି (ମୋଡ଼ା) ବୃତ୍ତଟିଏ ଅଛି ତା ଉପରକୁ ଗଛଟିଏ ମଧ୍ୟ ଅଛି । ତାହା ହେଉଛି ସୂର୍ଯ୍ୟ ଦେବତାଙ୍କ ଘର । ତା ପାଖକୁ ଲବୋସୁମ୍ ଓ ତାଙ୍କ ସ୍ତ୍ରୀ ହାତୀରେ ଚଢ଼ି ଆସୁଛନ୍ତି । ଚାରି ପାଖରେ ଜୀବଜନ୍ତୁ ପକ୍ଷୀ ଇତ୍ୟାଦି ଅଛନ୍ତି । ବାମ ପାଖରେ କୁକୁର ଉପରେ ଯିଏ ବସିଛି ସେ ହେଉଛି ଉୟୁଙ୍ଗସୁମ୍‌ଙ୍କ (ଯମ) ସେ ଏକ ରାକ୍ଷସ, ସୂର୍ଯ୍ୟଙ୍କୁ ଗିଳିବ ବୋଲି ଯାଉଛି ।



ଯେତେବେଳେ ଚିତ୍ରକର ଏହି ଚିତ୍ରଟିକୁ ଆଙ୍କୁଥିଲା, ସେତେବେଳେ ଟାଙ୍ଗୋର ବାସୁମ୍ (ବାଟ ଦେବତା) ସମନ ପାଖକୁ ଆସି ଏକ ଅଂଶ ମାଗି ବସିଲା । ତେଣୁ ତା ଖୁସି ପାଇଁ ତଳେ (ବାମ ପାଖରେ ) ତା ପାଇଁ ଏ ଘର ତିଆରି ହେଲା । ପ୍ରକୃତରେ ଏହି ଦେବତା ପାହାଚ ଉପରେ ଯିବା ବାଟରେ ଜଣେ କୁମ୍ଭାର ହାଣ୍ଡି ଧରି ଯାଉଛି ତା'ର ଚିତ୍ର ମଧ୍ୟ ହୋଇଛି ।

ପ୍ରଥମେ ଘଟଣା ଘଟିବା ବେଳେ ଜଣେ ବନରକ୍ଷୀ ସାଇକେଲରେ ସେଠିକି ଯାଉଥିବା ସମୟରେ ସେମାନଙ୍କୁ ଦେଖିଲା । ସଉରାମାନଙ୍କ ସଂଗରେ ବନ-ରକ୍ଷୀର ଝଗଡ଼ା ହେଲା ସେ ଜଙ୍ଗଲରୁ ଗଛ କାଟିବାକୁ ମନାକଲା । ମାତ୍ର ଏ ପ୍ରକାର ଅବସ୍ଥା ଦେଖି ସେ ସମସ୍ତ ହାଲ ସେମାନଙ୍କଠାରୁ ଶୁଣିଲା ଏବଂ ଦେବଦେବୀଙ୍କ ଚିତ୍ରରେ ଏପରି ମହତ୍ତ୍ୱ ଅଛି ବୋଲି ଜାଣି ତାଙ୍କୁ ଛାଡ଼ି ଚାଲିଗଲା ।

**୫. ବିପଦ ଆପଦପାଇଁ ରକ୍ଷାକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଚିତ୍ର :**

ଲେବୋ ନାମରେ ଜଣେ ବ୍ୟକ୍ତି ଥିଲା । ତା'ର ସାନ ଭଉଣୀ ଇମ୍ଭୁରି ଗୁଣି ଗାରେଡ଼ି ଶିଖିବାକୁ ତା ପିଉସୀ ପାଖକୁ ଗଲା ମାତ୍ର ପିଉସୀ ତାଙ୍କୁ କିଛି ଶିଖାଇ ପାରିଲା ନାହିଁ । ଅଳ୍ପ ଦିନପରେ ବୁଢ଼ୀ ମରିଗଲା । ତାପରେ ଇମ୍ଭୁରି ଜ୍ୱରରେ ପଡ଼ିଲା । ମୃତ ପିଉସୀ ସମନ ପାଖକୁ ଆସି କହିଲା, ଏ ସଂସାରରେ ମୋର ଗୋଟିଏ ପୁଅ ଅଛି । ମୁଁ ଇମ୍ଭୁରିକୁ ନେଇ ଯାଉଛି , ତା ସହିତ ବିଭା କରିଦେବି । ଏ ଦୁହେଁ ମୋତେ ଖାଇବାକୁ ପିଇବାକୁ ଦେବେ । ଏକଥା ଲେବୋ ଯେତେବେଳେ ଜାଣିଲା, ସେ ପ୍ରତିବାଦକଲା କହିଲା, ତୁମ ଇମ୍ଭୁରିକୁ ନେଇ ଯାଆନା, ଆମେ ତୋତେ ଭୋଜି ଦେଇ ଖୁସି କରାଇବୁ । ପ୍ରେତ ବୁଢ଼ୀ କହିଲା, ନା ମୁଁ କୁକୁଡ଼ା ବଳି ଚାହେଁ ନାହିଁ, ତୁ ଯଦି ମୋ ପାଇଁ ମୋ ନା'ରେ ଚିତ୍ରଟିଏ କରି ଦେବୁ ତାହାହେଲେ ମୁଁ ଛାଡ଼ିଦେବି ।







ଚିତ୍ରରେ ମୁଁ ରହିବି , ମୋ ପୁଅ ରହିବ, ଇମ୍ଭୁରି ମଧ ରହିବ । ତାପରେ ଝିଅଟି ଭଲ ହେବାକୁ ଲାଗିଲା ।

ବୁଢ଼ୀ କହିବା ଅନୁସାରେ ଲେବୋ ଆମ୍ବ ନୂଆଖିଆ ପର୍ବଦିନ ଗୋଟିଏ ଚିତ୍ର ଆଙ୍କିଲା । ତାପରେ ଇମ୍ଭୁରି ବିଭାହେଲା ଏବଂ ସମନ କାର୍ଯ୍ୟ ତୁଲାଇଲା ।

୬. ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଚିତ୍ର :



ଏହି ଚିତ୍ରଟି ସାଇତିନ୍ ଘରେ ଥିଲା ଥରେ ସାଇତିନ୍‌ର ବାପା ବେମାର ପଡ଼ିଲା । ତା ବାପାଙ୍କ ବାପର ପ୍ରେତ ସ୍ୱପ୍ନରେ ଦେଖାଦେଇ ତା ପାଖକୁ ନେଇଯିବାକୁ କହିଲା । ଏକଥା ସାଇତିନ୍ ଜାଣି ପ୍ରତିବାଦ କଲା । କିନ୍ତୁ ଉପାୟ ନଥିଲା । ତା ପରଦିନ ତା'ବାପା ମରିଗଲା । ବିଧି ପୂର୍ବକ ବାପାର ମୃତ ସଂସ୍କାର ସରିଲା । ଠିକ୍ ବର୍ଷକ ପରେ ସେ ନିଜେ ବ୍ୟାଧିଗ୍ରସ୍ତ ହୋଇପଡ଼ିଲା । ଦିନେ ରାତିରେ ତା ନିଜ ବାପର ପ୍ରେତାତ୍ମା ଆସି କହିଲା, କୌଣସି ପର୍ବ ପର୍ବାଣୀରେ ମୋତେ ସନ୍ତୁଷ୍ଟ କରାଯାଉ ନାହିଁ, ତୁମ ମୋ ପାଇଁ ଗୋଟିଏ ଚିତ୍ର କରିଦେବୁ । ଯେଉଁ ଚିତ୍ରରେ କି ଘୋଡ଼ା ଉପରେ

ମଣିଷମାନେ ବସିଥିବେ । ମୋ ପାଇଁ ଗୋଟିଏ ମହୁଫେଣା କରିଦେବୁ । ଯେଉଁ ଡ଼ାଳରେ କି ମହୁମାଛି ମାନେ ବସିଥିବେ । ଜଣେ ସ୍ତ୍ରୀ ଲୋକ ଗୋଟିଏ ଜାଗାରେ ଭାତ ମଣ୍ଡ (ହାଣ୍ଡିଆ ) ଆଣୁଥିବେ । ଏତିକି କଲେ ତୁ ଭଲ ହୋଇଯିବୁ । ତାପରଦିନ ସକାଳେ ସାଇତିନ୍ ନିଜେ ଚିତ୍ର କଲା ସେ ଚିତ୍ର ଦେଖିବାକୁ ପୁଣି ପ୍ରେତାତ୍ମା ଆସି ଭାରି ଖୁସି ହେଲା ।



ୱାର୍ଲି ଚିତ୍ର ନମୂନା

**୭. ସର୍ବଶାନ୍ତି ପାଇଁ ଚିତ୍ର :**

ଗଂଜାନୋ ବୋଲି ଜଣେ ସମନ ଥାଏ । ଉକ୍ତ ଚିତ୍ରଟି ତା ଘରେ ଅଂକା ଯାଇଥିଲା ଗଂଜାନୋର ପିଉସୀ ଜଣେ ବିଖ୍ୟାତ ଗୁଣିଆ ଥିଲା । ସେ ଆସାମ ଚା ବଗିଚାରେ ଥାଇ ମରିଗଲା । ସେ ମରିଗଲା ପରେ ତା'ର ପ୍ରେତାତ୍ମା ଆସାମରୁ ଆସି ତା'ର ଭାଇକୁ କହିଲା, ମୋର ଗୋଟିଏ ଝିଅ ଅଛି । ତା ନାଁ ଇର୍‌ପାନି । ଗଂଜାନୋ ସହିତ ବିଭା କରାଇଦୋ ଗଂଜାନେ କିଛି କରିବାର ଉପାୟ ନଥିଲା । ସେ ସେଦିନ ସ୍ୱପ୍ନରେ ଦେଖିଲା ବହୁତ ଲୋକ ଗୋଟିଏ ରେଳ ଗାଡ଼ିରେ ବସି ତା ପାଖକୁ ଆସିଲେ । ଇର୍‌ପାନି ତାକୁ ଘର ଭିତରକୁ ଟାଣି ଆଣିଲା ଓ ସେ ନା-ନା ଚିତ୍କାର କରୁଥିଲା । ଏହାପରେ ସେ ଟ୍ରେନ୍‌ର ଶବ୍ଦ ଶୁଣି ଚମକି ଉଠି ପଡ଼ିଲା । ତାପରେ ଅସୁସ୍ଥ ହୋଇ ପଡ଼ିଲା । ଭୀଷଣ ମୁଣ୍ଡବ୍ୟଥା ହେଉଥିବାରୁ ସେ ଆଉ ଉଠିପାରିଲା ନାହିଁ । ସେ ନିଷ୍ଚୟ କଲା ଇର୍‌ପାନିକୁ ବିଭାଦେବ । ମାତ୍ର ବିଧି ଅନୁସାରେ ଚିତ୍ର କେମିତି ଆଙ୍କିବ ଭାବି ଠିକ୍ କରି ପାରିଲାନାହିଁ । ସ୍ୱପ୍ନରେ ଦେଖିଥିବା ଏତେ ଗୁଡ଼ିଏ ଲୋକଙ୍କୁ ଆଙ୍କିଲେ ବିରାଟ ଚିତ୍ରଟିଏ ହୋଇଯିବ । ତାପରେ ଇର୍‌ପାନି ମଧ୍ୟ ଏକ ସ୍ୱପ୍ନ ଦେଖିଲା ଓ କେମିତି ଚିତ୍ର ହେବ ବତାଇ ଦେଲା ।



ଏହି ଚିତ୍ରଟିରେ ବିଷୟ ବସ୍ତୁ ହେଉଛି ଏହା ଇର୍‌ପାନିର ଘର । ସେ ମଝିରେ ବସିଛି । ତା'ର ସାଥିମାନେ ମଧ୍ୟ ବସିଛନ୍ତି ଏବଂ ଆହୁରି ଅନେକ ଲୋକ ତାଠାରୁ ଉପଦେଶ ଶୁଣିବା ପାଇଁଜମା ହୋଇଛନ୍ତି । ତଳେ ଗୋଟିଏ ଟ୍ରେନ୍ ମଧ୍ୟ ଯାଉଛି ।

## ଚୈତ୍ରିକ ବିଶ୍ଳେଷଣ (୨)

ଚିତ୍ରଣ ପଦ୍ଧତି : 'ଇଡ଼ିତାଲ' ଚିତ୍ରଣ ପଦ୍ଧତିର ପ୍ରଧାନ ଗୁଣ ହେଉଛି ଜ୍ୟାମିତିକ ନକ୍ସା ସହିତ ଭୌତିକ ଜୀବଜନ୍ତୁଙ୍କର ରୈଖିକ ଅଂକନ ତଥା ସଜତତମ ଗଠନ ଓ ମୌଳିକ ବର୍ଣ୍ଣର ସମନ୍ୱୟ । ସ୍ଥୂଳତଃ ଏହି ଚିତ୍ର ଚାଉଳ ଚୂନା (ପିଠଉ) ରେ ପ୍ରସ୍ତୁତ ହୋଇଥିବାରୁ ଏହା ପବିତ୍ର ଓ ଶୁଦ୍ଧର ପ୍ରତୀକ ସହଜତମ ଢ଼ଙ୍ଗରେ ରେଖାର ସାବଲୀଳ ଗତି ଚିତ୍ରର ବୈଶିଷ୍ଟ୍ୟ ପ୍ରତିପାଦନ କରେ । କଳା ସମୀକ୍ଷକ Roger Fry ଙ୍କ ଭାଷାରେ , "Such in brief outline are some of the main principles of drawing both among primitive peoples and among our own children

(Vison & design -78)





ବାସ୍ତବରେ ଉକ୍ତ ଚିତ୍ରର ମୌଳିକ ଗଠନ ଶିଶୁ ଚିତ୍ରକଳାର ଅନୁରୂପ । ଏହାର କାରଣ ଶୈଶବ ଅବସ୍ଥାରେ ଶିଶୁର ଯେଉଁ କଳାଜ୍ଞାନ ପ୍ରଚ୍ଛନ୍ନ ଭାବରେ ରହିଥାଏ, ତାହା ଉପଯୁକ୍ତ ପରିବେଶ ଓ ସୁଯୋଗ ନେଇ ଆତ୍ମପ୍ରକାଶ କରେ । ଯେତେବେଳେ ସେ 'ଚିତ୍ର' କ'ଣ ଜାଣି ନଥାଏ ଓ ବସ୍ତୁକୁ ଦେଖି ଅବିକଳ ଆଙ୍କିବାକୁ ଚେଷ୍ଟା କରିବା ଦ୍ୱାରା ଯେଉଁ ଚିତ୍ରାଙ୍କନର ସହଜତମ ଢ଼ଙ୍ଗ ପରିସ୍ଫୁଟ ହୁଏ, ତାହା ଏକ ଶୈଳୀର ରୂପାନ୍ତର ହୁଏ । ଆଦି ମାନବର ପ୍ରଥମିକ ଚିତ୍ରାଙ୍କନ ଜ୍ଞାନ ମଧ୍ୟ ଠିକ୍ ସେହିପରି ଥିଲା । ଚିତ୍ରର ଭାବ ଠିକ୍ ବୁଝାଉଥିଲେ ମଧ୍ୟ ବସ୍ତୁର ଅବିକଳ ନକଲ ଶିଶୁ ଚିତ୍ରରେ ଯେପରି ଅଭାବ ଆଦିମାନବର ଗୁମ୍ଫା ଚିତ୍ରର ଧାରା ଉକ୍ତ ଚିତ୍ରର ଶୈଳ୍ପିକ ବିଚାର ଠିକ୍ ସେହିପରି ଭାବେ କରାଯାଇ ପାରିବ ।

ଯେଉଁଗୃହରେ ଉକ୍ତ ଚିତ୍ର ଦୃଷ୍ଟି ଗୋଚର ହୁଏ, ସେ ପରିବାରର ପ୍ରତିଷ୍ଠା ଓ ଆଦର୍ଶର ପରିଚୟ ମିଳିଥାଏ । ଆଦିମ ସଂସ୍କୃତିର କ୍ରମ ବିକାଶ ମୂଳରେ ଉକ୍ତ ଚିତ୍ରର ରୂପରେଖ ଏକ ପ୍ରମାଣ ସିଦ୍ଧ ଇତିହାସ । ଅନ୍ୟାନ୍ୟ ଆଦିବାସୀମାନଙ୍କର ଯେପରି ସାଦୃଶ୍ୟ ପୂଜାର ପ୍ରଚଳନ ରହିଛି ସଉରା ଜନଜାତିଙ୍କ କାନ୍ଥ ଚିତ୍ରରେ ବହୁବିଧ ପ୍ରାଣୀଙ୍କୁ ଇଷ୍ଟ ରୂପେ ବିବେଚନା କରି ସ୍ଥାନ ଦେଇଛି । ମାତ୍ର ଗୋଟିଏ କୋଠି ଚିତ୍ରର ଆବେଷ୍ଟନୀ ମଧ୍ୟରେ ପୃଥିବୀର ସମସ୍ତ ଲୌକିକ, ଅଲୌକିକ, ଦୃଷ୍ଟ, ଅଦୃଷ୍ଟ ପ୍ରତୀକର ପରିକଳ୍ପନା ପରିସ୍ଫୁଟ । ପ୍ରତ୍ୟେକ ଇଡ଼ିତାଲର ରୂପରେଖ ସାଧାରଣରେ ସମାନ ଦେଖାଗଲେ ମଧ୍ୟ ଶିଳ୍ପୀର ସାଧନା ସୁଲଭ ଅଭ୍ୟସ୍ତ ଅଙ୍କନ ପଟୁତାର ତାରତମ୍ୟ ନେଇ ଚିତ୍ରର ଲୟ - ବୈଷମ୍ୟ ପ୍ରକାଶିତ ହୋଇଥାଏ । ପ୍ରତ୍ୟେକ ଚିତ୍ରରେ ସହଜତମ ରେଖାଙ୍କନ ଦୃଷ୍ଟି ଗୋଚର

ହୋଇଥାଏ । କେଉଁ ଶିଳ୍ପୀର ଅଙ୍କନ ଅଭ୍ୟାସ ସୁନ୍ଦରତ ଆଉ କାହାର ସେତେ ସୁନ୍ଦର ନୁହେଁ । ଚିତ୍ରର ପ୍ରତୀକ ସଂଯୋଜନା ଅଲଗା ପ୍ରକାରରହେଲେ ହେଁ ଭାବ ସମ୍ମେଳନ ଏକ ପ୍ରକାର ଲାଗେ । କେଉଁଠି ବର୍ଗାକାର, ଆଉ କେଉଁ ଚିତ୍ର ପରିସୀମାହୀନ ତ; ଆଉ କେଉଁ ଚିତ୍ର ବୃତ୍ତାକାର ପରିଧି ମଧ୍ୟରେ ସୀମାବଦ୍ଧ ।

ଇଡ଼ିତାଲରେ ବସ୍ତୁତଃ ଘନବାଦସୁସ୍ପଷ୍ଟ । ଚତୁର୍ଭୁଜ କ୍ଷେତ୍ର ମଧ୍ୟରେ ତ୍ରିଭୁଜ, ବୃତ୍ତ , ସମକୋଣ, ବିନ୍ଦୁ ରେଖା ଇତ୍ୟାଦି ର ସମ୍ମେଳନର ଚିତ୍ରର ଆକୃତି - ପ୍ରକୃତି ପ୍ରକାଶିତ । ଦୈନନ୍ଦିନ ସାମାଜିକ ଜୀବନଯାତ୍ରା ପ୍ରଣାଳୀ ଉକ୍ତ ଚିତ୍ରର ମୁଖ୍ୟ ବିଷୟ । ଉକ୍ତ ବିଷୟ ବସ୍ତୁକୁ ଭିତ୍ତିକରି ସେମାନଙ୍କର ଧର୍ମୀୟ ଦେବଦେବୀଙ୍କୁ ସେଥିରେ ସ୍ଥାନ ଦିଆଯାଇଥାଏ ।

ଚିତ୍ରରେ ସାମାଜିକ ଶୃଙ୍ଖଳା ବୋଧର ପରିଚୟ ମିଳିଥାଏ, ଯଥା : ସ୍ତ୍ରୀ ଲୋକମାନେ ଦଳବଦ୍ଧ ହୋଇ ପାଣି ଆଣିବାକୁ ଯିବାର ଦୃଶ୍ୟ, ପୁରୁଷ ମାନେ ସଂଘବଦ୍ଧ ହୋଇ ଶିକାରକୁ ଯିବାର ଦୃଶ୍ୟ, ଏକତ୍ର ବାଦ୍ୟ ବଜାଇ ଯାଉଥିବାର ଚିତ୍ର, ଇତ୍ୟାଦିକୁ ଦେଖିଲେ ଜଣାପଡ଼େ , ସମାଜିକ ଜୀବନରେ ସେମାନଙ୍କର ମିଳିତ କାର୍ଯ୍ୟ କଳାପ ଖୁବ୍ ସଂଯତ ଓ ସୁଶୃଙ୍ଖଳ ।

ଇଡ଼ିତାଲକୁ ସମୀକ୍ଷା କଲେ ଜଣାପଡ଼େ, ଆଜକୁ ପ୍ରାୟ ୨୦,୦୦୦ ବର୍ଷ ତଳେ ଆଦିମ ଅଧିବାସୀ ପାହାଡ଼ ଗୁମ୍ଫା ଦେହରେ ରେଖାଙ୍କନ ଦ୍ୱାରା ଯେପରି ତା'ର ଦୈନନ୍ଦିନ ଅନୁଭୂତିକୁ ଆଙ୍କି ଯାଇଥିଲା, ଠିକ୍ ସେହି ଭାବଧାରର ପ୍ରକାଶ ଭଂଗୀ ଇଡ଼ିତାଲରେ ପ୍ରତିଫଳିତ । ଏହି ଆଦିମ ଚିତ୍ରର କ୍ରମ ବିକାଶ ଧାରା ଆର୍ଯ୍ୟ ସଂସ୍କୃତିର ଲୋକ ଚିତ୍ର ପର୍ଯ୍ୟନ୍ତ ସୀମିତ । ମାତ୍ର ଏହା ମୌଳିକ ପରମ୍ପରା ସଉରା ଜନଜାତିଙ୍କ ଦ୍ୱାରା ଆଜିପର୍ଯ୍ୟନ୍ତ ସୁରକ୍ଷିତ ହୋଇ ଆସୁଅଛି ।

ଉକ୍ତ ଚିତ୍ରକଳାର ରେଖା ଓ ବର୍ଣ୍ଣ ବିନ୍ୟାସ ସହିତ ଉତ୍କଳୀୟ ଚିତ୍ରକଳାର ମୌଳିକ ସମ୍ବନ୍ଧ ନିହିତ । କାରଣ ଏକଦା ଶବର ସଂସ୍କୃତି ଶ୍ରୀ ଜଗନ୍ନାଥଙ୍କ କଳା ଓ ସଂସ୍କୃତି ରୂପେ ପରିବ୍ୟାପ୍ତ ହୋଇ ଆର୍ଯ୍ୟେତର - ଲୋକକଳା ମାଧ୍ୟମରେ ଦେଶ ବିଦେଶରେ ପ୍ରଖ୍ୟାତ । ଉକ୍ତ ଚିତ୍ରକଳାରେ ସେମାନଙ୍କର ସାମାଜିକ ଅନୁଷ୍ଠାନର ଭାବ ମଧ୍ୟ ପ୍ରତିଫଳିତ ।



## ଚିତ୍ରର ମୌଳିକ ଅଙ୍କନ ପଦ୍ଧତି :

ଇଡ୍‌ତାଲର ଚିତ୍ରାଙ୍କନର ମୌଳିକ ନିୟମ ଗୁଡ଼ିକ ଖୁବ୍ ସହଜ ଓ ବୋଧ ଗମ୍ୟ । ସାମାନ୍ୟ ଚିତ୍ର ଜ୍ଞାନ ଥିବା ବ୍ୟକ୍ତି ବିଶେଷଙ୍କ ପକ୍ଷେ ଅଙ୍କନ କରିବା ସମ୍ଭବ ମାତ୍ର ଗତାନୁଗତିକ ଭାବେ ଏହି ଚିତ୍ରର ଅଳଙ୍କରଣ ଶୈଳୀ ଯେପରି କୁଡ଼ାଙ୍ଗ ଦ୍ୱାରା ସୁରକ୍ଷିତ ଓ ପ୍ରେତାତ୍ମା ଦ୍ୱାରା ନିର୍ଦ୍ଦେଶିତ ଭାବଧାର ସଂଯୋଜିତ, ତାହାର ଅନ୍ତର୍ନିହିତ ରହସ୍ୟ କ'ଣ ଏ ପର୍ଯ୍ୟନ୍ତ ସାଧାରଣରେ ଅଜ୍ଞାତ ।



ପୂର୍ବରୁ କହାଯାଇଛି, ଯେ ଇଡ଼ି ତାଲ ହେଉଛି ରେଖାପ୍ରଧାନ । ଏହି ରେଖାପ୍ରଧାନ ଚିତ୍ରକୁ ତନ୍ତ୍ରାଚାରୀମାନେ ଯେପରି ଗୁରୁତ୍ୱ ଦେଇ ଥାନ୍ତି, ସର୍ବ ସାଧାରଣଙ୍କ ଦୃଷ୍ଟିରେ ରହସ୍ୟ ଭେଦକରିବା କଳ୍ପନାର ବାହାରେ କଳା - ସମାଲୋଚକଙ୍କ ଦୃଷ୍ଟିରେ ଚିତ୍ରର ସର୍ବାଙ୍ଗ ବୌଦ୍ଧିକ ପରିକଳ୍ପନା ଯେପରି ଧରାପଡ଼େ, ସାଧାରଣ ଦର୍ଶକଙ୍କ ଦୃଷ୍ଟିରେ ତାହା ଅଗୋଚରରେ ରହିଯାଏ । ଏ କ୍ଷେତ୍ରରେ ଉକ୍ତ ଚିତ୍ରର କି ପ୍ରକାର ଅଲୌକିକ ପ୍ରଭାବ ନିହିତ ତାହା ବିଚାର କରିବାର କଥା । ଉକ୍ତ ଚିତ୍ରର ପ୍ରାଥମିକ ଶୈଳୀ ତଥା ଏହାର ରୈଖିକ ଅନୁଶୀଳନ ନିମନ୍ତେ ନିମ୍ନୋକ୍ତ ପ୍ରାଥମିକ ନିୟମଗୁଡ଼ିକ ପ୍ରଯୁଜ୍ୟ ହୋଇପାରେ ।

(୧) ପରିଧି ଚିତ୍ର - ପ୍ରାୟ ମୁଖ୍ୟ ବିଷୟ ବସ୍ତୁର ସଂଯୋଜନା ଲମ୍ବ ରେଖାର ଆବେଷ୍ଟନୀ ମଧ୍ୟରେ ସୀମାବଦ୍ଧ ଏହା କେଉଁ କେଉଁ ସ୍ଥାନରେ ବର୍ଗାକାର, ଆୟତାକାର, ତ୍ରିଭୁଜ, ମନ୍ଦିର ସଦୃଶ୍ୟ, ତଥା ବୃତ୍ତାକାର ହୋଇଥାଏ । ଚତୁଷ୍କୋଣ ପରିଧି ଦୁଇଟି ସମାନ୍ତରାଳ ରେଖା ବିଶିଷ୍ଟ ତା ପାଖକୁ ତ୍ରିଭୁଜ ଦ୍ୱାରା ଦନ୍ତୁରିତ ହୋଇ ରେଖା ସହ ସୌନ୍ଦର୍ଯ୍ୟ ବଢ଼ାଇ ଥାଏ । ଆଉ କେଉଁ ଦୁଇ ଲମ୍ବରେଖାର କ୍ଷୁଦ୍ର ବ୍ୟବଧାନ ମଧ୍ୟରେ ରେଖା ଓ ଛକି ଦ୍ୱାରା ପୂର୍ଣ୍ଣ ହୋଇଥାଏ । ଆଉ କେଉଁ ବିଷୟବସ୍ତୁ ଚାରିପଟେ ପରିଧି ନଥାଏ । ତାହା ଇତଃସ୍ତତଃ ହୋଇ ଅଙ୍କିତ ହୋଇଥାଏ , ଯାହାର ଆରମ୍ଭ କି ଶେଷ ନିର୍ଣ୍ଣୟ କରିବା କଷ୍ଟକର ହୋଇପଡ଼େ ।

(୨) ମନୁଷ୍ୟ ଚିତ୍ର - ମନୁଷ୍ୟ ଚିତ୍ରର ରୈଖିକ ଅଂଙ୍କନ ଖୁବ୍ ସହଜତମ ଢ଼ଙ୍ଗରେ ପ୍ରକାଶିତ । ଦୁଇଟି ତ୍ରିଭୁଜ ପରସ୍ପର ଏକ ବିନ୍ଦୁରେ ତଳ ଉପର ହୋଇ ମିଳିତ ହୋଇଥାନ୍ତି । ଦୁଇଟି ପାଦଦୁଇ ରେଖା ଦ୍ୱାରା ଅଙ୍କିତ ହୋଇଥାଏ । କିନ୍ତୁ ଅନେକ ଚିତ୍ରର ଗୋଷ୍ଠୀଗତ ମାନବ ଚିତ୍ରରେ ଏକ ରେଖା ଉପରେ କାର୍ଯ୍ୟ ବସତି (ବାମରୁ ଡ଼ାହାଣକୁ ଲମ୍ବ ରେଖା ଭାବେ) ପରସ୍ପର ହାତରେ ମଳିତ ଦୃଶ୍ୟ ଧାଡ଼ି ଧାଡ଼ି ମନୁଷ୍ୟର ସୂଚନା ଦିଏ । ଉକ୍ତ ମନୁଷ୍ୟ ଚିତ୍ରର ରୈଖିକ ଅଙ୍କନ ଶୈଳୀ ମହାରାଷ୍ଟ୍ରର ଆଦିବାସୀ ଚିତ୍ର ୱାର୍ଲି ଚିତ୍ରରେ ମଧ ଉପଲବ୍ଧ ହୋଇଥାଏ । ମନୁଷ୍ୟର ସମସ୍ତ ଦୃଶ୍ୟମାନ କ୍ରିୟା କଳାପର ଚିତ୍ର ସଂଯୋଜନ ଚିତ୍ରକର ଦ୍ୱାରା ପରମ୍ପରା କ୍ରମେ ସଂରକ୍ଷିତ ।

(୩) ଜୀବଜନ୍ତୁ - ଜୀବଜନ୍ତୁ ମଧ୍ୟରେ ହାତୀ, ଘୋଡ଼ା, ମାଙ୍କଡ଼, ହରିଣ, ବଳଦ, ଗାଈ , ବାଘଠାରୁ ଆରମ୍ଭ କରି ବିଭିନ୍ନ ପକ୍ଷୀ ମୟୁର ,ହଂସ , ସାପ , ବେଙ୍ଗ, ଝିଟିପିଟି, କୁକୁଡ଼ା, ଛେଳି ଇତ୍ୟାଦିର ଚିତ୍ର ଦେଖିବାକୁ ମିଳେ । ଏ ସମସ୍ତ ଚିତ୍ରର ରେଖା ଦ୍ୱାରା ଅଙ୍କନ ପରେ ଚିତ୍ରକୁ ରଂଗ ଗର୍ଭିତ କରାଯାଏ । ଉକ୍ତ ଚିତ୍ରରେ ଘୋଡ଼ାରେ ତ୍ରିଭୁଜାକୃତି ରେଖା, ମାଙ୍କଡ଼ରେ ବିନ୍ଦୁ ଓ ବକ୍ରରେଖା, ସାପରେ ବକ୍ରରେଖା ଏବଂ ଅନ୍ୟାନ୍ୟ ଚିତ୍ର ମଧ ରେଖାଦ୍ୱାରା ଆକୃତି ଅଂକନରେ ପୂର୍ଣ୍ଣାଙ୍ଗ ହୁଏ ।

(୪) ବୃକ୍ଷଲତା - ଖୁବ୍ ସହଜ ରେଖାରେ ବୃକ୍ଷଲତା ସ୍ଥଳଚିତ୍ରଗୁଡ଼ିକରେ ପ୍ରକାଶିତ ହୋଇଥାଏ । ତେବେ ୱାର୍ଲି ଚିତ୍ର ପରି ଏମାନଙ୍କ ବୃକ୍ଷଲତାରେ ସେତେ ବିବିଧ ଅଳଙ୍କରଣ ମଣ୍ଡିତ ହୋଇ ନଥାଏ । କେବଳ ବକ୍ରରେଖା ଦ୍ୱାରା ଏହାର ଗଣ୍ଡି, ଡ଼ାଳ, ପତ୍ର ଇତ୍ୟାଦି ଦର୍ଶା ଯାଇଥାଏ ।

(୫) ବିବିଧ ଚିତ୍ର - ବିବିଧ ଚିତ୍ର ମଧ୍ୟରେ ମୋଟା ମୋଟି ବିଶୃଙ୍ଖଳ ଚିତ୍ରର ମିଶ୍ରଣ ହୋଇଥିବାର ଜଣାପଡ଼େ । ଉକ୍ତ ଚିତ୍ରଗୁଡ଼ିକ ପରିଧି ମଧ୍ୟରେ ଆବଦ୍ଧ ନହୋଇ ବିକ୍ଷିପ୍ତ ଭାବରେ ହୋଇଥାନ୍ତି । ଉକ୍ତ ଚିତ୍ର ମଧ୍ୟରେ ମନୁଷ୍ୟ, ହାତୀ, ଘୋଡ଼ା, ହରିଣ, ସାପ, ବେଙ୍ଗ, ଝିଟିପିଟି, ସାଇକେଲ, ବସ୍, ରେଳଗାଡ଼ି ଓ ଉଡ଼ାଜାହାଜରେ ଚିତ୍ର ଅଙ୍କିତ ହୋଇଥାଏ । ଆଧୁନିକ ଯୁଗ ସହ କିଞ୍ଚିତ ପରିଚିତ ହୋଇଥିବା ବ୍ୟକ୍ତିମାନେ ଏପରି ଚିତ୍ର କରିଥାନ୍ତି, ମାତ୍ର ଅତି ଆଦିମ ସ୍ତରର ସଉରା ଘରେ ଏପରି ଚିତ୍ର ଦେଖାଯାଇ ନଥାଏ ।

ଅଭିଜ୍ଞ ଚିତ୍ରକର ନିଜର ଅଂକନ ପଟୁତା ଯୋଗେ ସମସ୍ତଙ୍କର ପ୍ରିୟ ଭାଜନ ହୋଇଥାଏ । ସେ ସିଧାସଳଖ କାନ୍ଥ ଉପରେ କୌଣସି ପ୍ରାଥମିକ ନମୁନା (Sketch) ନଆଙ୍କି ମଧଚିତ୍ରଟି କରିପାରେ । ଚିତ୍ର ଗୁଡ଼ିକୁ ସ୍ଥାନେ ସ୍ଥାନେ ଅତି ବିରାଟ ତଥା ଜଟିଳ ହେବା ସହିତ ଆଉ କେଉଁଠି ଖୁବ୍ ସଂକ୍ଷିପ୍ତ ଓ ସରଳ ହୋଇଥାଏ ।



ମନୁଷ୍ୟର ବିଭିନ୍ନ ଅଙ୍ଗଭଙ୍ଗୀ ଚିତ୍ର



ବିଭିନ୍ନ ଜୀବଜନ୍ତୁଙ୍କ ଚିତ୍ର

ଖୁବ୍ ସଂକ୍ଷିପ୍ତ ରେଖାଦ୍ୱାରା ଚିତ୍ରର ବିଷୟବସ୍ତୁ ବୁଝାପଡ଼େ । ଯଥା - ମୟୂର ଚିତ୍ର ମୟୂର ପରି , ହାତୀର ଚିତ୍ର ହାତୀ ପରି , ମାଙ୍କଡ଼ ଚିତ୍ର ମାଙ୍କଡ଼ ପରି ହୋଇଥିବା ସ୍ଥଳେ ପାହାଡ଼ , ପର୍ବତ ନଦୀ, ଝରଣ ଇତ୍ୟାଦିର ଚିତ୍ର କେଉଁଠି ସ୍ଥାନିତ ହୋଇଥାଏ ତାହା ସହଜରେ ଧରାପଡ଼େ ନାହିଁ । ସେହପରି ନୃତ୍ୟ ଗୀତ ଓ ବାଦ୍ୟ ବିଚିତ୍ରାର ଦୃଶ୍ୟ ଅବିକଳ ନହୋଇଥିଲେବି ପ୍ରାଞ୍ଜଳ ରେଖା ଦ୍ୱାରା ସଂକ୍ଷିପ୍ତ ପ୍ରତୀକ ମାଧମରେ ଏହା ବୁଝା ପଡ଼ିଥାଏ । କିନ୍ତୁ ନୃତ୍ୟର ବିଭିନ୍ନ ଭଂଗୀ ଏ ଚିତ୍ରରେ ଅଭାବ । କେବଳ ମୁଣ୍ଡର ପଗଡ଼ି , ବାଦ୍ୟ ଯନ୍ତ୍ର ଏବଂ କେବଳ ହାତର ଭଂଗୀ ପରିବର୍ତ୍ତନ ଦ୍ୱାରା ନୃତ୍ୟ-ଭଂଗୀର ଚିତ୍ର ବୋଲି ବୁଝାପଡ଼େ ।

ରଂଗ ପ୍ରୟୋଗ - ଇଡ଼ିତାଲରେ ସମସ୍ତ ଚିତ୍ରର ରୈଖିକ ଅଙ୍କନ ଧଳା ରଂଗର ହୋଇଥାଏ । ଯାହାକି ଚାଉଳ ଚୂନାରେ ପ୍ରସ୍ତୁତ ହୋଇଥାଏ । ଅନେକ ଚିତ୍ରରେ ଆବଶ୍ୟକତାକୁ ଚାହିଁ ବିଭିନ୍ନ ରଂଗ ପ୍ରୟୋଗ କରାଯାଇଥାଏ । ତାହା ପୁଣି ଖୁବ୍ ସଂକ୍ଷିପ୍ତ ଭାବରେ । ଏହି ରଂଗ ମଧ୍ୟରେ ଗେରୁ , ନାଲି, କଳା ଓ ନୀଳ ଏ ସମସ୍ତ ରଂଗ ବଣ ଜଂଗଲରୁ ସଂଗୃହୀତ ହୋଇ ବ୍ୟବହାର କରାଯାଇଥାଏ । ସଂପ୍ରତି ସଉରାମାନେ ହାଟବଜାରରୁ ନୀଳ ପାଉଡ଼ର , ନାଲି ଅବିର କିମ୍ୱା ସିନ୍ଦୁର କିଣି ଚିତ୍ରରେ ବ୍ୟବହାର କରୁଛନ୍ତି ।

ଶିଳ୍ପ ଖୋଦେଇ ଚିତ୍ର : ଚିତ୍ରକଳା ବ୍ୟତୀତ ସଉରାମାନଙ୍କର କାଷ୍ଠ ଖୋଦିତ ଚିତ୍ର ଶିଳ୍ପ ମଧ୍ୟ ଆନୁଷ୍ଠାନିକ ପୂଜାପାର୍ବଣରେ ବ୍ୟବହାର ହୋଇଥାଏ । ଏହି କାଷ୍ଠ ଖୋଦେଇ ଶିଳ୍ପ ମଧ୍ୟ ଖୁବ୍ ସହଜ ଓ ସରଳ ଢ଼ଙ୍ଗରେ ଖୋଦିତ ହୋଇଥାଏ । ସେମାନଙ୍କ ଦ୍ୱାରା ପୂଜିତ କିତୁଙ୍ଗ୍ ସାଇବୋସୁମ୍ , ମାଣ୍ଡୁଆସୁମ୍ , ଲାଭସୁମ୍ ଇତ୍ୟାଦି ଦେବଦେବୀଙ୍କର ପ୍ରତମୂର୍ତ୍ତିଗୁଡ଼ିକ ଏହିକାଷ୍ଠ ଶିଳ୍ପରେ ଅନ୍ତର୍ଭୁକ୍ତ । ସଉରାମାନେ ପିତୃପୁରୁଷଙ୍କୁ ସମ୍ମାନ ଦେବା ଅର୍ଥରେ ପୂର୍ବେ ପଥର ଖୁଣ୍ଟି ପୋତି ପୂଜା କରୁଥିଲେ । ସ୍ଥାନେ ସ୍ଥାନେ ଏହି ପଥର ଖୁଣ୍ଟି ପରିବର୍ତ୍ତିତ ହୋଇ କାଷ୍ଠର



ବୃକ୍ଷଲତାର ଚିତ୍ର

ଖମ୍ୱରେ ଚିତ୍ର ଖୋଦିତ କରି ବ୍ୟବହାର କରୁଛନ୍ତି । ଏହା ଦେହରେ ବିଧି ପୂର୍ବକ ଚିତ୍ରାବଳୀ ଖୁବ୍ ସହଜତମ ନକ୍ସାରେ ଖୋଦିତ ହୋଇଥାଏ । ଏହି ନକ୍ସାଗୁଡ଼ିକ ସିନ୍ଧୁ ସଭ୍ୟତାର ନମୁନାରେ ଦେଖିବାକୁ ମିଳିଥାଏ ।

ମୃତବ୍ୟକ୍ତି ପାଇଁ ମାଣ୍ଡୁଆସୁମ୍ ବ୍ୟବହାର କରାଯାଏ । ଏହାର ଉପର ଭାଗ ଛିଦ୍ରପରି ହୋଇଥାଏ । ଏହା ମନ୍ଦିରର ଦଧିନଉତି ସଦୃଶ । ଏହି ସ୍ତମ୍ଭ ଉପରେ ଏକ ମୟୂର ରହିଥାଏ । ମୟୂର ପକ୍ଷୀ ସଉରାମାନଙ୍କର ପ୍ରିୟ କଳାତ୍ମକ ସାମଗ୍ରୀରେ ସ୍ଥାନିତ ହୋଇଥାଏ ।

ଏଲୱିନ୍‌ଙ୍କ ମତରେ ଇଡ଼ାଲାନ୍‌ର ଅର୍ଥ ଆକ୍ଷରିକ ଭାବରେ ଲେଖିବାର ପ୍ରଣାଳୀକୁ ବୁଝାଇଥାଏ । ଚିତ୍ର ଅଂକନର ଶୈଳୀ ରେଖାପ୍ରଧାନ ହୋଇଥିବାରୁ ସେ ଏପରି ବ୍ୟାଖ୍ୟା କରିଥିବାର ଅନୁମାନ କରାଯାଉଛି । କାରଣ କୁଡ଼ାଙ୍ଗ (ଚିତ୍ରକର ) ସ୍ୱପ୍ନ ନିର୍ଦ୍ଦେଶିତ ଭାବ - କଳ୍ପନାରେ କାନ୍ଥରେ ଚିତ୍ର ପରି ଲେଖିଚାଲେ । ଏହି ଲେଖା ଚିତ୍ର ସ୍ୱରୂପରେ ପ୍ରକଟିତ ହୋଇଥାଏ । ଏହାଦ୍ୱାରା ତାର ଭାବ -ସଂଯୋଜନାରେ ପ୍ରକୃତ ଅର୍ଥ ପ୍ରକାଶ ପାଇଥାଏ । ଚିତ୍ର ଏକ ସାର୍ବଜନୀନ ଭାଷା ରୂପେ ଗ୍ରହଣ କରାଯଇଥିବାରୁ ସମୀକ୍ଷକମାନେ ତାହାକୁ ଏପରି ଅର୍ଥ କରିଥାନ୍ତି ।



ଯାନ ବାହାନ ଓ ବିବିଧ ଚିତ୍ର

ସଉରା ଜନଜାତି ନିରକ୍ଷର ଥିବାବେଳେ ବୁଝିବାକୁ ହେବ, ଅଶରୀରୀର ସ୍ୱପ୍ନ -ନିର୍ଦ୍ଦେଶିତ ଭାଷାର ସ୍ୱରୂପ ଏହିପରି କାନ୍ଥରେ ପ୍ରତିଫଳିତ ହେଉଥିଲା । ତାହା ତାଙ୍କର ସାହିତ୍ୟ ତଥା ଭାବବୋଧକ ଲିପି । ସେ ଚିତ୍ର ଲିପି ସମସ୍ତ ସଂକେତର ପ୍ରକୃତ ଭାବ ପ୍ରକାଶର ମାଧ୍ୟମ କହିବା ବାହୁଲ୍ୟ , ଚିତ୍ରଠାରୁ ବଳି ସରଳ ଏବଂ ସର୍ବୋପରି ସର୍ବ ବୋଧଗମ୍ୟ - ଅର୍ଥ ଆଉ କ'ଣ ଥାଇପାରେ ?

ଏ କ୍ଷେତ୍ରରେ ସଉରା ଲିପିର ସାମାନ୍ୟ ଅନୁଶୀଳନ ଅନୁଭବ କରାଇବା ଉଚିତ ହେଉଛି । ଆଧୁନିକ ଚିନ୍ତା ଧାରାର
ଏ କ୍ଷେତ୍ରରେ ସଉରା ଲିପିର ସାମାନ୍ୟ ଅନୁଶୀଳନ ଅନୁଭବ କରାଇବା ଉଚିତ ହେଉଛି । ଆଧୁନିକ ଚିନ୍ତା ଧାରାର
ବଶବର୍ତ୍ତୀ ହୋଇ ସଉରା ଲିପି 'ସୋରାଙସୋମପେଙ' ର ଉଦ୍ଭାବକ ଗୁରୁ ମଙ୍ଗେଇ ଗମାଙ୍ଗୋ ବହୁ ଶ୍ରମ ସ୍ୱୀକାର କରି ୧୯୩୬ ରେ ଏ ଲିପି ଉଦ୍ଭାବନ କଲେ । ଉକ୍ତ ଲିପିରେ ସଉରା ଦେବଦେବୀଙ୍କ ନାମର ମୂଳ ଅକ୍ଷର ଏବଂ ପ୍ରତୀକାତ୍ମକ ରେଖା ପ୍ରଧାନ ଚିତ୍ର ସହ ସାମଞ୍ଜସ୍ୟ ଥିବାର ଜଣାପଡ଼େ । ଏଠାରେ ସଉରା ଲିପିର ଏକ ଚିତ୍ର ଦିଆଯାଇଛି ।



ଇଡ଼ିଟାଲ



ଇଡ଼ିତାଲ



ଇଡ଼ିତାଲ









କାଷ୍ଠ ଖୋଦେଇ ଶିଳ୍ପ



ସଉରା ଲିପି - ସ୍ୱରାଙ୍ ସୋମ୍ପେଙ୍

ଉପ ସଂହାରରେ ସଉରା ଚିତ୍ର ସମ୍ପର୍କରେ ଡ଼ଃ ଏଲୱିନ୍ କହିଛନ୍ତି ଯେ, "The Saoras have no artthat is not inspired and directed by religion. Their wood-carving is always of the figures of the Gods or of peockoks to adom their shrines and musical instruments. Tehy have no secular art of decoration. They are unusually deficient in the art of bodily adornment, they can, it is true, dress up, but only for festial and sacred occasions. In the Ikons illustrated in the chapter , we see in an unsually vivid manner how cult and myth can move a people to some sort of artistic expression. Here is the record of their dreams, their easchatological hopes and fears, the dramatization of their the logical beliefs."

## ତୃତୀୟ ଅଧ୍ୟାୟ

# ଡଙ୍ଗରିଆ କନ୍ଧ ଚିତ୍ରକଳା ମାଞ୍ଜିଗୁଣ୍ଡା

ଓଡ଼ିଶାରେ ବାସ କରୁଥିବା ବାଷଠି ପ୍ରକାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରୁ କନ୍ଧମାନେ ଜନସଂଖ୍ୟା ଦୃଷ୍ଟିରୁ ସର୍ବାଧିକ । ଭାଷା ଦୃଷ୍ଟିରୁ ଏମାନଙ୍କୁ ଦ୍ରାବିଡ଼ ଭାଷା ପରିବାରର ଅନ୍ତର୍ଭୁକ୍ତ କରାଯାଇଥିଲେ ସୁଦ୍ଧା ନୃତତ୍ତ୍ୱବିଦ୍‌ମାନେ ଆନୁବଂଶିକ ଲକ୍ଷଣ ନେଇ ପ୍ରୋଟୋଅଷ୍ଟ୍ରୋଲୟଡ଼ ଗୋଷ୍ଠୀଭୁକ୍ତ କରିଛନ୍ତି । ତେବେ ଏଥିରେ ମତାନୈକ୍ୟ ରହିଥିବାରୁ ଆଉ କେତେକ କନ୍ଧମାନଙ୍କୁ ପ୍ରାକ୍ ଦ୍ରାବିଡ଼ ଗୋଷ୍ଠି ହିସାବରେ ଅଭିହିତ କରିଛନ୍ତି । ଏମାନଙ୍କର ଶାରୀରିକ ଗଠନ ବଳିଷ୍ଠ ଓ ଆକୃତି ଖୁବ୍ ସୁନ୍ଦର । ଏମାନେ ଅତ୍ୟନ୍ତ କଠିନ ପରିଶ୍ରମ କରିପାରନ୍ତି । ବହୁକାଳ ଧରି ଆର୍ଯ୍ୟମାନଙ୍କ ସଂସ୍ପର୍ଶରେ ଆସିଥିବାରୁ ଏମାନଙ୍କର ଚାଲିଚଳଣୀ, ଧର୍ମୀୟ ଚିନ୍ତାଧାରା ଓ କଳାନୁରାଗର କେତେକାଂଶରେ ଅନ୍ୟ ଆଦିବାସୀମାନଙ୍କ ଠାରୁ ସ୍ୱତନ୍ତ୍ର ।



କନ୍ଧ ଯୁବକର ପାରମ୍ପରିକ ବେଶପୋଷାକ

କନ୍ଧମାନେ ମୁଖ୍ୟତଃ କନ୍ଧମାଳ, ରାୟଗଡ଼ାକୋରାପୁଟ, ଗଞ୍ଜାମର ମାଳ ଅଞ୍ଚଳ, କଳାହାଣ୍ଡି, ସମ୍ବଲପୁର, ଢେଙ୍କାନାଳ ଓ ପୁରୀ ଜିଲ୍ଲାମାନଙ୍କରେ ବାସ କରନ୍ତି । ୨୦୦୧ ମସିହା ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା, ୧୩ ,୧୯.୬୪୩ ଥିଲା । କନ୍ଧମାନଙ୍କ ବିଭିନ୍ନ ଶାଖା ମଧ୍ୟରୁ କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ ଓ ଦେଶିଆ କନ୍ଧମାନେ ରାୟଗଡ଼ା ଜିଲ୍ଲାର ନିୟମଗିରି ପର୍ବତମାଳା ଭିତରେ ବସବାସ କରୁଥିବା ବେଳେ କୁଟିଆ କନ୍ଧମାନେ କନ୍ଧମାଳ ଜିଲ୍ଲାର ବେଲଘର ଅଞ୍ଚଳ ଯଥା-ମାଦଳ କୁନା, ରାଙ୍ଗାବାରୁ, ଡୁଆକେଲା, ଦେଓଗଡ଼ା,



ମଣ୍ଡଘର





ତାଲାମପଦର କୁସୁମୁଣ୍ଡା ଇତ୍ୟାଦି କ୍ଷୁଦ୍ର କ୍ଷୁଦ୍ର ଗ୍ରାମରେ ବାସ କରନ୍ତି । ଦେଶିଆ କନ୍ଧମାନେ ନିକଟସ୍ଥ ସମତଳ ଅଞ୍ଚଳରେ ଅନ୍ୟାନ୍ୟ ସମ୍ପ୍ରଦାୟମାନଙ୍କ ସହିତ ବସବାସ କରୁଅଛନ୍ତି ।

ଏମାନେ ବାସ କରୁଥିବା ଗ୍ରାମଗୁଡ଼ିକରେ ଧାଡ଼ି ଧାଡ଼ି ହୋଇ ଦାଣ୍ଡର ଉଭୟ ପାର୍ଶ୍ୱରେ ବାସଗୃହମାନ ଅବସ୍ଥିତ, ପ୍ରତି ଗ୍ରାମରେ ଅବିବାହିତ ବାଳକମାନଙ୍କ ପାଇଁ ଧାଙ୍ଗଡ଼ା ଘର ଓ ବାଳିକାମାନଙ୍କ ପାଇଁ ଧାଙ୍ଗିଡ଼ି ଘର ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଥାଏ ।



କନ୍ଧମାନେ କେତେକ ଗୋତ୍ରରେ ବିଭକ୍ତ । ଏମାନଙ୍କ ମଧ୍ୟରେ ସମଧିକ ପରିମାଣରେ ଗୋଷ୍ଠୀଗତ ଜୀବନ ଦେଖାଯାଏ । ଏମାନଙ୍କ ଭାଷା "କୁଇ" ଓ 'କୁଭି' ନାମରେ କଥିତ । ଜୀବନ ଧାରଣ ନିମନ୍ତେ ଏମାନଙ୍କ ମଧ୍ୟରୁ ଅନେକ କୃଷିକର୍ମ, ଶିକାର, ଫଳମୂଳ ସଂଗ୍ରହ କରିଥାନ୍ତି । ଜଙ୍ଗଲକୁ ଗଲାବେଳେ ପୁରୁଷ ଓ ସ୍ତ୍ରୀ ଏକାଠି ଘରୁ ବାହାରି ଯାଆନ୍ତି । କେହି କେହି ସାଙ୍ଗରେ ପୋଷା କୁକୁର ଓ

ପୋଷା ବାର୍‌ହା ନେଇ କରି ଯାଇଥାନ୍ତି । ସ୍ତ୍ରୀ ହାଣ୍ଡିରେ ପଖାଳଭାତ ଓ ଲାଉ ତୁମ୍ବାରେ ପାଣି ନେଇ ଯାଇଥାଏ ।



ଏମାନଙ୍କ ଜୀବନଯାତ୍ରା ଲୌକିକ ବିଶ୍ୱାସ ଦ୍ୱାରା ନିୟନ୍ତ୍ରିତ । ଡଙ୍ଗରିଆ କନ୍ଧମାନେ ବିଭିନ୍ନ ପର୍ବପର୍ବାଣୀ ପାଳନ କରନ୍ତି । ସେମାନେ ପୂଜା କରୁଥିବା ୮୪ଟି ଦେବଦେବୀଙ୍କ ମଧ୍ୟରୁ ଧରମ୍‌ପେନୁ, ସାରୁପେନୁ, ତାରୁପେନୁ ଇତ୍ୟାଦି ମଧ୍ୟରୁ ଧରଣୀପେନୁ ହେଉଛନ୍ତି ମୁଖ୍ୟ ଦେବତା ଏମାନଙ୍କ ଗ୍ରାମଦେବତା ହେଉଛନ୍ତି ଜାକାରୁପେନୁ । ରୋଗ ବଇରାଗ, ଫସଲ ଅମଳ ନିମନ୍ତେ ଏମାନେ ଭୂମି ଦେବତାଙ୍କୁ ପୂଜା କରନ୍ତି । ଭୂମି ଦେବତାଙ୍କ ସନ୍ତୋଷ ପାଇଁ ପୂର୍ବେ କନ୍ଧମାନେ ନରବଳି ଦେଉଥିଲେ । ଅବଶ୍ୟ ଇଂରେଜମାନେ ନରବଳି ପ୍ରଥା ଉଚ୍ଛେଦକରିଥିବାରୁ ଆଉ ନରବଳି ଦେଉ ନାହାଁନ୍ତି ।

ଏମାନେ ଖବ୍ ସରଳ ବିଶ୍ୱାସୀ ଓ ଅତିଥି ପରାୟଣ । ଏମାନଙ୍କ ପରିବାରରେ ସନ୍ତାନ ଜନ୍ମ ପରେ କୁକୁଡ଼ା ବଳି ଦେଇ ଦେବତାଙ୍କୁ ସନ୍ତୁଷ୍ଟ କରନ୍ତି ଓ ବଳି



ଛଅ ଦିପାଳୀ



କାଡୁ କାଗୋଲି



କାତି



ସିଙ୍ଗା



କନ୍ଧଙ୍କ ମାଣ



କିରେଡ଼ି

ଦିଆଯାଉଥିବା କୁକୁଡ଼ାର ଏକ ଅଂଶ ବାସଗୃହରେ ଝୁଲାଇ ରଖନ୍ତି । ସେମାନଙ୍କର ବିଶ୍ୱାସ ଭୂତପ୍ରେତମାନେ ଘରେ ପ୍ରବେଶ କରି ଜନ୍ମିତ ପିଲାର କିଛି ଅନିଷ୍ଟ କରିପାରିବେ ନାହିଁ ।



ଗ୍ରାମଦେବତା ଯାତ୍ରାକୁଡ଼ି

କନ୍ଧ ସମାଜରେ ଅବିବାହିତ ଯୁବକ ଯୁବତୀ ପାଇଁ ଉଦ୍ଦିଷ୍ଟ ଥିବା ଧାଙ୍ଗଡ଼ା ଘର ବା ଧାଙ୍ଗିଡ଼ି ଘରୁ ବିବାହର ସୂତ୍ରପାତ ହୋଇଥାଏ । ଏମାନଙ୍କ ମଧ୍ୟରେ କନ୍ୟାଟଣା, ବହୁପତ୍ନୀ ଗ୍ରହଣ ପ୍ରଥା, ବିଧବା ବିବାହ ଓ ଛାଡ଼ପତ୍ର ଇତ୍ୟାଦି ପ୍ରଚଳିତ ଅଛି । ବିବାହ ପୂର୍ବରୁ ପାରମ୍ପରିକ ନିୟମ ପାଳନ ପୂର୍ବକ ବିବାହ ପ୍ରସ୍ତାବ ସ୍ଥିର ହୋଇଥାଏ । ନାଚ, ଗୀତ, ମଦଓ ଭୋଜି କନ୍ଧମାନଙ୍କ ବିଭାଘରର ମୂଖ୍ୟ ଅଂଶ ।

କନ୍ଧମାନଙ୍କର ବେଶ ପୋଷାକ ସାଧାରଣ ହେଲେ ହେଁ ସ୍ୱତନ୍ତ୍ର ରୁଚିରେ ପୁଅମାନେ ନିଜକୁ ସୁସଜ୍ଜିତ କରିଥାନ୍ତି । ମୁଣ୍ଡକୁ ତେଲରେ ଚିକ୍କଣ କରି କୁଣ୍ଡାଇ ସେଥିରେ ପାନିଆ ଖୋସିଥାନ୍ତି ଓ ସୁନ୍ଦର ନକ୍ସା ହୋଇଥିବା ହାତବୁଣା ଛୋଟ ଚାଦର ଦେହରେ ପକାଇଥାନ୍ତି । ଆଖିରେ କଜଳ ମଧ୍ୟ ଲଗାଇଥାନ୍ତି । ଏହା ତାଙ୍କର ପାରମ୍ପରିକ ବେଶଭୂଷା । ଦୈନନ୍ଦିନ ଚଳଣୀ ମଧ୍ୟରେ କଳାନୁରାଗ ସେମାନଙ୍କର ଗୋଟିଏ ଅଂଗ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ସେମାନେ ବ୍ୟବହାର କରୁଥିବା ଲୁଗାପଟା, ଗୃହୋପକରଣ, ଅଳଙ୍କାର, ଧନୁଶର, ଅସ୍ତ୍ରଶସ୍ତ୍ର ବାଦ୍ୟଯନ୍ତ୍ର ଏପରିକି ମୁଣ୍ଡକୁଣ୍ଡାଇବା ପାନିଆ ଏବଂ ମାଠିଆ ହାଣ୍ଡିରେ ମଧ୍ୟ କଳାର ଛିଟା ନିହିତ ଥାଏ ।



ମଦ୍ୟପାତ୍ର

ପରିଷ୍କାର ଓ ପରିଚ୍ଛନ୍ନତାହିଁ ଗୋଟିଏ ବିଶିଷ୍ଟ କଳା, ଓ ସୌନ୍ଦର୍ଯ୍ୟ ବୋଧର ପ୍ରଥମ ସଂକେତ । ଏ କ୍ଷେତ୍ରରେ ସ୍ତ୍ରୀମାନଙ୍କର ଦାୟିତ୍ୱ ହେଲା ବେଶି । ଘରଦ୍ୱାର ଓ ଗୁହାଳ ଆଦି ସଫା କରିବା ପାଇଁ ସେମାନେ ଗୋବର ପାଣି ଛେରା ଦେଇ ସେଇ ପାଣିରେ ମକା ଚୋପା ବୁଡ଼ାଇ ସମସ୍ତ ସ୍ଥାନକୁ ଘଷିଥାନ୍ତି । ପ୍ରତିଦିନ ଘରଦ୍ୱାର ଘଷି ଲିପିବା ଦ୍ୱାରା କାନ୍ଥ ଓ ବାରଣ୍ଡା ଗୁଡ଼ିକ ଶକ୍ତ ଓ ସମତଳ ହୋଇ ସିମେଣ୍ଟରେ ତିଆରି ହେଲାପରି ଦିଶେ । ଏହା ବ୍ୟତୀତ ବଣ ଜଙ୍ଗଲରୁ ମିଳୁଥିବା ବିଭିନ୍ନ ରଙ୍ଗର ମାଟି ସଂଗ୍ରହକରି ଭିନ୍ନ ଢ଼ଙ୍ଗରେ ଲିପିଥାନ୍ତି । ସେମାନଙ୍କର ଘର ଲିପାର ପରିପାଟୀ ଏତେ ସୁନ୍ଦର ଯେ ଦୂରରୁ ଯେ କେହି ଦେଖିଲେ ମୁଗ୍‌ଧ ହୋଇଯିବ । ସେମାନଙ୍କର ଏହି କଳା ପ୍ରବୃତ୍ତି ଆଦିମ କାଳରୁ ପରମ୍ପରାକ୍ରମେ ରହି ଆସିଛି ।

ସେମାନେ ବ୍ୟବହାର କରୁଥିବା ଲୁଗାପଟା ନିଜେ ବୁଣି ପିନ୍ଧନ୍ତି ଓ ସେମାନେ ସଂକ୍ଷିପ୍ତ ଉପକରଣ ମାଧ୍ୟମରେ ବସ୍ତ୍ରବୟନ କରିଥାନ୍ତି । ଉଭୟ କନ୍ଧ ପୁରୁଷ ଓ କନ୍ଧ ରମଣୀମାନେ ନିଜ ଶରୀର ସଜ୍ଜା ନିମନ୍ତେ ଖୁବ୍ ଯତ୍ନବାନ । ପ୍ରଥମତଃ ସେମାନଙ୍କର କଳା ରୁଚି ଅନୁସାରେ ମୁଣ୍ଡବାଳକୁ କୁଣ୍ଡାଇବା ପାଇଁ ଉତ୍ତମ ରୂପେ ତେଲଦେଇ ବିଭିନ୍ନ ପ୍ରକାର ମୋଟ ଓ ସରୁ ପାନିଆ ବ୍ୟବହାର କରିଥାନ୍ତି । ପାନିଆକୁ ସେମାନେ ସୌନ୍ଦର୍ଯ୍ୟ ସାଧନର ଏକ ଉପ କରଣ ରୂପେ ବ୍ୟବହାର କରିଥାନ୍ତି । । ଯୁବତୀମାନେ ଯେପରି କେଶକୁ ଉତ୍ତମ ରୂପେ ବିନ୍ୟାସ କରି ମୁଣ୍ଡରେ ଫୁଲ ଓ ପାନିଆ ସାଙ୍ଗକୁ ବିଭିନ୍ନ ମୁଣ୍ଡ ଅଳଙ୍କାର ପିନ୍ଧନ୍ତି, ଯୁବକମାନେ ଅନୁରୂପ ଶିରୋଭୂଷଣରେ ସଜ୍ଜିତ ହୋଇଥାନ୍ତି । ଏହା ସେମାନଙ୍କର ଦୈନନ୍ଦିନ ତଥା ଚିରାଚରିତ ଅଭ୍ୟାସ ।



କନ୍ଧ ଚିତ୍ରକର



କାନ୍ଥ ଚିତ୍ର



କାନ୍ଥ ଚିତ୍ର



ବିବାହିତ କନ୍ଧ ରମଣୀମାନେ କାନରେ ବଳା, ହାତରେ ବାଲାଙ୍ଗ(ଚୁଡ଼ି), ଖଗଲା (ମାଳି) ମୁଣ୍ଡପାଇଁ ଗୋନାର, ମୁହରଙ୍ଗ, କାନ ବଳା ଇତ୍ୟାଦି ବ୍ୟବହାର କରନ୍ତି । ବିଶେଷକରି ବେକର ମାଳି ଓ କେଶ ପ୍ରସାଧନ ସ୍ତ୍ରୀମାନଙ୍କ ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥାଏ। ଡଙ୍ଗରିଆ କନ୍ଧଙ୍କ କଳାନୁରାଗ ମଧ୍ୟରେ ନୃତ୍ୟ ଓ ସଂଗୀତ କଳା ସେମାନଙ୍କ ସାମାଜିକ ଜୀବନର ଏକ ଉଲ୍ଲାସମୟ ମୁହୂର୍ତ୍ତ । ନୃତ୍ୟକଳା ସହିତ ସଂଗୀତ କଳାକୁ ଏକତ୍ର ପରିବେଷଣ କରି ସେମାନେ ଜୀବନକୁ ରସମୟ ତଥା ଆନନ୍ଦମୁଖର କରିଥାନ୍ତି। ବିଶେଷକରି ଧାଙ୍ଗଡ଼ା ଓ ଧାଙ୍ଗଡ଼ି ନୃତ୍ୟ-ଗୀତ ବେଶ ଉପଭୋଗ ହୋଇଥାଏ । ଏହି ନୃତ୍ୟର ଅବ୍ୟବହିତ ପୂର୍ବରୁ ଶରୀର ସଜ୍ଜା ନିମନ୍ତେ କଳାର ସୃଜନାତ୍ମକ କୃତୀ ଏବଂ ନିଜସ୍ୱ କଳା ବୋଧ ଜ୍ଞାନକୁ ବ୍ୟବହାରିକ ବସ୍ତ୍ର ମାଧମରେ ପ୍ରକାଶ କରିବାର ଯେଉଁ ପାରମ୍ପରିକ କୌଶଳକୁ ପ୍ରୟୋଗ କରିଥାନ୍ତି, ତାହାହିଁ ବିଚାର କରିବାର କଥା। ସେମାନଙ୍କର କଳା ପ୍ରତିଭା ଯେ ଏକାନ୍ତ ନିଜସ୍ୱ ଏହାର ପ୍ରମାଣ ଆମେ ସେମାନଙ୍କର କଳାତ୍ମକ କ୍ରିୟାରୁ ଜାଣିବାକୁ ପାଇଥାଉ।



କାନ୍ଥରେ ଝୋଟି, ଚିତା ଲେଖିବା ଡଙ୍ଗରିଆ କନ୍ଧଙ୍କ କଳାର ମୁଖ୍ୟ ପ୍ରସଙ୍ଗ ରୂପେ ଏଠାରେ ନିଆଯାଉଥିବାରୁ ସେମାନଙ୍କର କଳାନୁରାଗ ମଧ୍ୟରେ 'ଚିତ୍ରକଳା' ମଧ୍ୟ ସେମାନଙ୍କର ଏକ ସହଜାତ ପ୍ରବୃତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସାମାଜିକ ଜୀବନରେ ବହୁ ଧର୍ମ ମୂଳକ କ୍ରିୟା ଅନୁଷ୍ଠାନ ଗୁଡ଼ିକ ହେଉଛି ତାଙ୍କର ପର୍ବପର୍ବାଣି । ଏହି ପର୍ବପର୍ବାଣି ପାଳନ ଅବସରରେ ସେମାନେ ନୃତ୍ୟକଳା, ସଂଗୀତ କଳା ଓ ସର୍ବୋପରି 'ଚିତ୍ରକଳା'ର ସଦୁପଯୋଗ କରିଥାନ୍ତି। କହିବା ବାହୁଲ୍ୟ, ଉକ୍ତ ପର୍ବ ପର୍ବାଣି ପାଳନ ଅବସରରେ ସେମାନେ ନୃତ୍ୟକଳା,



ଧାଙ୍ଗଡ଼ା ଘର

ସଂଗୀତ କଳା ଓ ସର୍ବୋପରି 'ଚିତ୍ରକଳା'ର ସୁଦୁପଯୋଗ କରିଥାନ୍ତି । କହିବା ବାହୁଲ୍ୟ ଉକ୍ତ ପର୍ବ ପର୍ବାଣୀ ଓ ପୂଜାନୁଷ୍ଠାନ ଇତ୍ୟାଦି ବିଧିପୂର୍ବକ ପାଳନ କରିବା ମୁଖ୍ୟତଃ କୃଷିଭିତ୍ତିକ ହୋଇଥିଲେ ହେଁ ଜୀବନକୁ କଳାମୟ ଭାବେ ଉପଭୋଗ କରିବା ହେଉଛି ସେମାନଙ୍କର ମୂଳଲକ୍ଷ୍ୟ

ସଉରା ଜନଜାତିଙ୍କ ଚିତ୍ରକଳା ପରି ଏମାନଙ୍କର ଚିତ୍ରକଳା ସେତେ ଉନ୍ନତ ଧରଣର ନୁହେଁ ଯଦିଓ ସେମାନେ ଘର ଭିତରେ ଝୋଟି ଚିତ୍ର ଆଙ୍କି ସାଇତି ରଖିଥାନ୍ତି । ସଉରା ଚିତ୍ରକଳା ଯେପରି ଘର ଭିତରେ ପୂଜାପାଏ, କନ୍ଧ ସମାଜରେ ଚିତ୍ରକଳା ମଧ୍ୟ ଘରର ଇଷ୍ଟ ଦେବତା ରୂପେ ପୂଜିତ ହୋଇଥାଏ । କିନ୍ତୁ ଏମାନଙ୍କ ବାହାର କାନ୍ଥମାନଙ୍କରେ ଯେଉଁ ଚିତ୍ରକଳା ଦେଖାଯାଏ ତାହା ଅବଶ୍ୟ ପୂଜାଯୋଗ୍ୟ ନୁହେଁ । ତେବେ ଘର ମଧ୍ୟରେ ଚିତ୍ରକଳାର ରକ୍ଷଣଶୀଳତା ଓ ପାରମ୍ପରିକ ବିଶ୍ୱାସର ଗୂଢ଼ ରହସ୍ୟ ଭେଦକରିବା ସହଜ ସାଧ୍ୟ ନୁହେଁ ।

ଲକ୍ଷ୍ମୀପୂଜା, ଦଶହରା ଇତ୍ୟାଦି ହିନ୍ଦୁପର୍ବାପର୍ବାଣୀ ଗୁଡ଼ିକ ପାଳନ ଅବସରରେ ଏମାନେ ଚିତା ପକାନ୍ତି ଓ ଆନନ୍ଦ ଉତ୍ସବ କରନ୍ତି । ସଉରା ଚିତ୍ରକର ପରି ଏମାନଙ୍କର କେହି ଚିତ୍ରକର ନଥାନ୍ତି ।

ଏମାନେ ନିଜେ ନିଜେ ଚାଉଳ ପିଠଉ ପାଣି କରି ଚିତ୍ର ଆଙ୍କିଥାନ୍ତି । ପର୍ବତରୁ ମିଳିଥିବା ଢ଼ାଉ ପଥରରୁ ଗେରୁରଙ୍ଗ ବାହାର କରି ଚିତ୍ରରେ ବ୍ୟବହାର କରନ୍ତି । କେହି କେହି ପାଖ ହାଟ ବଜାରରୁ ଗୁଣ୍ଡରଙ୍ଗ କିଣି ଆଣି ସେଥିରେ ଜଡ଼ାତେଲ ମିଶାଇ ଚିତ୍ର ଉପରେ ସ୍ଥାନେ ସ୍ଥାନେ ଲେପି ଦିଅନ୍ତି । ଚିତ୍ର କରିବା ପାଇଁ ଏମାନେ ସରୁ ତନ୍ତୁଯୁକ୍ତ ଦାନ୍ତ କାଠିର ଅଗ୍ର ଭାଗକୁ ଛେଚି ଛୋଟ ବ୍ରସ ପରି କରି ବ୍ୟବହାର କରନ୍ତି । ଏହି କାଠି ସାଧାରଣତଃ ଖଜୁରୀ କାଠି, ବାଉଁଶ କାଠି ଓ କିଆ ପଟରୁ ପ୍ରସ୍ତୁତ ହୋଇଥାଏ ।



ଚିତ୍ର କରିବା ନିମନ୍ତେ ଏମାନେ ତାଲିମ ପ୍ରାପ୍ତ ନହେଲେ ବି ଦେଖାଶିଖା ରୀତିରେ ଏବଂ ନିଜର କଳା ଅଭ୍ୟାସ ଯୋଗୁଁ ଆପେ ଆପେ ଏଥିରେ ଅଗ୍ରସର ହୁଅନ୍ତି । ଯେ କେହି ପୁଅ ବା ଝିଅ ଏହି ଚିତ୍ର କାର୍ଯ୍ୟ କରିଥାନ୍ତି । ମାତ୍ର ଏପରି ଚିତ୍ର କରିବା ସ୍ଥାନ ବିଶେଷରେ ବିଧି ମୁତାବକ ସମ୍ପାଦିତ ହୋଇଥାଏ ।



ବିଭିନ୍ନ ପର୍ବପର୍ବାଣିରେ କାନ୍ଥ ଚିତ୍ର କରିବା ଏମାନଙ୍କର ପରମ୍ପରାଗତ ବିଧି । ସଉରାମାନେ ପାଳନ କରୁଥିବା ପର୍ବପର୍ବାଣିରେ ପ୍ରାୟ କୌଣସି ଚିତ୍ର କରନ୍ତି ନାହିଁ । ମାତ୍ର ଡଙ୍ଗରିଆ କନ୍ଧମାନେ ପାଳନ କରୁଥିବା ବିଭିନ୍ନ ପର୍ବପର୍ବାଣିରେ ଘରକୁ ସଜାଇବା ଅବସରରେ ବାହାର କାନ୍ଥ ସହିତ ଭିତରେ କାନ୍ଥରେ ଚିତ୍ର ମଧ୍ୟ କରିଥାନ୍ତି । ବାହାର କାନ୍ଥ ଚିତ୍ର ଓ ଭିତର କାନ୍ଥ ଚିତ୍ର ମଧ୍ୟରେ ଲୌକିକ ବିଶ୍ୱାସ ପାର୍ଥକ୍ୟ ରହିଛି । ପର୍ବପର୍ବାଣି ଦିନ ଭିତର କାନ୍ଥର ଅଙ୍କିତ ଝୋଟି ଚିତ୍ରରେ ଦେବଦେବୀଙ୍କୁ ଆରୋପିତ କରି ପୂଜା କରିବା ସଙ୍ଗେ ସଙ୍ଗେ ପିତୃପୁରୁଷଙ୍କୁ ମଧ୍ୟ ଆରାଧନା କରି ସମସ୍ତଙ୍କର ମଙ୍ଗଳକାମନା କରିଥାନ୍ତି । ଏହିପରି ପ୍ରତିବର୍ଷ ଚିତ୍ର



ପରିବର୍ତ୍ତିତ କାନ୍ଥ ଚିତ୍ର

ଲିଭାଯାଇ ନୂଆ ଚିତ୍ର ହୁଏ । ଚିତ୍ର ପ୍ରତିଷ୍ଠା ପର୍ବ ଉପରେ ଆନୁସଙ୍ଗିକ ବିଧି ବିଧାନ ନଥିବା ପରି ମନେ ହୁଏ ।



ବାହାର କାନ୍ଥରେ ହେଉଥିବା ଚିତ୍ରରେ ନମୁନା ସାଧାରଣ ତ୍ରିଭୂଜ ପରି । ସେହି ଚିତ୍ର ଲମ୍ବଭାବରେ ଧାଡ଼ି ଧାଡ଼ି ହୋଇଏକ ରେଖା ଉପରେ ତ୍ରିଭୂଜଗୁଡ଼ିକ ଅଙ୍କିତ ହୋଇଥାଏ । ଏହି ତ୍ରିଭୂଜର ନମୁନା ସେମାନଙ୍କର ପ୍ରିୟ ସଙ୍କେତ ରୂପେ ଅନ୍ୟତ୍ର ବ୍ୟବହୃତ ହୋଇଥିବାର ମଧ୍ୟ ଦେଖାଯାଏ ।

ସେମାନେ ପାଳନ କରୁଥିବା ମେରିଆପର୍ବ, ଘଣ୍ଟପର୍ବ, କେଡୁପର୍ବ, କଲିଲାକା ଇତ୍ୟାଦି ପୂଜାନୁଷ୍ଠାନମାନଙ୍କରେ କାନ୍ଥରେ ନୂଆକରି ଚିତ୍ର ଆଙ୍କିଥାନ୍ତି ଓ ଉକ୍ତ ଶୈଳୀରେ ଅରୁଆ ଚାଉଳ ଚୂର୍ଣ୍ଣରେ ଯନ୍ତକାଟି ଦେବୀଙ୍କୁ ଆବାହନ କରିଥାନ୍ତି ।

ଭିତର ସ୍ଥାନ ଚିତ୍ରଗୁଡ଼ିକ ସର୍ବସାଧାରଣଙ୍କ ନିମନ୍ତେ ଗୋପ୍ୟ ରହିଥାଏ । ତାହା ସେମାନଙ୍କର ଆରାଧିତ ଚିତ୍ର ହୋଇ ଥିବାରୁ ଘରର ଅନ୍ଧାରୁଆ ସ୍ଥାନରେ ଏହି ଚିତ୍ର ଅଙ୍କା ଯାଇଥାଏ । ଉକ୍ତ ଚିତ୍ର ସାମୟିକ ଭାବେ ପୂଜା ପାଉଥିବାରୁ ଏହାର ରକ୍ଷଣ ଶୀଳତା ଦୀର୍ଘଦିନ ଧରି ହୋଇ ପାରି ନଥାଏ । ଯେଉଁମାନେ ନୂଆକରି ଚିତ୍ର ଆଙ୍କି ପାରନ୍ତି ନାହିଁ ସେମାନଙ୍କର ଚିତ୍ର ସେହିଭଳି ହୋଇଥାଏ, ତାହାକୁ ସେମାନେ ଲିଭାଇବା ଦରକାର ମନେ କରନ୍ତି ନାହିଁ । ଘର ଭିତର ବିଷୟବସ୍ତୁ ସାଧାରଣ ପରି ହେଲେ ମଧ୍ୟ ବାହାର କାନ୍ଥ ଚିତ୍ରଠାରୁ ପୃଥକ ହୋଇଥାଏ । ବାହାର ଚିତ୍ରଗୁଡ଼ିକ ଭିତର କାନ୍ଥ ପରି ଏତେ ଗହଳ ମଧ୍ୟ ହୋଇ ନଥାଏ ।

ସଉରାମାନେ ଯେପରି ନୂଆଘର କରିବା ସମୟରେ କିମ୍ବା କୌଣସି ନୂତନ କାର୍ଯ୍ୟ କରିବା ପୂର୍ବରୁ ପିତୃପୁରୁଷଙ୍କ ନିର୍ଦ୍ଦେଶରେ ଚିତ୍ର କାର୍ଯ୍ୟ କରନ୍ତି, ଡଙ୍ଗରିଆ କନ୍ଧଙ୍କ ସେପରି ନୀତି ଥିବାର ଜଣାଯାଏ ନାହିଁ । ବର୍ଷକ ମଧ୍ୟରେ ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଏ । ସବୁ ସମୟରେ, ସେମାନେ ଏକତ୍ର ଚିତ୍ର କରିବା ଦେଖାଯାଏ ନାହିଁ । ମାତ୍ର ଘର ଦ୍ୱାର ଲିପାପୋଛା କରି ସୁନ୍ଦର ଭାବେ ସଜାଇବା ଯେପରି ପ୍ରତ୍ୟେକ ପରିବାର କର୍ତ୍ତବ୍ୟ, ତାହା ସେମାନେ ଭଲ ଭାବେ ବୁଝିଥାନ୍ତି । ତେଣୁ ବର୍ଷର ବିଭିନ୍ନ ସମୟରେ ଝୋଟି ଚିତ୍ର ଲେଖିବା ପାରମ୍ପରିକ ନିୟମ ଭାବେ ସମାଜରେ ପ୍ରଚଳିତ ।

ଚିତ୍ରକାର୍ଯ୍ୟ କରିବା ପାଇଁ ଜଣେ ଅନ୍ୟ ଜଣଙ୍କ ଘରକୁ ମଧ୍ୟ ନିମନ୍ତ୍ରିତ ହୋଇଯାଇଥାଏ । ଯେଉଁ ଜଣକ ଚିତ୍ର କରିବା ପାଇଁ ଆସେ ସେ ସେଦିନ ଉପବାସ ରହିଥାଏ । ଯାହାଘରେ ଚିତ୍ର ହେବାର ଥିବ ସେ ତାକୁ ନୂଆ ଲୁଗା ପିନ୍ଧିବାକୁ ଦେଇ ଚିତ୍ର କରିବାପାଇଁ କହେ । ଦିନକ ମଧରେ ଚିତ୍ରକାର୍ଯ୍ୟ ନସରିଲେ ବାହାର ଗ୍ରାମରୁ ଯଦି କେହି ଅନ୍ୟ ଗ୍ରାମକୁ ଯାଇଥାଏ, ତା'ହେଲେ ସେ ଚିତ୍ର କରୁଥିବା ଲୋକର ଘରେ ରହେ ଓ ପରଦିନ ଚିତ୍ରକାର୍ଯ୍ୟ ସମାପନ କରି ବିଦାୟ ନେବା ସମୟରେ କୁକୁଡ଼ା ଓ ସେଇ ନୂଆ ଲୁଗା ନେଇ ଘରକୁ ଯାଏ । ଚିତ୍ର ପ୍ରତିଷ୍ଠା ପର୍ବ ବିଧି ମୂତାବକ ନଥିଲେ

ମଧ୍ୟ ଏମାନେ ଚିତ୍ର କଳାକୁ ଉପଯୁକ୍ତ ସମ୍ମାନ ଦିଅନ୍ତି ଓ ସେ ଚିତ୍ର ଦ୍ୱାରା ଘରର ମଙ୍ଗଳ ହୁଏ ବୋଲି ବିଶ୍ୱାସ କରି ଚିତ୍ର ପାଖରେ ପ୍ରତି ଋତୁରେ ଫଳ ଓ ଫସଲ ପ୍ରଥମେ ଅର୍ପଣ କଲାପରେ ଖାଇଥାନ୍ତି ।

ସେହିଦିନ ଠାରୁ ପରମୁହୂର୍ତ୍ତ ପର୍ଯ୍ୟନ୍ତ ଚିତ୍ର ସେମିତି ଭାବରେ ଥାଏ । ଘର ଭିତରେ ଯେଉଁ ଚିତ୍ର ଅଙ୍କାଯାଇଥାଏ, ସେ ଚିତ୍ର ଉପରେ ଗୋଟିଏ କିମ୍ବା ଦୁଇଟି ନୂଆ କୁଲା ହଳଦୀ ବୋଳା ହୋଇ କୀଳକ ଦ୍ୱାରା ଚିତ୍ରକୁ ଘୋଡ଼ିଆ ହୋଇ ଟଙ୍ଗାଯାଇ ଥାଏ । କେହି କେହି ଚିତ୍ରପାଖରେ ଲାଉଡଙ୍କି ଓ ଅନ୍ୟାନ୍ୟ ଘରକରଣା ଜିନିଷ ରଖିଥାନ୍ତି । ତଳେ ମଧ୍ୟ ହାଣ୍ଡି ମାଠିଆ ବାସନ କୁସନ ଇତ୍ୟାଦି ଥୁଆ ହୋଇଥାଏ । ଉପରେ ମଧ୍ୟ ଶିକାରେ ମାଠିଆ କିମ୍ବା ଆଟିକା ଟଙ୍ଗା ହୋଇଥିବାର ଦେଖାଯାଏ ।

ଚିତ୍ର ଉପରେ ହଳଦୀ ବୋଳାଯାଇ ନୂଆକୁଲାଯେପରି ଭାବରେ ଘୋଡ଼ା ଯାଇ ରଖାଯାଇଥାଏ, ତାହା ଲୌକିକ ବିଶ୍ୱାସ ଅନୁସୃତ । କଦବା କାହାରି ଦେହ ଖରାପ ହେଲେ ଚିତ୍ର ହୋଇଥିବା କାନ୍ଥ ପାଖରେ ରୋଗୀକୁ ଶୁଆଇ ଦିଆଯାଏ ଟଙ୍ଗା ଯାଇଥିବା କୁଲାଟି ଆଣି ସେଥିରେ ଚାଉଳ ଓ ହଳଦୀ ମିଶାଇ ଝୁଣାଧୂପ ଦେଇ ଚିତ୍ରପାଖରେ ଗୁହାରି କରନ୍ତି । ଏହିପରି କଲେ ରୋଗୀ ଆସ୍ତେ ଆସ୍ତେ ୨/୩ ଦିନ ମଧ୍ୟରେ ଭଲ ହୋଇଯାଏ । ଏହି ବିଶ୍ୱାସ ସେମାନଙ୍କର ବଳବତ୍ତର ଥିବାରୁ ସମ୍ଭବତଃ ଏପରି ପ୍ରାଚୀନ ପରମ୍ପରାକୁ ସେମାନେ ପାଳି ଆସୁଛନ୍ତି ।

ସାଧାରଣ ଦୃଷ୍ଟିରେ ଦେଖିବାକୁ ଗଲେ ଚିତ୍ରର ବିଷୟବସ୍ତୁ ଗୌଣ ବା ସେପରି କିଛି ନାହିଁ କହିଲେ ଚଳେ । ସେମାନେ ଆଙ୍କୁଥିବା ଚିତ୍ରଟି ଗୋଟିଏ ନମୁନାର ପୁନରାବୃତ୍ତି ମାତ୍ର, ଏହା ବ୍ୟତୀତ ସେଥିରେ ଜୀବଜନ୍ତୁ, ମନୁଷ୍ୟ, ବୃକ୍ଷଲତା, ଦେବାଦେବୀର ସାଦୃଶ୍ୟ ଦେଖିବାକୁ ମିଳେ ନାହିଁ । ମାତ୍ର ଜ୍ୟାମିତିକ ସୂତ୍ର ଅନୁସାରେ ସେମାନେ ଯେଉଁ ତ୍ରିଭୁଜାକୃତି



ନମୁନାମାନ ବାହାର କାନ୍ଥରେ ଆଙ୍କିଥାନ୍ତି ସେଗୁଡ଼ିର ସାଙ୍କେତିକ ଭାବ ଧରିବା କଠିନ । ସେ ଚିତ୍ର ଗୁଡ଼ିକ କେତେକ କାଠି ଦ୍ୱାରା ତ ଆଉ କେତେକ ଆଙ୍ଗୁଠି ଛାପ ଦ୍ୱାରା ହୋଇଥାଏ । ଏ ସମସ୍ତ ଚିତ୍ର ଶୁଦ୍ଧର ପ୍ରତୀକ ଚାଉଳ ଚୂନାରୁ ପ୍ରସ୍ତୁତ ପିଠଉ ପାଣିରେ ଅଙ୍କା ହୋଇଥାଏ । ଗେରୁ, ନୀଳ, କଳା, ନାଲି, ହଳଦୀ ଇତ୍ୟାଦି ରଙ୍ଗ ସ୍ଥାନେ ସ୍ଥାନେ ଗର୍ଭିତ ହୋଇଥାଏ । ଏହି ଚିତ୍ରର ଶୈଳୀ, ଭାବଧାରା ଅପ୍ରାସଙ୍ଗିକ ହେଲେ ହେଁ ସେ ଚିତ୍ର କାର୍ଯ୍ୟ ମୂଳରେ ସେମାନଙ୍କର ପ୍ରଚ୍ଛନ୍ନ ଲୌକିକ ବିଶ୍ୱାସ ବଳବତ୍ତର ରହିଛି ଏ କଥାର ରହସ୍ୟ କେବଳ ସେଇମାନଙ୍କୁ ହିଁ ଜଣା ।

ଏଥିପୂର୍ବରୁ କହୁଯାଇଛି ଯେ, ଚିତ୍ରରେ ଦେବଦେବୀଙ୍କର ସାଦୃଶ୍ୟ ରୂପ ଦେଖିବାକୁ ମିଳେ । ଏକଥା ସତ । ମାତ୍ର କେତେକ ବାହାର କାନ୍ଥରେ କେବଳ ତ୍ରିଭୂଜ ଧର୍ମୀ ଚିତ୍ର ଥିବା ସ୍ଥଳେ, ଆଉ କେତେକ ଅନୁକରଣୀୟ ଚିତ୍ର ଭିତର କାନ୍ଥରେ ଦେଖିବାକୁ ମିଳେ, କିନ୍ତୁ ଏସବୁ ଚିତ୍ରକୁ ପ୍ରାଚୀନ ବୋଲି କୁହାଯାଇ ନପାରେ । ସେ ଚିତ୍ର ଗୁଡ଼ିକ ଯେ ଆଧୁନିକ ଛାପା କ୍ୟାଲେଣ୍ଡର ଦ୍ୱାରା ପ୍ରଭାବିତ ଏଥିରେ ସନ୍ଦେହ ନାହିଁ । କେହି କେହି ଚିତ୍ର ଶିଳ୍ପୀ ହିନ୍ଦୁ ଧର୍ମର ଦେବ ଦେବୀଙ୍କୁ କ୍ୟାଲେଣ୍ଡରରୁ ନକଲ କରିବାକୁ ଚେଷ୍ଟାକରି ନିଜର ଶୈଳୀରେ ରୂପାନ୍ତରିତ କରି ଆସିଛନ୍ତି କାରଣ ସେମାନଙ୍କର ପ୍ରାଚୀନ ମୌଳିକ ଚିନ୍ତାଧାରା ସହ ଏ ଚିତ୍ରର ଭାବଧାରା ସମ୍ପୂର୍ଣ୍ଣ ଭିନ୍ନ । ଏପରି ଚିତ୍ର ଗୁଡ଼ିକର ଦକ୍ଷିଣ ଭାରତୀୟ ଚିତ୍ର ଶୈଳୀ ଦ୍ୱାରା ପ୍ରଭାବିତ । ମାତ୍ର ଅନେକ ଝୋଟି ଚିତ୍ର ଗୁଡ଼ିକରେ ଓଡ଼ିଆ ଚିତା ଲେଖାର ରୂପ ସୁସ୍ପଷ୍ଟ । ଏଥିରୁ ଜଣାପଡ଼େ ସେମାନଙ୍କର ମୌଳିକ ଚିତ୍ରକଳା ଝୋଟି ଚିତା କେବଳ ତ୍ରିଭୂଜ ଧର୍ମୀ ଓ ଏହାର ଅଙ୍କନ ରୀତି ଗୋଟିଏ ପ୍ରକାରର ।

## ଚୈତ୍ରିକ ବିଶ୍ଳେଷଣ (୧)

କନ୍ଧଭାଷାରେ 'ବୋମା' ଅର୍ଥ ଚିତ୍ର 'ବୋମାରେ ନାୟୁ' ଅର୍ଥ ଯେ ଚିତ୍ରକରେ । ଚିତ୍ରରେ ବ୍ୟବହୃତ ହେଉଥିବା ରଙ୍ଗକୁ, 'ଗୁଉଣ୍ଡି' କହନ୍ତି । ତଥା କଥିତ କାନ୍ଥରେ ଅଙ୍କାଯାଇଥିବା ଝୋଟି ଚିତ୍ରକୁ ସେମାନେ 'ମାଞ୍ଜିଗୁଣ୍ଡା' କହନ୍ତି ।

କେତେକ ପ୍ରାଚୀନ ତ୍ରଭୁଜ ଧର୍ମୀ ଚିତ୍ରକୁ ଅନୁଧ୍ୟାନ କରି ଦେଖାଯାଇଛି ଯେ, ଏହି ଚିତା ଲେଖାରେ ରେଖାର ସାବଲୀଳ ଗତି ନାହିଁ, ପରନ୍ତୁ , ଯେଉଁ ଚିତ୍ରଗୁଡ଼ିକରେ କେବଳ ବିନ୍ଦୁ (ଟୋପା) ଆଙ୍ଗୁଳି ଛାପ ଅଛି ସେଗୁଡ଼ିକ ମୁଦ୍ରା ସର୍ବସ୍ୱ । ଏଠାରେ ପ୍ରଥମେ ସେହି ପ୍ରାଚୀନ ତ୍ରିଭୁଜ ଧର୍ମୀ ଚିତ୍ରକଥା ଦେଖାଯାଉ ।



ଘରର ବାହାର କାନ୍ଥ ହେଉକି ଭିତର କାନ୍ଥ ହେଉ ସେ ସମସ୍ତ ଅଙ୍କିତ ଚିତ୍ର ପ୍ରଥମେ ରେଖା ଦ୍ୱାରା ଅଙ୍କାଯାଇଥାଏ । ସମସ୍ତ ଚିତ୍ରର ମୂଳ ହେଲା ରେଖା, ଏହି ରେଖାର ସମନ୍ୱୟରେ ତ୍ରିଭୂଜ, ଛକି, ଲମ୍ବ ରେଖା, ବୃତ୍ତ, ଆୟତାକାର କ୍ଷେତ୍ର ପରିଧି ଇତ୍ୟାଦି ଅଙ୍କାଯାଇଥାଏ । କେବଳ କାନ୍ଥ ଚିତ୍ରରେ ଏହା ଯେ ଦେଖାଯାଏ, ତା' ନୁହେଁ ସେମାନେ

ବ୍ୟବହାର କରୁଥିବା ଲୁଗାପଟାର ନକ୍ସା, ପାନିଆ, କଟାରୀ, ପିଢ଼ା, ବଳିଖୁଣ୍ଟରେ ମଧ୍ୟ ଅନୁରୂପ ନମୁନା ମାନ ଖୋଦିତ ହୋଇଥାଏ । ଏହି ତ୍ରିଭୁଜ ଧର୍ମୀ 'ଚିତ୍ର' ଗୁଡ଼ିକ ଗୋଟିଏ ନିୟମରେ ଆବଦ୍ଧ ବୋଲି ସମସ୍ତ ଚିତ୍ରରୁ ବୁଝାପଡ଼େ ।

କାହାରି ମତରେ ସେମାନଙ୍କର ଚିତ୍ରକଳା ପରମ୍ପରା ନଥିଲା । କାରଣ ସେମାନଙ୍କ ଚିତ୍ରରେ ଚିତ୍ରକରର ଅଙ୍କନ ପଟୁତା ପରିଲକ୍ଷିତ ହୋଇଥାଏ ।

ସେମାନଙ୍କର ଘରର କାନ୍ଥଗୁଡ଼ିକ ଖୁବ୍ ଲମ୍ବା ହୋଇଥିବାରୁ ସେମାନେ ଲମ୍ବଭାବରେ ରେଖାଟାଣି ତା ପରେ ଧାଡ଼ି ଧାଡ଼ି କରି ତ୍ରିଭୁଜ ଗୁଡ଼ିକ ଆଙ୍କିଥାନ୍ତି ଓ ପରେ ଗୋଟିଏ ଛାଡ଼ି ଗୋଟିକରେ ଗେରୁ କିମ୍ବା ନୀଳରଙ୍ଗ ଭର୍ତ୍ତି କରନ୍ତି । କେଉଁ କେଉଁ କ୍ରିଭୁଜକୁ ମଧ୍ୟ ଖାଲି ରେଖା ରଖି ଛାଡ଼ି ଦେଇଥାନ୍ତ । ପାଖାପାଖି ଦୁଇଟି ସମଲମ୍ବରେଖା ଉପରେ ପ୍ରାୟ ୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ତ୍ରିଭୁଜ ପାଖକୁ ପାଖକୁ ଆଙ୍କି କାନ୍ଥଯାକ ପୂରଣ କରି ଦେଇଥାନ୍ତି ।

ସେମାନଙ୍କ ଚିତ୍ରକଳାକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ, ଯଥା ପାରମ୍ପରିକ ଓ ଅଣ ପାରମ୍ପରିକ । ପାରମ୍ପରିକ ରୀତିରେ ଅଙ୍କାଯାଇଥିବା ଚିତ୍ର ତ୍ରିଭୁଜ ଧର୍ମୀ ଓ ଅଣପାରମ୍ପରିକ ରୀତିରେ ଅଙ୍କାଯାଇଥିବା ଚିତ୍ର ଗୁଡ଼ିକ ଅନୁକରଣଧର୍ମୀ । ସଉରା ଚିତ୍ର କଳାରେ ସମଗ୍ର ଚିତ୍ରରେ ସାମାଜିକ ଚାଳିଚଳଣୀର ପୂର୍ଣ୍ଣ ବିବରଣୀ ଥିବା ସ୍ଥଳେ କନ୍ଧଚିତ୍ରରେ ପାରମ୍ପରିକ ଚିତ୍ରକଳାରେ ତାହା ନଥାଏ । କିନ୍ତୁ ଅଣପାରମ୍ପରିକ ଚିତ୍ରକଳାର ଯେଉଁ ଅନୁକରଣ ଧର୍ମୀ ଚିତ୍ର ଦେଖାଯାଏ, ତହିଁରେ ଦୁର୍ଗା, ଲକ୍ଷ୍ମୀ, ରାମ, ସୀତା, ଜଗନ୍ନାଥ ଇତ୍ୟାଦିଙ୍କର ସ୍ୱରୂପ ଅଙ୍କା ଯାଇଥାଏ । କିନ୍ତୁ ପାରମ୍ପରିକ ରେଖାଙ୍କିତ ତ୍ରିଭୂଜ ଆବେଷ୍ଟନୀ ମଧ୍ୟରେ ଯେଉଁ ପ୍ରଚ୍ଛନ୍ନ ରହସ୍ୟ ବିଦ୍ୟମାନ, ତାହାର ସାମାନ୍ୟ ଅନୁଶୀଳନ ଏଠାରେ କରାଯାଉଛି ।

ଚିତ୍ର ଏପରି ଏକ ସହଜତମ ଅଭିବ୍ୟକ୍ତି ଯାହାର ଆଦିମତମ ସ୍ରଷ୍ଟା ହେଉଛନ୍ତିଏହି ଆଦିବାସୀ । ସେଇମାନଙ୍କର ସଂକେତଚିତ୍ର ପରବର୍ତ୍ତୀ ସମୟରେ ପାରିମାର୍ଜିତ ହୋଇ ଚିତ୍ରକଳା ଓ ଅକ୍ଷର ସଂଜ୍ଞା ନେଇ ବିଭିନ୍ନ ଭାଷାକୁ ବ୍ୟକ୍ତି କରିଛି, ମାତ୍ର ଏ କ୍ଷେତ୍ରରେ ଚିତ୍ରକଳାର ସାର୍ବଜନୀନ ପରିଚିତି ହେଉଛି ସମଗ୍ର ପୃଥିବୀର ଭାଷା । ପ୍ରାଗଐତିହାସିକ ଗୁମ୍ଫାଚିତ୍ରଠାରୁ ଆଦିମ କଳା ସ୍ରଷ୍ଟାମାନଙ୍କର ଯାବତୀୟ ମୌଳିକ ଧର୍ମୀ ଲୋକକଳା ପର୍ଯ୍ୟନ୍ତ ସହଜତମ ପ୍ରକାଶ ଭଙ୍ଗୀ ହେଉଛି ଶ୍ରେଷ୍ଠ ଚିତ୍ର କଳା । ତେଣୁ ସଉରା ଚିତ୍ର ଅନେକ କ୍ଷେତ୍ରରେ ଜଟିଳତା ପ୍ରକାଶ କରୁଥିଲେ ମଧ୍ୟ କନ୍ଧଚିତ୍ର କଳାର ଯେଉଁ ସହଜତମ ତ୍ରିଭୁଜ ଧର୍ମୀ ଚିତ୍ରକଳା, କୌଣସି ରହସ୍ୟମୟ ବ୍ୟାପକ ଅର୍ଥରେ ମୌଳିକ ତତ୍ତ୍ୱବୋଲି ଜଣାପଡ଼େ । ଗୋଟିଏ ସହଜତମ ସଂକେତକୁ କିପରି ସେମାନେ ବିଭିନ୍ନ ଉପକରଣରେ ବ୍ୟବହାର କରିଥାନ୍ତି, ତାହା ମଧ୍ୟ ବିଚାର୍ଯ୍ୟ । ସେମାନଙ୍କ ର ଖୋଦିତକଳା ସଂଗଠନ ଗୃହର ଖମ୍ବ ମଧ୍ୟରେ ଏହି ତ୍ରିଭୁଜର ସଂକେତ ଥାଏ । ଚାଉଳଚୁନା ହେଉଛି ଶୁଦ୍ଧର ପ୍ରତୀକ । କନ୍ଧ ଚିତ୍ରକର ଚାଉଳ ଚୂନାରୁ ହେଉଥିବା ପିଠଉ ପାଣି ଦ୍ୱାରା କାନ୍ଥରେ ଚିତ୍ରଆଙ୍କି ସଜାଇଥାଏ । ପାରମ୍ପରିକ ଶୈଳୀକୁ ଅନୁସରଣ କରି ସେ ଯେଉଁ ତ୍ରିଭୁଜ ଧର୍ମୀ ଚିତ୍ର ଆଙ୍କିଥାଏ ତାହାର ମୂଳ ତତ୍ତ୍ୱ କଥା ବିଚାର କଲେ ବହୁ ଅଜ୍ଞାତ କଥା ଜଣାପଡ଼ିଥାଏ । ଅତୀତରେ କନ୍ଧଜାତି ତନ୍ତ୍ରବିଦ୍ୟାରେ ମଧ୍ୟ ଧୁରନ୍ଧର ଥିଲେ । କେବଳ ଝୋଟିଚିତ୍ର କଳାରେ ନୁହେଁ, ସେମାନେ ଚାଉଳଚୂନା ମୁରୁଜରେ ମଧ୍ୟ ତଳେ ଏପରି ଶୈଳୀରେ ମଣ୍ଡଳ କାଟି ଦେବଦେବୀଙ୍କ ଆବାହନ କରିଥାନ୍ତି । କୌଣସି ଧର୍ମାନୁଷ୍ଠାନରେ ବହୁସମୟ ଧରି ମନ୍ତ୍ର ବୋଲିବା ଲକ୍ଷଣରୁ ସେମାନଙ୍କର ଆବାହନ ସିଦ୍ଧି ହୋଇଥାଏ । ତେଣୁ ତନ୍ତ୍ର ଓ ମନ୍ତ୍ର ଭିତ୍ତିକ ଚିତ୍ରକଳାର ସାଙ୍କେତିକ ଭାବରେ ଅର୍ଥ ବ୍ୟାପକ ହୋଇଥିବାର ଅନୁମେୟ ।

ତ୍ରିଭୁଜ ଧର୍ମୀ ଚିତ୍ରଟି ସାଧାରଣ ଅର୍ଥର ତିନିବାହୁର ସମଷ୍ଟିକୁ ବୁଝାଉଥିଲେ ମଧ୍ୟ ତନ୍ତ୍ରମଣ୍ଡଳରେ ବୈଦିକ ସଂଜ୍ଞାକୁ ପରିପ୍ରକାଶ କରିଥାଏ ସ୍ଥୁଳତଃ ତ୍ରିଭୁଜ ବୋଲି ବିଚାର କରି ତାହାର ଅନ୍ତର୍ନିହିତ ରହସ୍ୟକୁଏଡ଼ାଇ ଯାଇ ହେବନାହିଁ ।



ମାନବର ସକଳ ଚିନ୍ତାଧାରା ଅଦୃଷ୍ଟ ଦୈବୀଶକ୍ତି ଦ୍ୱାରା ନିୟନ୍ତ୍ରିତ ହେବା ବେଳେ କନ୍ଧ ସମାଜରେ ଧର୍ମଧାରା ପ୍ରଚ୍ଛନ୍ନ ଭାବେ ଏହି ଝୋଟିଚିତ୍ର କଳାର ସାଙ୍କେତିକ ସ୍ୱାକ୍ଷର ବହନ କରିଥାଏ । ମନ୍ତ୍ରୋଚ୍ଚାରଣ ପ୍ରଥମ ଉଚ୍ଚାରଣ ଓଁ । ଏହା ତ୍ରିଭୁଜ ବ୍ରହ୍ମ ମଧ୍ୟରେ ନିନାଦିତ । କନ୍ଧଚିତ୍ର କଳାରେ କାହାରି କାହାରି କାନ୍ଥରେ ସିନ୍ଦୂରର ଏହି ଓଁ ଅକ୍ଷର ମଧ୍ୟ ଚିତ୍ର ପାଖରେ ଲେଖାଯାଇଥାଏ । ଏ କ୍ଷେତ୍ରରେ ସୃଷ୍ଟି ସ୍ଥିତି ଓ ଲୟକୁ ମଧ୍ୟ ବିଚାରକୁ ନିଆଯାଇପାରେ । କନ୍ଧଚିତ୍ରକର ତନ୍ତ୍ରୋକ୍ତ ଦେବୀଙ୍କର ସାଙ୍କେତିକ ସ୍ୱରୂପ ସାଦୃଶ୍ୟ ରୂପରେ ଆଙ୍କି ନପାରି ସେଇ ତ୍ରିଭୂଜ ମଧ୍ୟରେ  ସମସ୍ତ ରୂପକୁ କଳ୍ପିତ ଭାବେ ସ୍ଥାନିତ  କରିଛି । ଗାୟତ୍ରୀଦେବୀଙ୍କ ତ୍ରିମୁଖ ମୁଦ୍ରା, ଦୁର୍ଗାଙ୍କର ତିନିଶକ୍ତି କାଳୀ, ତାରା ଓ ତ୍ରିପୁରା । ତେଣୁ ତ୍ରିଭୁଜ ଖାଲି ତ୍ରିଭୁଜ ନହୋଇ ତ୍ରିବର୍ଗ, ତ୍ରିବୃତ୍ତ ବ୍ରହ୍ମ, ତ୍ରିଶକ୍ତି, ତ୍ରିରେଖା, ତ୍ରିଲୋକ, ତ୍ରିପୁରୁଷ ଇତ୍ୟାଦି ନାନାର୍ଥସିଦ୍ଧ ବିଚାରରେ ପ୍ରକାଶିତ ହୋଇଛି । ଏହା ହେଉଛି ଚିତ୍ର ବିଦ୍ୟାର ଅନ୍ୟଏକ ସିଦ୍ଧାନ୍ତ ।

ଗୃହର ଆଭ୍ୟନ୍ତରରେ ଅଙ୍କାଯାଇଥିବା ଚିତ୍ରାବଳୀକୁ 'ଇଷ୍ଟ' ଭାବରେ ସମ୍ମାନ ଦେବା ପଛରେ ଗୃହକର୍ତ୍ତାର ସଭକ୍ତି ସମ୍ମତି ରହିଛି । ଏହାର କାରଣ ଅଦୃଷ୍ଟ ଶକ୍ତିମାନଙ୍କୁ ସେ ଚିତ୍ର ମଧ୍ୟରେ ସ୍ଥାନିତ କରି ଆବାହନ କରୁଛି । ଫଳମୂଳ ନୈବେଦ୍ୟ ଦେଇ ଜ୍ୱର, ରୋଗର ଉପଶମ ପାଇଁ ପ୍ରାର୍ଥନା କରୁଛି । ଲୌକିକ ବିଶ୍ୱାସକୁ ଦୃଢ଼କରି ଅଧିଆ ପଡୁଛି, ତେଣୁ ସେ ଆଙ୍କିଥିବା ଚିତ୍ରକଳା ତାର ଚଳଣୀ ସହିତ ମିଶି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଚୈତ୍ରିକ ବିଶ୍ଳେଷଣ (୨)

ଆଗରୁ କୁହାଯାଇଛି ଯେ, ଅଣପାରମ୍ପରିକ ଚିତ୍ରକଳା ହେଉଛି ଅନୁକରଣୀୟ । କାହାରି କାହାରି କାନ୍ଥରେ ଏପରି ଅନୁକରଣୀୟ ଚିତ୍ର ମଧ୍ୟ ଦେଖିବାକୁ ମିଳେ । ସେମାନଙ୍କ ମଧ୍ୟରୁ କେହି କେହି ଏପରି ଚିତ୍ରକୁ ପୂର୍ବପୁରୁଷରୁ କରି ଆସୁଅଛନ୍ତି ବୋଲି ଦାବୀ କରିଥାନ୍ତି । ମାତ୍ର ପ୍ରକୃତରେ ତାହା ନୁହେଁ । ଉତସ୍ତତଃ ଗୃହରଅଭ୍ୟନ୍ତର କୋଠରୀରେ-ଅନ୍ଧାରୁଆ ସ୍ଥାନରେ ମଧ୍ୟ ଏହି ଚିତ୍ର ଅଙ୍କାଯାଇ ଥାଏ । ସ୍ଥାନେ ସ୍ଥାନେ ଜଗନ୍ନାଥଙ୍କ ଚିତ୍ର ମଧ୍ୟ ଅଙ୍କା ହୋଇଥିବାର ଦେଖିବାକୁ ମିଳେ । ଏହା ବ୍ୟତୀତ ହିନ୍ଦୁ ଧର୍ମରେ ଅନ୍ୟାନ୍ୟ ସଂକେତ ପଦ୍ମଫୁଲ, ଧନୁଶର, ତ୍ରିଶୂଳ ଶଙ୍ଖ ଇତ୍ୟାଦି ଚିତ୍ର ମଧ୍ୟ ସେମାନେ ଆଙ୍କିଥାନ୍ତି । ଚିତ୍ର ଗୁଡ଼ିକର ରେଖା ବନ୍ଧୁର ଓ ସାବଲୀଳ ହୀନ ଓ ଗତି ରହିତ । ଚିତ୍ରର ଚରିତ୍ର ସଂଯୋଜନା ପୂର୍ବାନୁସୃତ । ସମୀକ୍ଷାରୁ ଜଣାପଡ଼େ, ଏପରି ଚିତ୍ର ଆଧୁନିକ କ୍ୟାଲେଣ୍ଡର ଚିତ୍ରର ନକଲ । ଡଙ୍ଗରିଆ କନ୍ଧ ଚିତ୍ରକର ସଭ୍ୟ ସମାଜ ସହ ପରିଚିତ ହେବାପରେ ହାଟବଜାରରୁ ମିଳୁଥିବା ରଙ୍ଗୀନ ଦେବଦେବୀଙ୍କ ଚିତ୍ର କିରି

ଆଣି ତାହାକୁ ଦେଖି ଆଙ୍କିଥିବାର ଜଣାପଡ଼େ। ଏ ସମସ୍ତ ଦେବଦେବୀ ହିନ୍ଦୁ ପରମ୍ପରାର ଅତୀତରେଏମାନେ ହିନ୍ଦୁମାନଙ୍କ ସଂସ୍ପର୍ଶରେ ଆସିଥିବାରୁ ଓ ହିନ୍ଦୁମାନଙ୍କ ପର୍ବପର୍ବାଣି ପାଳନ କରୁଥିବାରୁ ଏପରି ଚିତ୍ର ଆଙ୍କିଥିବାର କେହି କେହି ମତବ୍ୟକ୍ତ କରିଥାନ୍ତି। ତଥାପି ସେ ସମସ୍ତ ଚିତ୍ରରେ ଯେଉଁ ଐକ୍ୟଧର୍ମୀ ଭାବଧାରା ପ୍ରତିଫଳିତ, ତାହା ଚିତ୍ରକଳା ପ୍ରତି ପ୍ରଗାଢ଼ ଅନୁରାଗକୁ ବୁଝାଇଥାଏ। ଅନୁକରଣୀୟ ଦେବଦେବୀ ଚିତ୍ର ଗୁଡ଼ିକ ରେଖାଧର୍ମୀ। ଏଗୁଡ଼ିକରେ କେଉଁଠି କେଉଁଠି ବିଭିନ୍ନ ପ୍ରକାର ମାଟିରଙ୍ଗ ଦିଆଯାଇଥାଏ । ତେବେ ବାହାର କାନ୍ଥ ଚିତ୍ର ଅପେକ୍ଷା ଏହା ପ୍ରାଚୀନ ମନେ ହୁଏ ନାହିଁ। ଅଙ୍କିତ ଝୋଟି ଚିତ୍ର ପୁନଶ୍ଚ ଆଙ୍ଗୁଠି ରୂପେ ଓ ସରୁ ତନ୍ତୁଯୁକ୍ତ କାଠି ଦ୍ୱାରା ଛକି ଛକି ରେଖା ସମାବେଶ ଅତ୍ୟନ୍ତ ଜଟିଳ ହୋଇପଡୁଥିବା ସ୍ଥଳେ ଦେବଦେବୀଙ୍କ ଚିତ୍ର ସ୍ଥଳରେ ତାହା ନାହିଁ।

ଡଙ୍ଗରିଆ କନ୍ଧଙ୍କ ଝୋଟିଚିତ୍ରକଳା କେବଳ କାନ୍ଥ ଉପରେ ସୀମିତ ହୋଇ ରହିନାହିଁ। ଚୈତ୍ରିକ ବିଶ୍ଳେଷଣ ୧ରେ ବର୍ଣ୍ଣିତ ତ୍ରିଭୂଜ ଧର୍ମୀ ନମୁନାଗୁଡ଼ିକ ତନ୍ତ୍ରଭାବଧାରା ଉପରେ ଆଧାରିତ ହୋଇ ଥିବାରୁ ତାହାଙ୍କର ସମଗ୍ର ଚିତ୍ରକଳା ପରିସ୍ଫୁଟନ ନାନାଦି ଶିଳ୍ପ କଳାରେ ମଧ୍ୟ ଉପଲବ୍ଧ ହୋଇଥାଏ । ଦେବୀଙ୍କ କୃପାବିନା କୌଣସି ଅଭିଷ୍ଟ ସାଧନ ହୋଇପାରେ ନାହିଁ। ଏହା ସେମାନଙ୍କ ବିଚାରଧାରାକୁ ସ୍ପର୍ଶ କରୁଥିବାରୁ ସେମାନେ ପରମ୍ପରାକ୍ରମେ ଏପରି ଏକ ପ୍ରଚ୍ଛନ୍ନ ରହସ୍ୟମୟ ବିଧାନ ଅବଲମ୍ବନ କରି ଆସୁଛନ୍ତି ଓ ପ୍ରକାଶ୍ୟରେଏହାର ଉଦ୍ଦେଶ୍ୟ ଅନ୍ୟକୁ ଜଣାଇବାକୁ କୁଣ୍ଠିତ । ବିଚାରାନ୍ତରେ ଏହାର ମୌଳିକ ଭାବଧାରା ସମ୍ପର୍କରେ ସମଧିକ ଗବେଷଣା ସାପେକ୍ଷ ।

## ଚତୁର୍ଥ ଅଧ୍ୟାୟ

# କୁଟିଆକନ୍ଧ ଚିତ୍ରକଳା : ଟିକାଙ୍ଗ୍‌କୁଡ଼ା

### ସଂକ୍ଷିପ୍ତ ପରିଚୟ :

କୁଟିଆକନ୍ଧମାନେ ସାଧାରଣତଃ କନ୍ଧମାଳ କଳାହାଣ୍ଡି ଜିଲ୍ଲାରେ ଦେଖାଯାନ୍ତି । କନ୍ଧଭାଷାରେ କୁଟିଆ ଶବ୍ଦର ଅର୍ଥ ଗାତ ବା ଗାଡ଼ । ଏମାନେ କନ୍ଧମାଳ ଜିଲ୍ଲାର 'ବେଲଘର' ଓ ତାର ଆଖପାଖ ଅଞ୍ଚଳ ଯଥା-ବୁଲୁବାରୁ, ମାଦଲକୁନା, ରାଙ୍ଗାବାରୁ, ତୁଆକେଲା, ଦେଓଗଡ଼ା, ତାଲାମ୍ ପଦ୍‌ର , ତିଡ଼ିପଦର, ଉଷାବାଲି ଇତ୍ୟାଦି ଗ୍ରାମମାନଙ୍କରେ ବାସ କରନ୍ତି । ଗ୍ରାମର ମୁଖିଆମାନଙ୍କୁ ଜାନି' କୁହାଯାଏ । ଏମାନେ ସମସ୍ତେ ଜାନିର କଥାମାନି ବିଭିନ୍ନ ଆନୁଷ୍ଠାନିକ ପର୍ବପର୍ବାଣିମାନ ପାଳନ କରିଥାନ୍ତି ।

### କଳାନୁରକ୍ତି :

ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପେନୁ (ଦେବତା)ଙ୍କୁ ବିଧିବଦ୍ଧଭାବେ ପୂଜାକରି ବଳି ଯାଚିଥାନ୍ତି । ସାମାଜିକ ଚଳଣିରେ କଳାର ପ୍ରତିଭା ପ୍ରତ୍ୟେକଙ୍କ ପାଖରେ ଊଣାଅଧିକେ କିଛି ନା କିଛି ଅଛି । ସେମାନେ ଯେଉଁ ପର୍ବ







ପର୍ବାଣି ପାଳନ କରନ୍ତି, ସେଥିରେ ବିଭିନ୍ନ ଦେବାଦେବୀଙ୍କି ବଳି ଯାଚିଥାନ୍ତି । ଏଥିପାଇଁ ବଳିଖୁଣ୍ଟ ବ୍ୟବହାର କରାଯାଇଥାଏ ।

ବେଶପୋଷାକରେ ମଧ୍ୟ ଯୁବତୀମାନେ ନିଜକୁ ସଜାଇବା ପ୍ରତି ଯତ୍ନବାନ ହୋଇଥାନ୍ତି । ପର୍ବପର୍ବାଣି ମାନଙ୍କରେ ନାଚଗୀତ କରି ଆନନ୍ଦ କରିବା ସଙ୍ଗେ ସଙ୍ଗେ ଘରର ଦୁଆର ବନ୍ଧ ଉପରେ ଚିତ୍ରକରି ସଜାଇଥାନ୍ତି ।

ଚିତ୍ରକଳା :

ଚିତ୍ର ଗୁଡ଼ିକ ଅତି ସାଧାରଣ । କୁଟିଆ କନ୍ଧ ଭାଷାରେ ଚିତ୍ରକୁ 'ଟିକାଙ୍ଗ କୁଡ଼ା' କୁହାଯାଏ । କାନ୍ଥଚିତ୍ର ଗୁଡ଼ିକ ଆକର୍ଷଣୀୟ ନହେଲେବି ସେମାନେ ଯେ ପ୍ରତ୍ୟେକ ପର୍ବପର୍ବାଣିରେ ଏପରି ଚିତ୍ରକଳା କରିବା ନିମନ୍ତେ ଆଗଭର ହୋଇଥାନ୍ତି, ସେଥିରୁ ସେମାନଙ୍କର ଚିତ୍ରକଳା ପ୍ରତି ଶ୍ରଦ୍ଧା ଓ ସମ୍ମାନ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଚିତ୍ରଗୁଡ଼ିକ ଚାଉଳଚୁନା (ପିଠଉ) ପାଣିରେ ହେବା ସହିତ ଅନ୍ୟ ରଂଗରେ ମଧ୍ୟ ହୋଇଥାଏ । କେବଳ ହାତର ଅଂଗୁଳି ଛିଟା ଓ ଟୋପି ଦ୍ୱାରା ଚିତା ଅଂକନ ହୋଇଥାଏ ।





କେବଳ ସ୍ତ୍ରୀ ଲୋକମାନେ ଏହି ଝୋଟି ଚିତ୍ର କରିଥାନ୍ତି । ଅନ୍ୟାନ୍ୟମାନଙ୍କ ପରି ସେଥିପାଇଁ ସେପରି କିଛି ବିଧି ନାହିଁ କହିଲେ ଚଳେ । ଚିତ୍ରରେ ବିଷୟ ବସ୍ତୁ ମଧ୍ୟ ଆଦୌ କିଛି ନାହିଁ । କେବଳ ହାତର ଅଂଗୁଳି ଛାପ, ଛିଟିକା ଦ୍ୱାରା ଘରର ଦୁଆର ବନ୍ଧ ଚାରିପାଖରେ ଚିତ୍ରକରି ପୂର୍ଣ୍ଣ କରିଥାନ୍ତି । ଠାଏ ଠାଏ କଳା ରଂଗର ଟୋପା ମଧ୍ୟ ଦେଇ ସଜାଇଥାନ୍ତି । ଟୋପିଦ୍ୱାରା ଫୁଲ, କଳାରଂଗର ଛକି, ଗାର, ଇତ୍ୟାଦି ପକାଇ ଘର କାନ୍ଥକୁ ସଜାଇଥାନ୍ତି । ଏପରି ଅର୍ଥହୀନ ଚିତ୍ରକଳା ବ୍ୟତୀତ ସେମାନଙ୍କର ଅନ୍ୟକିଛି ପରିବର୍ତ୍ତିତ ଚିତ୍ରକଳା ମଧ୍ୟ ଦୃଷ୍ଟି ଗୋଚର ହୁଏ ନାହିଁ ।



**ଶିଳ୍ପକଳା :**

ପର୍ବପର୍ବାଣି ମାନଙ୍କର ଯେଉଁ ବଳିଖୁଣ୍ଟି ଦରକାର ହୁଏ, ସେଥିରେ ନାନା ଖୋଦେଇ କଳା ହୋଇଥିବାର ଦେଖାଯାଏ । ଏହି ବଳିଖୁଣ୍ଟି ଗୋଟିଏ ଗଛର ମଂଜ ଗଣ୍ଡିରେ ତିଆରି ହୋଇଥାଏ । ଉପର ଅଂଶ ଗୋରୁର ଶିଙ୍ଗ ପରି ଦୁଇପାଖୁକୁ ଗୋଜିଆ ହୋଇ ଉପରକୁ ଉଠିଥାଏ । ଦୁଇ ଶିଙ୍ଗର ମଝିଧାର ( ଅର୍ଦ୍ଧବୃତ୍ତାକାର ) ଉପରେ ଥାଏ । ପ୍ରତ୍ୟେକ ଖୁଣ୍ଟରେ ଖୋଦେଇ କଳା ଭରି ରହିଥାଏ । ଏହି ଖୋଦନ କଳାର ତାତ୍ପର୍ଯ୍ୟ ରହସ୍ୟପୂର୍ଣ୍ଣ । ସେମାନଙ୍କୁ ପଚାରିଲେ ମଧ୍ୟ ସମସ୍ତ କଥା ସହଜରେ ଜଣାପଡ଼େ ନାହିଁ । ପ୍ରତି ଗ୍ରାମର ମଧ୍ୟ ଭାଗରେ ଏପରି ଗୋଟିଏ ବଳିଖୁଣ୍ଟ ଥାଏ । ଏହାର ସ୍ଥାୟିତ୍ୱ ୩/ ୪ ବର୍ଷ ପର୍ଯ୍ୟନ୍ତ ରହିଥାଏ । ଦରକାର ହେଲେ ପୁଣି ନୂଆ ଖୁଣ୍ଟ ପୋତା ହୁଏ ।





ଚିତାକୁଟା :

ଚିତ୍ରକଳା ପ୍ରସଙ୍ଗରେ କୁଟିଆ କନ୍ଧଙ୍କର ଆଉଏକ ନମୁନା ହେଲା ଦେହର ଚିତାକୁଟା । ନିଜ ଶରୀରକୁ କ୍ଷତ ବିକ୍ଷତ କରି ସେମାନେ ବିଭିନ୍ନ ପ୍ରକାର ନକ୍ସା ଦେହରେ କୁଟାଇଥାନ୍ତି । ସେମାନଙ୍କର କଳାପ୍ରିୟତାର ଜ୍ୱଳନ୍ତ ଉଦାହରଣ ହେଉଛି ଏହି ଅଙ୍ଗ ଆଲେଖନ । ସେମାନଙ୍କର ବିଶ୍ୱାସ, ମନୁଷ୍ୟ ମରିଗଲେ ଏହି ଚିତା ଚିହ୍ନ ସାଥିରେ ସ୍ୱର୍ଗକୁ ଯିବ । ସେଇ ବିଶ୍ୱାସରେ ସ୍ତ୍ରୀ ଓ ପୁରୁଷ ଉଭୟ ଚିତା କୁଟାଇବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି ।



କେତେକଙ୍କ ମତରେ ଚିତା କୁଟାଇବା କନ୍ଧଙ୍କର ଏକ ଲୋକପ୍ରିୟ ଛବି ହୋଇଥିବାରୁ ସେମାନେ କୁଟିଆ କନ୍ଧ ନାମରେ ନାମିତ ହୋଇଛନ୍ତି । ଦେହରେ ଏମାନେ ଫୁଲ, ପତ୍ର,ଡାଳ, କୋଠି, ଇତ୍ୟାଦି ଲେଖି କୁଟାଇଥାନ୍ତି । ଦେହରେ ବିଭିନ୍ନ ଅଂଶ ଯଥା ମୁଖମଣ୍ଡଳ, ବାହୁ, ହାତ, ଛାତି,ପାଦ ଓ ଜଙ୍ଘ ଇତ୍ୟାଦିରେ ଚିତା କୁଟାଇ ଏମାନେ ଖୁବ୍ ଆନନ୍ଦ ପାଇଥାନ୍ତି ।



ଚିତାକୁଟାଇବା ବିଧି - ଚିତାକୁଟାଇବା ଏକ କଠିନ ଓ କଷ୍ଟକର ବ୍ୟାପାର । ପ୍ରଥମେ ନଡ଼ାକୁ ପୋଡ଼ି ସେଥିରେ ଜଡ଼ାତେଲ ମିଶାଇ ତରଳ କରି ରଖାଯାଏ । ତାପରେ ଛୁଞ୍ଚିଦ୍ୱାରା ଦେହରେ ନକ୍ସା ଆକାରରେ ଫୋଡ଼ି ଦିଆଯାଏ, ତା ଉପରେ ଏହି କୃଷ୍ଣ ବର୍ଣ୍ଣ ତରଳପଦାର୍ଥକୁ ଲେପି ଦିଆଯାଏ । ଏହି ସମୟରେ ବହୁତ କଷ୍ଟ ହୁଏ । ପ୍ରାୟ ଠିକ୍ ଆଠ ଦଶ ଦିନ ପର୍ଯ୍ୟନ୍ତ ଏହି ଦରଜ ରହିଥାଏ । ବିବାହ ଠିକ୍ ପୂର୍ବରୁ କିମ୍ବା ବାଲ୍ୟାବସ୍ଥାରୁ ଝିଅମାନେ ଚିତା କୁଟାଇଥାନ୍ତି । ଚିତା କୁଟାଇବା ସେମାନଙ୍କର ପ୍ରଧାନ କଳା - ପ୍ରବୃତ୍ତି ଏବଂ ଏହା ଦ୍ୱାରା ଦେହର ସୌନ୍ଦର୍ଯ୍ୟ ବଢ଼ିଥାଏ ।

## ପଞ୍ଚମ ଅଧ୍ୟାୟ

# କିସାନ ଚିତ୍ରକଳା



**ସଂକ୍ଷିପ୍ତ ପରିଚୟ :**

ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ମଧ୍ୟରେ କିସାନ ଅନ୍ୟତମ ଏମାନେ ସୁନ୍ଦରଗଡ଼ର, ସମ୍ବଲପୁର ଓ ଅନୁଗୋଳ ଜିଲ୍ଲାରେ ଦେଖାଯାନ୍ତି । ଭାଷା ଓ ସାମାଜିକ ଜୀବନ ପ୍ରଣାଳୀ ଦୃଷ୍ଟିରୁ ଏମାନେ ଓରାଓଁ ଜନଜାତିର ଏକ ଶାଖା ବୋଲି ଜଣାଯାଏ । ଏମାନଙ୍କର ସଂଖ୍ୟା ୨, ୨୭୯୯୦ (୨୦୦୧) ଅଟେ । କିସାନ ଅର୍ଥ କୃଷକ । ଏମାନଙ୍କର ପୂର୍ବ ପୁରୁଷ ଛୋଟ ନାଗପୁର ଅଞ୍ଚଳରୁ ଆସି ପ୍ରଥମେ ସୁନ୍ଦରଗଡ଼ ଜିଲ୍ଲାରେ ଓ ବାମଣ୍ଡାରେ ବସବାସ କଲେ । ଏମାନେ 'କୁନ୍' ଭାଷାରେ କଥାବାର୍ତ୍ତା ହୁଅନ୍ତି । ଓଡ଼ିଆଙ୍କ ସହିତ ଏମାନେ ବସବାସ କରୁଥିବାରୁ ଅନେକ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି । ଏମାନେ ବଡ଼ କଷ୍ଟ ସହିଷ୍ଣୁ ଓ ପରିଶ୍ରମୀ ।

**ଜନବସତି :**

ଅନ୍ୟାନ୍ୟ ଆଦିବାସୀମାନଙ୍କ ପରି ଏମାନଙ୍କର ସ୍ୱତନ୍ତ୍ର ଗ୍ରାମ - ବସତି ନାହିଁ । ହିନ୍ଦୁମାନଙ୍କ ସହିତ ଗୋଟିଏ ଗ୍ରାମରେ ଏମାନେ ମିଶିକରି ରହିଥାନ୍ତି । ଏମାନଙ୍କର ମୁଖ୍ୟ ହେଲେ ଗୌନ୍ତିଆ ଓ କାଲୋ (ପୁରୋହିତ) । ଗ୍ରାମର ସମସ୍ତ ଭଲମନ୍ଦର ଦାୟିତ୍ୱ ଏମାନଙ୍କ ଉପରେ ନ୍ୟସ୍ତଥାଏ । ପ୍ରତ୍ୟେକ ଗ୍ରାମରେ 'ଗ୍ରାମଶିରୀ' ବା ଗ୍ରାମଦେବତୀଙ୍କ ଆସ୍ଥାନ ଥାଏ ।

**ଜୀବନ ଯାପନ ପ୍ରଣାଳୀ :**



ଜୀବିକା ନିର୍ବାହ ପାଇଁ କିସାନ ମାନେ ବିଭିନ୍ନ କାର୍ଯ୍ୟ ଅନୁସରଣ କରିଥାନ୍ତି । ମୁଖ୍ୟତଃ ଏମାନେ କୃଷି କାର୍ଯ୍ୟ, ମାଟିକାମ, ଇତ୍ୟାଦି କରିବା ସଂଗେ ସଂଗେ କେନ୍ଦୁପତ୍ର ତୋଳିବା , ମହୁଲ ଆଦି ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବା ଏବଂ ପରଘରେ ମୂଲ ଲାଗିବା କାମ ମଧ କରିଥାନ୍ତି ।

**ଧର୍ମ ଧାରଣା ଓ ସାମାଜିକ**

## ସଂସ୍କୃତି :



ଗ୍ରାମ ମଧ୍ୟରେ ଯେଉଁ ଠାକୁରାଣୀଙ୍କ ଆସ୍ଥାନ ଥାଏ ଗ୍ରାମର ବିପଦ ଆପଦ ସମୟରେ ସମସ୍ତେ ଏକତ୍ରିତ ହୋଇ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରନ୍ତି । ତାଛଡ଼ା ପ୍ରତି ଗ୍ରାମରେ ମାତି ବା ଗୁଣିଆ କେତେଜଣ ଥାନ୍ତି । ଏମାନେ ଭୂତ ପ୍ରେତଙ୍କୁ ବଶ କରି ରୋଗୀ ଚିକିତ୍ସା କରନ୍ତି ।

ଧାନ ବୁଣା ଓ ବେଉଷଣ ସମୟରେ ଠାକୁରାଣୀଙ୍କ ପାଖରେ ପୂଜା ହୁଏ, ଏହାକୁ ଧାନ ପୂଜା କୁହାଯାଏ, ଏହି ଧାନକୁ ସମସ୍ତେ ପୁଣି ବାଣ୍ଟି ନେଇ ବିଲରେ ବୁଣନ୍ତି ।

ଏମାନେ ଷୋହଳଟି ବିଭିନ୍ନ ଗୋତ୍ରରେ ବିଭକ୍ତ । ଏକବଂଶରେ ବିବାହ ନିୟମ ବିରୁଦ୍ଧ । ସମାଜ ବିରୋଧୀ କାର୍ଯ୍ୟ କରିଥିବା କିସାନମାନଙ୍କୁ ପୁନର୍ବାର ସମାଜରେ ସ୍ଥାନ ଦେବା ପାଇଁ ଗ୍ରାମର କର୍ମକର୍ତ୍ତା 'ପାଣିଗିରି'ଙ୍କ କର୍ତ୍ତବ୍ୟ । ଗ୍ରାମବାସୀମାନେ କାର୍ତ୍ତିକ ଓ ମାର୍ଗଶିର ମାସରେ 'ଗଙ୍ଗା ଉତ୍ସବ' କରନ୍ତି ।



## କଳାନୁରକ୍ତି ଓ ଚିତ୍ରକଳା

ଏମାନଙ୍କ ପର୍ବପର୍ବାଣିଗୁଡ଼ିକ ମୁଖ୍ୟତଃ କୃଷି ଭିତ୍ତିକ । ବର୍ଷ ସାରା ପାଳନ କରୁଥିବା ପର୍ବପର୍ବାଣିମାନଙ୍କରେ କାନ୍ଥରେ ଝୋଟି ଚିତ୍ର କରିବା ବିଧି ପ୍ରଚଳିତ ଅଛି । ସେଇଥିରୁ ସେମାନଙ୍କର କଳାପ୍ରୀତି ଜଣାପଡ଼ିଥାଏ । ବିଶେଷ କରି ଓଡ଼ିଆ ମାନଙ୍କର ସଂସ୍ପର୍ଶରେ ଆସୁଥିବାରୁ ସେମାନେ ଅଧିକାଂଶ ପର୍ବପର୍ବାଣି ହିନ୍ଦୁମାନଙ୍କ ସହ ମିଶି ପାଳନ କରିଥାନ୍ତି । ଉକ୍ତ କାରଣରୁ ସେମାନଙ୍କ ଝୋଟି ଚିତ୍ରରେ ହିନ୍ଦୁ ଧର୍ମର ସାଙ୍କେତିକ ଚିତ୍ରମାନ ପରିଲକ୍ଷିତ ହୋଇଥାଏ । ତେବେ ବିଶେଷ ଅନୁଧ୍ୟାନରୁ ଜଣାପଡ଼େ ସେମାନଙ୍କର ମୌଳିକ ଚିନ୍ତାଧାରା କଳାଦୃଷ୍ଟିରୁ ସ୍ୱତନ୍ତ୍ର ରୂପେ ପ୍ରକାଶ ପାଇଥାଏ ।

### ଚିତ୍ର କରିବା ବିଧି :

ଏମାନେ ପିଠଉ ପାଣିରେ ଚିତା ଆଙ୍କନ୍ତି । ଗୋଟିଏ ଛୋଟ କାଠିର ଅଗ୍ର ଭାଗକୁ ଛେଚି ପିଠଉରେ ବୁଡ଼ାଇ ସେମାନେ

ଚିତ୍ର କରନ୍ତି । ଚିତ୍ର ଆଙ୍କିବା ସେମାନଙ୍କର ସ୍ୱତଃସ୍ଫୂର୍ତ୍ତ ଅଭ୍ୟାସ । କୌଣସି ତାଲିମ ଅନୁଷ୍ଠାନକୁ ଯାଇ ସେମାନେ ଏହା ଶିକ୍ଷା କରି ନଥାନ୍ତି । ବଂଶାନୁକ୍ରମେ ଏହି ଚିତ୍ର କରିବା ବିଧି ଥିବାରୁ ସେମାନେ ଆପେ ଏଥିରେ ଅଭ୍ୟସ୍ତ ହୋଇପଡ଼ନ୍ତି ।



## ଚିତ୍ରର ବିଷୟ ବସ୍ତୁ

ଆନୁଷ୍ଠାନିକ ପର୍ବପର୍ବାଣିରେ ସେମାନେ ପ୍ରଥମେ ଦେବତା ଓ ଋଷିମାନଙ୍କୁ ନିଜର ଅପରାଧ ମାର୍ଜନା ପାଇଁ ସ୍ତୁତି କରିଥାନ୍ତି । ତେଣୁ ଚିତ୍ରରେ ଆରାଧ୍ୟ ଦେବଦେବୀଙ୍କର ସାକାର ରୂପ ପରିକଳ୍ପନା କରିବାକୁ ଯାଇ ସାତଟି ରେଖା ପାଖକୁ ପାଖ ଲମ୍ବ ବାଗରେ ପକାଇ ସାଂକେତିକ ଅର୍ଥରେ ଚିତ୍ରକାଟି ଥାନ୍ତି । କିନ୍ତୁ ଋଷିଙ୍କର ଚିତ୍ର ସେଥିରେ ଅଂକା ହୋଇ ନଥାଏ । ଏହି ସାତଗୋଟି ଗାର ସାତ ଋଷିଙ୍କୁ ବୁଝାଇଥାଏ । ଏମାନଙ୍କୁ ପ୍ରଥମେ ପୂଜାର୍ଚ୍ଚନା କଲେ ଦୈବଦୁର୍ବିପାକରୁ ରକ୍ଷା ମିଳିଥାଏ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ ।



ହିନ୍ଦୁ ଧର୍ମର ଆରାଧ୍ୟ ଦେବତା, ବିଷ୍ଣୁ ଓ ମହେଶ୍ୱରଙ୍କ ଚିତ୍ର ମଧ୍ୟ ଅନୁରୂପ ସାଙ୍କେତିକ ଧାରାରେ ଅଙ୍କା ହୋଇଥାଏ । ସମ୍ବଲପୁରର ମା' ସମଲେଙ୍କ ପ୍ରଭାବ ଭକ୍ତ ସମାଜରେ ପ୍ରତିଭାତ ହୋଇଥାଏ । ଏଥି ନିମନ୍ତେ ଦଶହରା ସମୟରେ ସ୍ତ୍ରୀ ଏବଂ ଅବିବାହିତ ଯୁବତୀମାନେ ଉପବାସ ରହି ପର୍ବପାଳନ କରିଥାନ୍ତି । ମା' ଦୂର୍ଗାଙ୍କୁ ଆରାଧନା କରିବା ପାଇଁ ଏମାନେ କାନ୍ଥରେ ସାତଗୋଟି ଶୂନ ଆଙ୍କିଥାନ୍ତି । ମହାଲକ୍ଷ୍ମୀ ପୂଜାକୁ ମଧ୍ୟ ତାଙ୍କର ଚିହ୍ନ ସ୍ୱରୂପ ବୃତ୍ତ ମଧ୍ୟରେ ଏକ ଲମ୍ବ ରେଖା ଆଙ୍କି ଦେବୀଙ୍କି ସୂଚିତ କରିଥାନ୍ତି ।

ଏହି ସାତଗୋଟି ଶୂନ ଚିତ୍ର ବିଷୟରେ ଏକ କିମ୍ବଦନ୍ତୀ ମଧ୍ୟ ପ୍ରଚଳିତ ଅଛି । ସେମାନେ କହନ୍ତି, ପ୍ରଥମେ ଜଣେ କିସାନ ଥିଲେ । ତାଙ୍କର ସାତଗୋଟି ଝିଅ ଥିଲେ । ସେହି ଝିଅମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ସେମାନେ ସାତଟି ଶୂନ ଦ୍ୱାରା ପରମ୍ପରା କ୍ରମେ ଦେବୀଙ୍କି ଚିହ୍ନିତ କରି ପୂଜା କରିଆସୁଛନ୍ତି । ମା' ସମଲେଇଙ୍କୁ ସାକ୍ଷାତ ଦୁର୍ଗା ରୂପରେ ବିଶ୍ୱାସ କରି ସେମାନେ ପୂଜା କରିଥାନ୍ତି । ଦେବଦେବୀଙ୍କର ସାଙ୍କେତିକ ଚିତ୍ର ଆଙ୍କିବା ବ୍ୟତୀତ କିସାନମାନେ ଗୋରୁ ଗାଈଙ୍କର ପାଦ ଓ ଶିଙ୍ଗର ସାଙ୍କେତିକ ଚିତ୍ର ମଧ୍ୟ ଆଙ୍କି ପୂଜା କରିଥାନ୍ତି । ଗାଈ ପାଦର ପ୍ରତୀକ ସ୍ୱରୂପ



ସେମାନେ ଏକ ବୃତ୍ତ ମଧ୍ୟରେ ଲମ୍ବଗାର ଟାଣି ଚିହ୍ନିତ କରିଥାନ୍ତି । ସେମାନଙ୍କର ଲୌକିକ ବିଶ୍ୱାସ ଯେ ଗୋ - ମାତା ହେଉଛନ୍ତି ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ । ଲକ୍ଷ୍ମୀଠାକୁରାଣୀଙ୍କୁ ଆବାହନ ସମୟରେ ସେମାନେ ବିଭିନ୍ନ ଗାର ମଧ୍ୟରେ ଛକି ଚିହ୍ନ ଦେଇ ପୂଜା କରନ୍ତି ଓ କୃଷି କର୍ମର ଉନ୍ନତି ପାଇଁ ଆବେଦନ କରିଥାନ୍ତି ।

ମୋଟ ଉପରେ କହିବାକୁ ଗଲେ ସେମାନଙ୍କର ଚିତ୍ରକଳା ସାଧାରଣ ଦୃଷ୍ଟିରେ ଅର୍ଥହୀନ ହୋଇପାରେ, ମାତ୍ର ଉକ୍ତ ଚିତ୍ରକଳା ଲୌକିକ ପରମ୍ପରା ଉପରେ ଆଧାରିତ ହୋଇଥିବାରୁ ଉକ୍ତ ଚିତ୍ରର ବିଶେଷତ୍ୱ ସ୍ୱତନ୍ତ୍ର ଭାବରେ ଅର୍ଥ ବ୍ୟଞ୍ଜକ ।



## ଷଷ୍ଠ ଅଧ୍ୟାୟ

# ପାଉଡ଼ି ଭୂୟାଁ ଚିତ୍ରକଳା : ଝଂଜରା



### ସଂକ୍ଷିପ୍ତ ପରିଚୟ :

ବୌଦ୍ଧଗ୍ରନ୍ଥ ମଜ୍ଜିମ୍‌ନିଳୟରେ ବର୍ଣ୍ଣନା କରାଯାଇଛି ଯେ, 'ଭୁୟାଁ' ମାନେ ଓଡ଼ିଶା ପ୍ରଦେଶର ଏକ ଆଦିମ ଜନଜାତି । ସେମାନଙ୍କର ଆଦିପିତା ଧରିତ୍ରି ମାତାଙ୍କ ଗର୍ଭରୁ ଜାତ ହୋଇଥିଲେ । ଏମାନେ ବିଶେଷ ଗୋଷ୍ଠୀମଧ୍ଯରୁ ଦେଶଭୂୟାଁ, ରାଜକୁଳୀ ଭୂୟାଁ, ଖଣ୍ଡାୟିତି ଭୂୟାଁ ଓ ଟିକାୟତ ଭୂୟାଁମାନେ ପ୍ରକୃତ ଭୂୟାଁ ଜନଜାତିର ଅଂଶ ବୋଲି ଅଭିହିତ । ଓଡ଼ିଶାରେ ବସବାସ କରୁଥିବା ପାଉଡ଼ିଭୂୟାଁମାନେ ଏହି ଜନଜାତିର ଏକ ପୁରାତନ ଗୋଷ୍ଠୀ ରୂପେ ପରିଚିତ । ଏମାନଙ୍କ ମଧ୍ୟରେ ମୁଣ୍ଡାରୀ ସଭ୍ୟତା ବହୁଳ ଭାବରେ ପରିଲକ୍ଷିତ ହୁଏ ।



### ଜନ ବସତି

ଓଡ଼ିଶାର ସମଗ୍ର ଭୂୟାଁ ମାନଙ୍କର ଜନସଂଖ୍ୟା ୨, ୭୭,୪୨୦ ଅଟେ । ଏମାନେ ବଣ ପାହାଡ଼ ଘେରା ଘନ ଜଂଗଲରେ ଛୋଟ ଛୋଟ ଗ୍ରାମ ରେ ବାସ କରନ୍ତି । ପ୍ରତ୍ୟେକ ଗ୍ରାମରେ ମଣ୍ଡଘର ଅଛି । ଏହା ପାଖରେ ଠାକୁରାଣୀଙ୍କ ପାଇଁଏକ ଛୋଟ ଗୃହ ଥାଏ । ଏମାନଙ୍କର ଗ୍ରାମର ମୁଖ୍ୟ ନାୟକ ଓ ଦେହୁରୀ । ଏମାନଙ୍କର ଗୃହଗୁଡ଼ିକ କାଠ ଖୁଣ୍ଟ ଓ ମାଟିରେ ନିର୍ମିତ ଏବଂ ଛାତ ନଡ଼ାରେ ଛପର ହୋଇଥାଏ ।

## ଜୀବନଯାପନ ପ୍ରଣାଳୀ :



ପୋଡୁଚାଷ ଏମାନଙ୍କର ମୁଖ୍ୟ ଜୀବିକା ହେଲେ ହେଁ ଏମାନେ ପଶୁପକ୍ଷୀ ଶିକାର, ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳିଥାନ୍ତି। ଅବସର ସମୟରେ ମୂଳଲାଗିବା, ମାଛ ଧରିବା କାର୍ଯ୍ୟ ମଧ୍ୟ କରିଥାନ୍ତି। ଏମାନେ ପ୍ରଚୁର ପରିମାଣରେ ଆମ୍ବ ପଣସ ସଂଗ୍ରହ କରି ହାଟ ବଜାରରେ ମଧ୍ୟ ବିକ୍ରି କରନ୍ତି।

## ଧର୍ମ ଧାରଣା ଓ ସାମାଜିକ ସଂସ୍କୃତି

ଏମାନେ ଅନେକ ଦେବଦେବୀ ଭୂତପ୍ରେତଙ୍କୁ ବିଭିନ୍ନ ନାମରେ ସମାଜର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରନ୍ତି। ଏମାନେ ସୂର୍ଯ୍ୟଙ୍କୁ - ଧର୍ମଦେବତା, ବସୁମାତାଙ୍କୁ - ମୂର୍ତ୍ତିକା ଦେବତା ବୋଲି ପୂଜା କରନ୍ତି । ଏହା ବ୍ୟତୀତ ଏମାନେ କୃଷି କାର୍ଯ୍ୟ ନିମନ୍ତେ ହିନ୍ଦୁ ଦେବଦେବୀଙ୍କୁ ପୂଜା କରୁଥିବାର ଏବେ ଲକ୍ଷ୍ୟ କରାଯାଉଛି। ଦୂର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା , ସରସ୍ୱତୀ ପୂଜା ଇତ୍ୟାଦି ପର୍ବ ପାଳନ କରି ଧର୍ମ ଧାରଣାକୁ ଦୃଢ଼ କରିଥାନ୍ତି। କୃଷିଭିତ୍ତିକ ପର୍ବପର୍ବାଣି ମଧ୍ୟରେ ହିନ୍ଦୁପର୍ବ ଯଥା: ଅକ୍ଷୟ ତୃତୀୟା, ରଜପର୍ବ, ଗର୍ଭଣା ସଂକ୍ରାନ୍ତି ଇତ୍ୟାଦି ପାଳନ କରିଥାନ୍ତି। ନୂତନ ବସତି ସ୍ଥାପନ କରିବା ପୂର୍ବରୁ ଏମାନେ ସ୍ଥାନଟି ବାସଯୋଗ୍ୟ କି ନୁହେଁ ନାନା ପ୍ରକାର ମନ୍ତ୍ର ଓ ପୂଜା କରି ଜାଣି ପାରନ୍ତି। କେହି ଅସୁସ୍ଥ ହେଲେ ପୂର୍ବ ପୁରୁଷଙ୍କ ପ୍ରେତକୁ ଏମାନେ ଦାୟୀ କରିଥାନ୍ତି ଓ ଡ଼ାହାଣିମାନଙ୍କ କୁଦୃଷ୍ଟି ପ୍ରତି ଏମାନେ ଖୁବ୍ ସଚେତନ।



## ବେଶ ପୋଷାକ ଓ କଳାନୁରକ୍ତି :

ଏମାନଙ୍କର ପୋଷାକ ପତ୍ର ଖୁବ୍ ସାଧାରଣ । କାର୍ଯ୍ୟ କ୍ଷେତ୍ରକୁ ଯିବା ସମୟରେ ଏମାନେ ଛୋଟ ଲୁଗା ବ୍ୟବହାର କରନ୍ତି । ସ୍ତ୍ରୀମାନେ ଅଳଙ୍କାର ପ୍ରିୟ। ବିଭିନ୍ନ ଅଳଙ୍କାର ମଧ୍ୟରେ ବେର, କଙ୍କଣ, ମୁଦି ,ଖାଡୁ, ପାହୁଡ଼, ମଢ଼ ଇତ୍ୟାଦି ପରିଧାନ କିରବା ବ୍ୟତୀତ କେତେକ ଶରୀରରେ ଚିତା କୁଟାଇଥିବାର ମଧ୍ୟ ଲକ୍ଷ୍ୟ କରାଯାଏ।





ପ୍ରତ୍ୟେକ ପର୍ବ ସମୟରେ କାନ୍ଥକୁ ପରିଷ୍କାର ଭାବେ ଲିପାପୋଛା କରି ତା ଉପରେ ଝୋଟିଚିତ୍ର କରନ୍ତି । ଏଇଥିରୁ ସେମାନଙ୍କର କଳା - ପ୍ରତିଭା ଜଣାପଡ଼ିଥାଏ । ଚିତ୍ରକୁ ଏମାନେ 'ଝଂଜରା' ବୋଲି କହିଥାନ୍ତି ।

## ଚିତ୍ରାଙ୍କନ ବିଧି :

ପ୍ରତ୍ୟେକ ପର୍ବ ସମୟରେ ଚିତ୍ର କରିବା ଆରମ୍ଭ ପୂର୍ବରୁ ଶୁଦ୍ଧ ଓ ପବିତ୍ର ମନୋଭାବ ନେଇ ସେମାନେ କାର୍ଯ୍ୟ କରନ୍ତି । ପୂଜା ସରିଗଲେ ପୁନଶ୍ଚ କୁମାରପୂର୍ଣ୍ଣମୀ ବେଳକୁ ତାହାକୁ ଲିଭାଇ ଦେଇ ସଂଗେ ସଂଗେ ନୂଆଚିତ୍ର କରନ୍ତି । ଏହିପରି ପ୍ରତ୍ୟେକ ପର୍ବ ପର୍ବାଣି ବେଳକୁ ଘରଦ୍ୱାରା ଲିପାପୋଛା ହୁଏ ଓ ଚିତ୍ରକାର୍ଯ୍ୟ କରି ଆରାଧ୍ୟ ଦେବଦେବୀଙ୍କୁ ଆବାହନ କରି ମନକାମନା ପୂର୍ଣ୍ଣ ହେବା ପାଇଁ ନିବେଦନ କରନ୍ତି ।



## ଚିତ୍ରର ବିଷୟ ବସ୍ତୁ

ବର୍ଷର ବିଭିନ୍ନ ସମୟରେ ଯେଉଁ କାନ୍ଥ ଚିତ୍ର ସେମାନେ ଅଙ୍କନ କରନ୍ତି, ସେ ଚିତ୍ରଗୁଡ଼ିକ ମୁଖ୍ୟତଃ ଦୁର୍ଗା ସରସ୍ୱତୀ, ଲକ୍ଷ୍ମୀ, ଜଗନ୍ନାଥ ଇତ୍ୟାଦି ଚିତ୍ର କରିବା ସଂଗେ ସଂଗେ କୃଷିକର୍ମ ଭିତ୍ତିକ ଆହୁରି ଅନେକ ଚିତ୍ର ମଧ୍ୟ କରିଥାନ୍ତି ।

ଅକ୍ଷୟ ତୃତୀୟା ସମୟରେ ଗୃହପାଳିତ ପଶୁପକ୍ଷୀ, କୃଷି ଉପକରଣ ଏବଂ ଗଛଲତା ଇତ୍ୟାଦିର ଚିତ୍ର କରନ୍ତି । ଏମାନେ କୌଣସି ଅର୍ଥହୀନ ନକ୍ସା ଦ୍ୱାରା କାନ୍ଥକୁ

ସଜାଇବାର ଦେଖାଯାଏ ନାହିଁ । ମାତ୍ର ଏମାନଙ୍କ ଚିତ୍ରଗୁଡ଼ିକ ଲକ୍ଷ୍ୟ କଲେ ଜଣାପଡ଼େ ଯେ, ଏମାନେ କୃଷିକର୍ମ ପାଇଁ ଯେମିତି ସର୍ବଦା ସଚେତନ । କୃଷିର ଉନ୍ନତି ପାଇଁ କାନ୍ଥରେ ଗାଈ, ବଳଦ, କୁକୁଡ଼ା, ଛେଳି, ମୟୁର, ଶୁଆ ଇତ୍ୟାଦି ସହିତ ଧାନଗଛ, ଗାଇଗଛ (ଏକ ପ୍ରକାର ଜଂଗଲି ଫଳଗଛ) ମାଖନ, (ବୋଇତାଳୁ) ଗଛର ଚିତ୍ର ଅଙ୍କିତ ହୋଇଥାଏ । ଏହାଛଡ଼ା ମଣିଷ ମାନେ ହଳ କରୁଥିବା ଦୃଶ୍ୟ, ଧାନବୁଣୁଥିବାର ଦୃଶ୍ୟ, ଧାନକଟା ଓ ଧାନ କଳେଇ ବୋହୁଥିବାର ଚିତ୍ର କରିଥାନ୍ତି ।



ଏସବୁ ଚିତ୍ର କରିବାର ଉଦ୍ଦେଶ୍ୟ ହେଉଛି ଦେବଦେବୀମାନେ ସନ୍ତୁଷ୍ଟ ହୋଇ ବର ଦେଲେ ଏହିପରି କୃଷିର ଉନ୍ନତି ହେବ , ଦେହ ସୁସ୍ଥ ରହିବ ଏବଂ ଘରେ ଏହିପରି ଚିତ୍ର ଦେଖିଲେ ଘର ସୁନ୍ଦର ଦିଶିବା ସଂଗେ ସଂଗେ ମନ ମଧ ପ୍ରଫୁଲ୍ଲ ରହିବ । ଏସବୁ ଦ୍ୱାରା ମନୁଷ୍ୟ ଦୁଃଖ କଷ୍ଟ ଭୁଲି ଯିବ ଓ ତାର ଜୀବନ ସାର୍ଥକ ହେବ ସମସ୍ତେ ସୁଖରେ ବାସ କରିବେ ।

ଚିତ୍ର କରିବା ପୂର୍ବରୁ ଏମାନେ ଦେବଦେବୀ ପୂଜା ଓ ପ୍ରାର୍ଥନା କରି କାନ୍ଥରେ ଚିତ୍ର କରିବା ଆରମ୍ଭ କରନ୍ତି । ଚିତ୍ର କରିବା ସେମାନଙ୍କର ଏକ ଧର୍ମୀୟ ଆଚରଣ ଓ ବଳିଷ୍ଠ ପରମ୍ପରା ବୋଲି ମନେକରନ୍ତି । କାନ୍ଥରେ ଚିତ୍ର କରି ଯେ କୌଣସି ଶୁଭ କାର୍ଯ୍ୟ ଆରମ୍ଭ କଲେ ତାହା ମଙ୍ଗଳ କାରକ ହୁଏ ।



କେତେକ ପୁରୁଖା ଲୋକଙ୍କଠାରୁ ଶୁଣିବାକୁ ମିଳେ ଯେ , ପୂର୍ବ ପୁରୁଷଙ୍କ ନିୟମ ଅନୁସାରେ ଏହି ଚିତ୍ର ହେଉଛି । ଚିତ୍ର ନକରି ଚାଷ କାର୍ଯ୍ୟ ଆରମ୍ଭ କଲେ ଭଲ ଫସଲ ହୁଏ ନାହିଁ ବୋଲି ଏମାନଙ୍କର ଧାରଣା । ମୋଟ ଉପରେ ଏହି ଜନଜାତି କୃଷି କର୍ମକୁ ହିଁ ଜୀବନର ସର୍ବୋତ୍ତମ କାର୍ଯ୍ୟ ବୋଲି ବିବେଚନା କରନ୍ତି ଓ ଏମାନଙ୍କ ପରି କୃଷି କାର୍ଯ୍ୟର ପ୍ରତ୍ୟେକ ପ୍ରାରମ୍ଭିକ ପ୍ରର୍ଯ୍ୟାୟକୁ ଏକ ଶୁଭ ଅନୁଷ୍ଠାନ ରୂପେ ପବିତ୍ର ମନରେ ପାଳନ କରିବା ଅନ୍ୟତ୍ର ଦେଖାଯାଏ ନାହିଁ ।

ଲକ୍ଷ୍ମୀପୂଜା ସମୟରେ ଲକ୍ଷ୍ମୀପାଦ, କଳସ, ପଦ୍ମଫୁଲ, ଇତ୍ୟାଦି ଚିତ୍ର କରି କଳସ ଉପରେ ଆମ୍ବପତ୍ର ଏବଂ ନଡ଼ିଆ ସ୍ଥାପନ କରିବାର ଚିତ୍ର

ମଧ କରି ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ । କାଳୀପୂଜା ସମୟରେ କେବଳ ବିଭିନ୍ନ ପ୍ରକାର ଗଛଲତା ଓ ଡାଳର ଚିତ୍ର ହୋଇଥିବାର ଦେଖାଯାଏ ।

ଦେବୀଓଷା ସମଗ୍ର ଜାତିର ମୁଖ୍ୟ ପର୍ବ ରୂପେ ପାଳନ କରାଯାଏ । ଏହି ସମୟରେ କାନ୍ଥରେ ବିଭିନ୍ନ ପ୍ରକାର ପକ୍ଷୀ, ଗଛ , ଲତା ସହିତ ଦେବୀଙ୍କର ପ୍ରତିମା ଅଂକନ କରି ସୁନ୍ଦର ଭାବେ ସଜାଇ ଥାନ୍ତି । ସେମାନଙ୍କର ବିଶ୍ୱାସ ଦେବୀଙ୍କି ଯିଏ ଯେତେପ୍ରକାର ସୁନ୍ଦର କରି ଚିତ୍ରରେ ସଜାଇ ପାରିଲା , ଘର ବାଡ଼ିରେ ତାର ଫସଲ ସେତେ ପରିମାଣରେ ଆମଦାନୀ ହେବ । ଫସଲର ରକ୍ଷାକର୍ତ୍ତ୍ରୀ ହେଲେ ନିଜେ ଦେବୀ । ଦେବୀଙ୍କ ପାଇଁ ଉପରେ ଚାନ୍ଦୁଆ ଚିତ୍ର ମଧ ହୁଏ । ଦେବୀପୂଜା ସମୟରେ ପୂଜିତ ମାଟିର କଳସ ଉପରେ ମଧ ଆକର୍ଷଣୀୟ ଚିତ୍ର କରାଯାଇଥାଏ ।

ରଂଗ ପ୍ରୟୋଗ

ଚିତ୍ର କରିବା ପାଇଁ ଏମାନେ ପ୍ରାୟ ଚାଉଳ ଚୂନା ପିଠଉ ଇତ୍ୟାଦି ବ୍ୟବହାର କରନ୍ତି ନାହିଁ । ଧଳା ରଙ୍ଗ ପାଇଁ ଏମାନେ ଏକ ପ୍ରକାର ଧଳାମାଟି ବ୍ୟବହାର କରନ୍ତି । କାନ୍ଥ ଲିପିବା ପାଇଁ ନାଲି ମାଟିରୁ ନାଲି ରଙ୍ଗ (Red oxide ) ପ୍ରସ୍ତୁତ କରିଥାନ୍ତି । ଖୁବ୍ କମ୍ ଭାବରେ ଚାଉଳ ଚୂନାର ବ୍ୟବହାର ଦେଖାଯାଏ । ଗାଢ଼ ସବୁଜ ବର୍ଣ୍ଣ କରିବାକୁ ଏମାନେ ଅସନ ଗଛର ଛାଲିକୁ ପେଷି ବତୁରାଇ ସେଥିରେ ଅଳ୍ପ କାଇମାଟି ମିଶାଇଥାନ୍ତି । ଏହି ରଂଗ କାନ୍ଥରେ ଲିପାଯାଇ ଥିବାର ଦେଖାଯାଏ ।

ଚିତ୍ରରେ ବଳିଷ୍ଠ ତଥା ସାବଳୀଳ ରେଖାର ପ୍ରତିଫଳନ ନଥିଲେ ମଧ ଏହା ଏକ ଆଦିବାସୀ ଲୋକକଳାର ଅନ୍ତର୍ଗତ ହୋଇଥିବାରୁ ଉକ୍ତ ଚିତ୍ରର ଭାବ ସଂଯୋଜନା ଓ କଳାତ୍ମକ ଦୃଷ୍ଟିରେ ସ୍ୱତନ୍ତ୍ରଭାବେ ବିଚାର କରା ଯାଇପାରେ । କାରଣ ଉକ୍ତ ଚିତ୍ରକଳା ସେମାନଙ୍କର ସାମାଜିକ ଅନୁଷ୍ଠାନ ସ୍ୱୀକୃତ । ସେମାନେ ଚିତ୍ରକଳାକୁ ସବୁ ସମୟରେ ନୂତନ ତଥା ବିଶୁଦ୍ଧ ପ୍ରତୀକ ରୂପରେ ଦେଖିବାକୁ ଚାହାଁନ୍ତି ଓ ଏହାଦ୍ୱାରା ସେମାନେ ସାମୁହିକ ଭାବେ ମାନସିକ ଗ୍ଲାନିର ଅପନୋଦନ ନିମନ୍ତେ ଖୋରାକ ପାଇଥାନ୍ତି ।



## ସପ୍ତମ ଅଧ୍ୟାୟ

# ଜୁଆଙ୍ଗ ଚିତ୍ରକଳା



### ସଂକ୍ଷିପ୍ତ ପରିଚୟ

ଭାରତର ପୂର୍ବାଞ୍ଚଳସ୍ଥ ପ୍ରାଚୀନତମ ଜାତିରୂପେ ଜୁଆଙ୍ଗ ଜନଜାତି ପ୍ରସିଦ୍ଧ । ଏହି ଜନଜାତିର ଉତ୍ପତ୍ତି ଓ ପରମ୍ପରା ସମ୍ପର୍କରେ କୌଣସି ପ୍ରମାଣ ନଥିଲେ ମଧ୍ୟ ପୁରାଣ ଯୁଗରେ ଗୋନାସିକା ପର୍ବତରୁ ଏମାନେ ଜାତ ବୋଲି କିମ୍ବଦନ୍ତୀ ଅଛି । ପୁରାଣରେଏମାନଙ୍କୁ "ପର୍ଣ୍ଣଶବର" ବୋଲି ବର୍ଣ୍ଣନ କରାଯାଇଛି । ଏମାନେ ମୁଣ୍ଡାରି ଭାଷାପରିବାର ଅନ୍ତର୍ଗତ । ଏମାନେ ମୁଖ୍ୟତଃ କେନ୍ଦୁଝର ଓ ଢ଼େଙ୍କାନାଳ ଜିଲ୍ଲାରେ ବାସ କରି ଆସୁଛନ୍ତି ।

### ଜନ ବସତି

୨୦୦୧ ମସିହା ଜନଗଣନା ଅନୁଯାୟୀ ଏମାନଙ୍କ ସଂଖ୍ୟା ୩୦,୮୭୫ ଅଟେ । ଏମାନେ ପାହାଡ଼ର ପାଦଦେଶରେ ଛୋଟ ଛୋଟ ଗ୍ରାମରେ ବାସ କରନ୍ତି । ଭୂତ ପ୍ରେତ ଭୟରେ ଘରଗୁଡ଼ିକରେ ଏମାନେ ଝରକା ରଖନ୍ତି ନାହିଁ । ଘର ଭିତରେ ରୋଷେଇ ଘର, ଭଣ୍ଡାର ଘର ଓ ଶୋଇବା ଘର ଏହିପରି ତିନୋଟି କୋଠରୀ ଥାଏ । ରୋଷେଇ ଘରେ ପିତୃ ପୁରୁଷମାନେ ରହନ୍ତି ବୋଲି ଏମାନଙ୍କର ବିଶ୍ୱାସ କରନ୍ତି ।



ଜୁଆଙ୍ଗ ମାନଙ୍କର ମୁଖ୍ୟ ହେଉଛି ଗାଁର ପ୍ରଧାନ । ପ୍ରଧାନଙ୍କ ଉପରେ ଗାଁର ହାନିଲାଭ, ଭଲମନ୍ଦ, ନ୍ୟାୟ ନିଷାପ ଇତ୍ୟାଦି ଦାୟିତ୍ୱ ନ୍ୟସ୍ତଥାଏ । ଗୋତ୍ର ବା କୁଳର ପ୍ରତୀକ ସ୍ୱରୂପ ଏମାନେ ବିଭିନ୍ନ ପଶୁ, ପକ୍ଷୀ ଓ ଜଡ଼ବସ୍ତୁକୁ ପୂଜା କରିଥାନ୍ତି ।

### ସାମାଜିକ ଜୀବନ ଯାପନ ପ୍ରଣାଳୀ

ଏମାନେ ସ୍ୱଭାବତଃ ଧର୍ମଭୀରୁ ।ଜୀବନଚକ୍ରର ଦୈନନ୍ଦିନ ଧର୍ମ ନୈତିକ କ୍ରିୟା କଳାପ ସହିତ ଏମାନଙ୍କ ସମାଜରେ କଳାତ୍ମକ ସୃଷ୍ଟିରେ ମଧ୍ୟ ବଳିଷ୍ଠ ଚିନ୍ତାଧାରା ପରିଲକ୍ଷିତ ହୋଇଥାଏ । ପ୍ରତ୍ୟେକ ଗ୍ରାମରେ 'ବାଳକମାନଙ୍କ ପାଇଁ 'ମଜାଙ୍ଗ' ବା ମଣ୍ଡଘର ଥାଏ ଓ





ବାଳିକା ମାନଙ୍କ ପାଇଁ 'ସେଲାଙ୍ଗ ବାସା' ନିର୍ମିତ ହୋଇଥାଏ । ଏହି ମଜାଙ୍ଗ ଗୃହର ମଝିରେ ସର୍ବଦା ଧୂନି ଜଳୁଥାଏ ଏବଂ ଅବିବାହିତ ଯୁବକମାନେ ଏହାର ଚାରିପଟେ ଶୟନ କରନ୍ତି । ପ୍ରତ୍ୟେହ ସଂଧ୍ୟାରେ ଚାଙ୍ଗୁ ବଜାଇ ନୃତ୍ୟ ଗୀତର ଆଖଡ଼ା ହୁଏ । ଏଠାରେ ଅତିଥିଙ୍କୁ ସ୍ୱାଗତ କରାଯାଏ, ଶସ୍ୟାଦି ସଞ୍ଚିତ ହୋଇ ରହେ ଏବଂ କୌଣସି ସାମୁହିକ ଆଲୋଚନାଚକ୍ର ମଧ ଏଠାରେ ଅନୁଷ୍ଠିତ ହୋଇଥାଏ ।



ଜୀବନଧାରଣ ପାଇଁ ଏମାନେ କୃଷି ସହିତ ବନ୍ୟଜନ୍ତୁ ଶିକାର, ପଶୁପାଳନ, ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି । ପୂର୍ବେ ଏମାନେ ପୋଡୁଚାଷ କରୁଥିଲେ ଓ ବହୁଳ ପରିମାଣରେ ମକା, ରାଶି, ଯବ, ଇତ୍ୟାଦି ଅମଳ କରୁଥିଲେ ।




## ଧର୍ମଧାରଣ ଓ କଳା ସଂସ୍କୃତି

ଜୁଆଙ୍ଗ ଗ୍ରାମ ମଝିରେ ଗ୍ରାମଦେବତୀଙ୍କ ଆସ୍ଥାନ ଥାଏ । ପର୍ବପର୍ବାଣିରେ ଗ୍ରାମଦେବତୀଙ୍କ ନିକଟରେ ବଳି ଓ ପୂଜା ଦିଆଯାଏ । ପର୍ବପର୍ବାଣି ମଧ୍ୟରେ ଆମ୍ବ ନୂଆଖିଆ, ଧାନ ନୂଆଖିଆ, ମାଘ ପରବ ପ୍ରଧାନ । ବଣ ଜଂଗଲରେ ବାସ କରୁଥିବାରୁ ଓ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରୁଥିବାରୁ ରକ୍ଷା ଉଦ୍ଦେଶ୍ୟରେ ଏମାନେ ବନ ଦେବୀଙ୍କୁ ମଧ୍ୟ ପୂଜା କରନ୍ତି ।




ଜୁଆଙ୍ଗମାନଙ୍କର ବେଶ ପୋଷାକ ସାଧାରଣ ହେଲେ ମଧ୍ୟ ଜୁଆଙ୍ଗ ସ୍ତ୍ରୀ ଲୋକମାନେ ସାଧାରଣତଃ ଖୁବ୍ ଅଳଙ୍କାର ପ୍ରିୟ । ଏମାନେ ମସ୍ତକରେ ଗୋଜିକାଠି, ଚଉଁରୀ ମୁଣ୍ଡ, ନାକରେ ନୁତୁକ କାନରେ କାନଫାଶ ଓ ବେକରେ ବିଭିନ୍ନ ପ୍ରକାର ମାଳି ପିନ୍ଧିଥାନ୍ତି । ପୁରୁଷ ଓ ସ୍ତ୍ରୀ ଉଭୟେ କାନ ଫୋଡ଼ି ଥାନ୍ତି । ଅଳଙ୍କାର ମଧ୍ୟରେ ସୂକ୍ଷ୍ମ ନମୁନାମାନ ଦେଖିବାକୁ ମିଳେ ।

ଯେ କୌଣସି ପାରମ୍ପରିକ ଅନୁଷ୍ଠାନକୁ ନୃତ୍ୟ ଓ ସଂଗୀତର ତାଳେ ତାଳେ ମୁଖରିତ କରିବା ଏକ କଳା । ପୂର୍ବେ ଏମାନେ ଚାଙ୍ଗୁନୃତ୍ୟ, ହରିଣ ନୃତ୍ୟ, ହସ୍ତୀନୃତ୍ୟ, ମୟୁର ନୃତ୍ୟ, ଭାଲୁ ନୃତ୍ୟ ଇତ୍ୟାଦି ଅଭିନୟ କରିବା ସଂଗେ ସଂଗେ ନାନା ରଂଗ ବେରଙ୍ଗର ପୋଷାକ ଓ ଚିତ୍ରିତ ମୁଖାପିନ୍ଧି ନିଜ ନିଜ ଶରୀରକୁ ସଜାଇ ଅନ୍ୟଙ୍କୁ ମୁଗ୍ଧ କରିଥିଲେ ।



ଏସବୁ ବ୍ୟତୀତ ଦୈନନ୍ଦିନ ବ୍ୟବହାର୍ଯ୍ୟ ଦ୍ରବ୍ୟରେ ବିଭିନ୍ନ କଳା ଓ କାରିଗରୀ କୌଶଳ ନମୁନା ଦେଖିବାକୁ ମିଳିଥାଏ । କୌଣସି ଦ୍ରବ୍ୟକୁ ପ୍ରସ୍ତୁତ କଲାବେଳେ ସେଥିରେ ଛୁଞ୍ଚରେ ରୂପରେଖ ଦେବାକୁ ଭୁଲନ୍ତି ନାହିଁ । ଅନ୍ୟାନ୍ୟ ଆଦିବାସୀଙ୍କ ତୁଳନାରେ ଏମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଶିଳ୍ପକଳାର ପରାକାଷ୍ଠା ଅଧିକ ଦୃଷ୍ଟିଗୋଚର ହୋଇଥାଏ । ଏମାନେ

ସାଧାରଣତଃ ସାମାଜିକ ପ୍ରଥାନୁଯାୟୀ କଳାକୁ ଜୀବନଯାତ୍ରାର ଏକ ଅଙ୍ଗ ହିସାବରେ ଗ୍ରହଣ କରିନେଇଥାନ୍ତି ।



## ଶିଳ୍ପକଳା ଓ ଚିତ୍ରକଳା

ପୂର୍ବରୁ ଆଲୋଚିତ ଅନ୍ୟାନ୍ୟ ଆଦିବାସୀମାନଙ୍କର ଚିତ୍ରକଳା ସମ୍ପର୍କରେ କୁଆଙ୍ଗମାନଙ୍କର ଚିତ୍ରକଳାକୁ ତୁଳନା କଲେ ହୁଏତ ଆମେ ହତାଶ ହେବା । କିନ୍ତୁ କୁଆଙ୍ଗମାନଙ୍କର ଚିତ୍ରକଳା କାନ୍ଥରେ ସମଧିକ ପରିମାଣରେ ଦୃଷ୍ଟିଗୋଚର ନହେଲେ ମଧ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ମଧ୍ୟରେ ସୀମିତ ହୋଇ ରହି ଯାଇଥିବାର ଦେଖାଯାଏ । ସେମାନଙ୍କର ଘର କାନ୍ଥରେ ଝୋଟିଚିତ୍ରକଳା ପ୍ରାୟ ଖୁବ୍ କମ୍ ଦେଖାଯାଏ । ଝୋଟି ଚିତ୍ରକଳାର ମୌଳିକଧାରା ରୂପେ ବିବେଚନା କରିଥାନ୍ତି ଓ ବିଭିନ୍ନ ଦ୍ରବ୍ୟରେ ତାହାକୁ ପରିସ୍ଫୁଟ କରିଥାନ୍ତି ।

ବିଶେଷ କରି ଏକ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ମଧ୍ୟରେ ପାନିଆ କଥା ନିଆଯାଉ । ମୁଣ୍ଡ ବାଳକୁ ଯତ୍ନର ସହିତ କୁଣ୍ଡାଇବା ପାଇଁ ସେମାନେ ଯେଉଁ ପାନିଆ ବ୍ୟବହାର କରନ୍ତି ସେଗୁଡ଼ିକ ସ୍ୱତନ୍ତ୍ର ରୂପରେ ତିଆରି ହୋଇଥାଏ ଓ ଏହାର ଗଠନ ରୀତି ଅତ୍ୟନ୍ତ ଲୋଭନୀୟ । ବାଉଁଶ ବା କାଠରେ ନିର୍ମିତ ଏହି ପାନିଆଗୁଡ଼ିକର ଉପଯୋଗିତା ଖୁବ୍



ସୌଖୀନ ହୋଇଥାଏ । ଏଥିରେ ନାନା ପ୍ରକାର କ୍ଷୁଦ୍ର ଚିତ୍ର (Minature) ଅଙ୍କିତ ହୋଇଥାଏ । ଡ଼ାଳି, ଲତା, ଛକି, ଠିକିରି, ମନୁଷ୍ୟ, ପଶୁ, ପକ୍ଷୀ ଇତ୍ୟାଦିର ରେଖାଚିତ୍ର ଲୁହାର ଡାମ୍ପଣ ଦ୍ୱାରା ଅଙ୍କା ହୋଇ ସୁନ୍ଦର ଦିଶେ । ଏପରି ଚିତ୍ରକାର୍ଯ୍ୟ ଖୁବ୍ ଦାୟିତ୍ୱପୂର୍ଣ୍ଣ ଓ ଶିଳ୍ପୀର ଅଭ୍ୟସ୍ତ ହସ୍ତ ବିନା କରିବା ସମ୍ଭବ ନୁହେଁ । ସୂକ୍ଷ୍ମଖୋଦନ କଳାପ୍ରବୀଣ ଏହି ଜୁଆଙ୍ଗ ଜନଜାତିଙ୍କର କଳାଶୈଳୀ ପ୍ରାଚୀନ ପରମ୍ପରାକୁ ଏଯାବତ୍ ବଞ୍ଚାଇ ରଖି ପାରିଛି । ସେହିପରି ବାଉଁଶ ନିର୍ମିତ ଏକ ବାଦ୍ୟଯନ୍ତ୍ର 'ବଂଶୀ' ଉପରେ ମଧ୍ୟ ସୂକ୍ଷ୍ମଖୋଦନ କଳା ଦୃଷ୍ଟି ଗୋଚର ହୋଇଥାଏ । ବାସ୍ତବରେ ସେମାନଙ୍କର ଏପରି ସୂକ୍ଷ୍ମ ଖୋଦନ କଳାକୁ ପ୍ରଶଂସା ନକରି ରହିହୁଏ ନାହିଁ ।





କ୍ଷୁଦ୍ର ନାସଦାନୀରେ ମଧ୍ୟ ଅନୁରୂପ ଚିତ୍ରକଳା ଖୋଦିତ ହୋଇଥାଏ । ଜୁଆଙ୍ଗମାନେ ଏହି ଚିତ୍ରିତ ନାସଦାନୀକୁ ସବୁବେଳେ ପାଖେ ପାଖେ ରଖିବାକୁ ପସନ୍ଦ କରିଥାନ୍ତି । ଏପରି ଚିତ୍ରକଳା ମଧ୍ୟ ଲାଉଡ଼ଙ୍କି , ଲାଉମାଣ ଉପରେ ଦେଖିବାକୁ ମିଳେ ।

ଏମାନଙ୍କର କାଷ୍ଠଖୋଦେଇ କଳାରେ ଯେଉଁ ଜ୍ୟାମିତିକ ନମୁନାମାନ ପରିଲକ୍ଷିତ ହୁଏ, ତାହାର ମୌଳିକ ଭାବଧାରା ପର୍ଯ୍ୟାଲୋଚନା କଲେ ବହୁ ଅଜ୍ଞାତ ତଥ୍ୟ ଜଣାପଡ଼ିଥାଏ । ସେମାନଙ୍କ ମଜାଙ୍ଗ ଘର ଖୁଣ୍ଟର ନକ୍ସା ସାଙ୍କେତିକ ତନ୍ତ୍ରଭାବର ପରିଚୟ ଦେଇଥାଏ । ଏହା ସହିତ ସେମାନଙ୍କର ଆନୁଷ୍ଠାନିକ ପର୍ବପର୍ବାଣିର ମୌଳିକ ତଥ୍ୟ ଏଥିରେ ନିହିତ ଥାଏ ବୋଲି କେତେକଙ୍କର ମତ ।

ଜୁଆଙ୍ଗମାନଙ୍କର କାନ୍ଥରେ ହୋଇଥିବା ଚିତ୍ରକଳା ଖୁବ୍ ବିରଳ । ସାମୟିକ ଭାବେ ଯେଉଁ ଚିତ୍ରକଳା ଦୃଷ୍ଟି ଗୋଚର ହୋଇଥାଏ , ତାହାର ଭୌତିକ ବିଶ୍ଳେଷଣ କରିବା ଆବଶ୍ୟକ ହୁଏ ନାହିଁ । ତାହା ପ୍ରଧାନତଃ ପଶୁ, ପକ୍ଷୀ ଓ ଫୁଲର ଚିତ୍ରକୁ ସମାବେଶ କରି ଅଙ୍କିତ ହୋଇଥାଏ । ଏହା ବିଭିନ୍ନ ପ୍ରକାର ରଂଗମାଟି ଦ୍ୱାରା ପ୍ରସ୍ତୁତ ହୋଇଥାଏ ।

ଏମାନଙ୍କର ଚିତ୍ରକଳାକୁ ପ୍ରଧାନତଃ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇପାରେ । ୧- ପାରମ୍ପରିକ ନକ୍ସା ୨- ପାନିଆ ଗଠନ ଶୈଳୀ, ୩- ଅଙ୍ଗ ଅଳଙ୍କାର , ୪- କାନ୍ଥଚିତ୍ର, ୫- ଅନ୍ୟାନ୍ୟ ବ୍ୟାବହାରିକ ଦ୍ରବ୍ୟଗଠନ ଶୈଳୀରେ ଚିତ୍ର ବିନ୍ୟାସ ।

ସ୍ଥୂଳତଃ କହିବାକୁ ଗଲେ ଜୁଆଙ୍ଗ ପରି ଅନ୍ୟାନ୍ୟ ଆଦିବାସୀମାନଙ୍କର ମୌଳିକ କଳାନୁରାଗ ଆମର ଗ୍ରାମ୍ୟ-ଜୀବନରେ ପ୍ରବେଶ କରି ଲୋକକଳାର ରୂପ ନେଇଛି । ଅତ୍ୟାଧୁନିକ କଳା ଓ ଭାସ୍କର୍ଯ୍ୟରେଆମେ ଯେଉଁ ନୂତନତ୍ୱର ସନ୍ଧାନ ପାଇଥାଉଁ, ତାହାର ମୌଳିକ ଭାବଧାରା ଆଦିମ ଅଧିବାସୀଙ୍କ କଳାରେ ସୁସ୍ପଷ୍ଟ । ସେମାନଙ୍କର କାନ୍ଥ ଚିତା ଓ ନାନାପ୍ରକାର ଶିଳ୍ପ କଳା ଶୈଳୀରେ ଆଦିମ ଯୁଗରେ ସାମାଜିକ ପରିସ୍ଥିତି ଓ ପରମ୍ପରା ମଧ୍ୟରେ ସୀମିତ ଥିବାରୁ ସମ୍ପ୍ରତି ସମାଜରେ ସେଗୁଡ଼ିକର କଳାତ୍ମକ ମୂଲ୍ୟାୟନ କରିବା ଏକ ଗବେଷଣାର ବିଷୟ ହୋଇ ପଡ଼ିଛି ।

## ଅଷ୍ଟମ ଅଧ୍ୟାୟ

# ସାନ୍ତାଳ ଚିତ୍ରକଳା : ଚିଇଥତା

### ସଂକ୍ଷିପ୍ତ ପରିଚୟ :



ସାନ୍ତାଳମାନେ ଓଡ଼ିଶା ଝାରଖଣ୍ଡ ବିହାର ଓ ବଙ୍ଗଳାରେ ବହୁଳ ଭାବରେ ବାସ କରନ୍ତି । ଓଡ଼ିଶାରେ ଏମାନେ ମୟୁରଭଂଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ଅଧିକ ଦେଖାଯାନ୍ତି । ଏମାନେ ଅଷ୍ଟ୍ରିକ୍ ପରିବାରର ମୁଣ୍ଡା ଭାଷାଭାଷୀ ଅଟନ୍ତି । ଏମାନଙ୍କର ଶରୀର ଗଠନ ବଳିଷ୍ଠ, ନାକମୂଳ ଚେପ୍‌ଟା ହୋଇଥାଏ । ଏମାନଙ୍କର ଭାଷା ଦୁଇ ଭାଗରେ ବିଭକ୍ତ ଯଥା - ୧- ଉତ୍ତର ସାନ୍ତାଳୀ, ୨- ଦକ୍ଷିଣ ସାନ୍ତାଳୀ ।

### ଜନବସତି

ସାନ୍ତାଳମାନେ ଛୋଟ ଛୋଟ ଗ୍ରାମରେ ବାସ କରନ୍ତି । ଏମାନଙ୍କର ବାସଗୃହର ନକ୍‌ସା ଓ ପରିପାଟି ଦୂରକୁ ଆକର୍ଷଣୀୟ ହୋଇଥାଏ । ଗ୍ରାମ ରାସ୍ତାର ଉଭୟ ପାର୍ଶ୍ୱରେ ଗୃହଗୁଡ଼ିକ ଧାଡ଼ି ଧାଡ଼ି ହୋଇ ତିଆରି ହୋଇଥାଏ । ଗୃହଗୁଡ଼ିକ ଆୟତନରେ ଲମ୍ବ ହୋଇଥାଏ ଓ କୌଣସି ଗୃହରେ ଝରକା ନଥାଏ । ଗୃହଗୁଡ଼ିକ ବିଭିନ୍ନ ରଂଗ ଓ ମାଟିରେ ଲିପା ଯାଇଥିବାରୁ ଦୂରକୁ ଖୁବ୍ ଚମତ୍କାର ଦିଶେ







### ଜୀବନଯାପନ ପ୍ରଣାଳୀ :



ଜୀବନଧାରଣ ପାଇଁ ଏମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି । ଅବସର ସମୟରେ ସ୍ତ୍ରୀ ଲୋକମାନେ ଜଙ୍ଗଲରୁ ଫଳ ମୂଳ ଇତ୍ୟାଦି ସଂଗ୍ରହ କରନ୍ତି । ଏମାନଙ୍କର ପୁରୋହିତକୁ ଦେହୁରୀ କୁହାଯାଏ । ପ୍ରତ୍ୟେକ ବର୍ଷ ଗ୍ରାମର ଯୁବକମାନେ ଦେହୁରୀଙ୍କ ନେତୃତ୍ୱରେ ଶିକାର କରିବାକୁ ଯାଆନ୍ତି । ଅନେକ କାର୍ଯ୍ୟ ଏମାନେ ଗୋଷ୍ଠୀଗତ ଭାବେ କରିଥାନ୍ତି ।

ଭାତ ଓ ତରକାରୀ ଏମାନଙ୍କର ପ୍ରଧାନ ଖାଦ୍ୟ । ଏମାନେ ପାନୀୟ ରୂପେ ହାଣ୍ଡିଆ ଓ ମହୁଲି ମଦ ବ୍ୟବହାର କରନ୍ତି । ଏମାନଙ୍କ ଜୀବନରେ ମୁଖ୍ୟତଃ ୭ ପ୍ରକାର ବିବାହ ପ୍ରଚଳିତ ଅଛି । ତାଙ୍କ ସମାଜରେ ଛାଡ଼ପତ୍ର ଦେବା ବିଧିମଧ୍ୟ ପ୍ରଚଳିତ ।

ପ୍ରତ୍ୟେକ ସାନ୍ତାଳ ଗ୍ରାମର ଭଲମନ୍ଦ ବୁଝିବାପାଇଁ ଗୋଟି, ପଞ୍ଚାୟତ ଥାଏ । ଏଥିରେ ସାତଜଣ

ସଭ୍ୟଥାନ୍ତି । ଗୋଷ୍ଠୀର ସାମାଜିକ ନିୟମ ଲଙ୍ଘନ କରିଥିବା ବ୍ୟକ୍ତିଙ୍କୁ ଗୋଷ୍ଠୀରୁ ଏକଘରକିଆ କରି ରଖାଯାଏ ।

## ଧର୍ମଧାରଣା ଓ କଳାପ୍ରୀତି :



ଏମାନେ ବଡ଼ ଦେବତା ବିଶ୍ୱାସୀ । ଏମାନଙ୍କ ସୃଷ୍ଟି ସର୍ମ୍ପକରେ ଗୋଟିଏ ଛୋଟ କାହାଣୀ ଅଛି । ସୃଷ୍ଟି ସର୍ଜନା ସମୟରେ ମହାସମୁଦ୍ରରୁ ଗୋଟିଏ ହଂସୀ ଉଡ଼ି ଆସି 'ଅହିର୍ ପିପ୍ରି ' ନାମକ ସ୍ଥାନରେ ଦୁଇଟି ଅଣ୍ଡା ପାରିଲା । ସେଥିରୁ ଗୋଟିଏ ସ୍ତ୍ରୀ ଓ ଅନ୍ୟଟି ପୁରୁଷ ଜନ୍ମନେଲେ । ଏମାନେ 'ପିଲ୍‌ଚୁହାରାମ' ଓ 'ପିଲ୍‌ଚୁ ବୁଢ଼ୀ' ନାମରେ ସଂସାର ତିଆରି କଲେ । ଏହି ଦୁଇଜଣ ସାନ୍ତାଳ ଗୋଷ୍ଠୀର ଆଦିପିତା ରୂପେ ବର୍ଣ୍ଣିତ ।



ଠାକୁର ଅସନ୍ତୁଷ୍ଟ ହେଲେ ସମାଜରେ ନାନା ପ୍ରକାର କ୍ଷତି ଘଟେ ଓ ବିପଦକୁ ଏମାନେ ତାଙ୍କର ଅଭିଶାପ ବୋଲି ଧାରଣା କରନ୍ତି । ଭୂତ ପ୍ରେତଙ୍କୁ ଏମାନେ 'ବୋଙ୍ଗା' ବୋଲି କହନ୍ତି । ଏମାନେ ଶାଳ ଓ ମହୁଲ ଗଛ ଥିବା ଗ୍ରାମରେ ରହିଥାନ୍ତି । ସୀମା ଦେବତାଙ୍କୁ 'ସୀମାବୋଙ୍ଗା' କହନ୍ତି । ଏହି ଦେବତା ଗ୍ରାମ ସୀମାକୁ ଜଗିଥାନ୍ତି । ଏହାଛଡ଼ା ଓରାକ୍‌ବୋଙ୍ଗା, ଆରେକ୍ ବୋଙ୍ଗା ଇତ୍ୟାଦିଙ୍କୁ ବିପଦଆପଦସମୟରେ ବଳି ଓ ଭୋଗ ଦେଇ ସନ୍ତୁଷ୍ଟ କରିଥାନ୍ତି । ସେମାନଙ୍କର କଳାବୋଧ ଗୃହର ସାଜସଜ୍ଜାରୁ ଜଣା ପଡ଼ିଥାଏ । ଘରର କାନ୍ଥ ବାରଣ୍ଡା ଖୁବ୍ ସମତଳ ଢ଼ଙ୍ଗରେ ମାଟି ମଧ୍ୟରେ ଧଳାମାଟି, କାଇମାଟି, ଢ଼ାଉମାଟି, ଘଷିପୋଡ଼ା ଇତ୍ରାଦିରୁ ରଂଗ ବାହର କରି ଖୁବ୍ ସୁନ୍ଦର ଭାବେ ଲିପିଥାନ୍ତି । ଘରର କାନ୍ଥ ଉପର ଓ ତଳ ଭାଗ ଦୁଇଟି ରଂଗରେ ଲିପା ଯାଇଥାଏ ଏବଂ ତାଉପରେ ଖୁବ୍ ସଂକ୍ଷିପ୍ତ ସ୍ଥୁଳଚିତ୍ର ଅଙ୍କିତ ହୋଇଥାଏ । ସବୁ ସମୟରେ ଘରର ବାରଣ୍ଡା ଓ କାନ୍ଥକୁ







ପରିଷ୍କାର କରି ରଖିବା ଏମାନଙ୍କର ଚିରାଚରିତ ସଉକ।

ଏମାନଙ୍କର କଳାନୁରାଗ ଚିତ୍ରକଳାରେ ପରିସ୍ଫୁଟ ନହେଲେ ମଧ ସୌନ୍ଦର୍ଯ୍ୟ କଳାପିପାସୁ ସାନ୍ତାଳମାନଙ୍କର କଳାବୋଧ ବିଭିନ୍ନ ଦିଗରୁ ବିଚାର କରାଯାଇ ପାରେ । ବାହର କାନ୍ଥ ବ୍ୟତୀତ ଭିତର କାନ୍ଥରେ ମଧ ଏମାନେ ଅଙ୍ଗୁଳି ଦ୍ୱାରା ନାନା ପ୍ରକାର ଫୁଲଗଛ , ଲତା ଇତ୍ୟାଦି ଅଂକନ କରିଥାନ୍ତି । ତାହା କୌଣସି ରଂଗରେ ହୋଇ ନଥିଲେ ବି କାନ୍ଥ ଲିପା ସମୟରେ ଯେଉଁ ଓଦା ଅଂଗୁଳିର ଛାପ ଦ୍ୱାରା ସେମାନେ ଆଙ୍କି ଯାଆନ୍ତି ତାହା ଶୁଖିଗଲେ ଖୁବ୍ ସୁନ୍ଦର ଦିଶେ।

ଏମାନଙ୍କର ଚିତ୍ରକଳା ଖବ୍ ସଂକ୍ଷିପ୍ତ ଓ ସହଜ ଢ଼ଙ୍ଗରେ ଅଙ୍କାଯାଇଥାଏ । ମୋଟା କଳାରେଖା ଖୁବ୍ ଅଳ୍ପ ସ୍ଥାନରେ ଟଣାଯାଇ ବିଭିନ୍ନ ରଂଗ ଦ୍ୱାରା ଚିତ୍ର ହୋଇଥାଏ । ଏହା ଝରକାର ଚାରିପାଖ , ଦ୍ୱାରବନ୍ଧ ଉପରେ କିମ୍ବା ସମଗ୍ର କାନ୍ଥରେ ଖୁବ୍ ସୀମିତ ଚିତ୍ରାବଳୀ ଦୃଷ୍ଟି ଗୋଚର ହୋଇଥାଏ ।





# ଅନ୍ୟାନ୍ୟ ଆଦିବାସୀଙ୍କ ଚିତ୍ରକଳା



ଏପର୍ଯ୍ୟନ୍ତ ସାତଗୋଟି ଜନଜାତିଙ୍କ ଚିତ୍ରକଳା ସମ୍ପର୍କରେ ଆଲୋଚନା କରାଗଲା । ଏହିପରି ଆହୁରି ଆଦିବାସୀଙ୍କ ଚିତ୍ରକଳା ଥିଲେ ହେଁ, ସେ ଗୁଡ଼ିକର ଯଥେଷ୍ଟ ପ୍ରମାଣଯୋଗ୍ୟ ବିବରଣୀ ସଂଗୃହୀତ ହୋଇପାରି ନଥିବାରୁ ଏଥିରେ ଦିଆଯାଇ ପାରିନାହିଁ । ସେମାନଙ୍କ ମଧ୍ୟରେ ଗଣ୍ଡ, ହୋ, ମାଙ୍କିଡ଼ିଆ ଓ ବିଂଝାଲ୍ ଚିତ୍ରକଳା ଅନ୍ତର୍ଭୁକ୍ତ । ଏମାନଙ୍କର ଚିତ୍ରକଳାର କେବଳ ନମୁନା ଦିଆଗଲା ।

ଓଡ଼ିଶା ବ୍ୟତୀତ ଭାରତର ଅନ୍ୟାନ୍ୟ ପ୍ରଦେଶରେ ବିଭିନ୍ନ ଆଦିବାସୀ ଗୋଷ୍ଠୀଙ୍କର ମଧ୍ୟ ଚିତ୍ରକଳା ପରମ୍ପରା ଅଛି । ଏଠାରେ କେତୋଟି ଭାରତୀୟ ଜନଜାତିଙ୍କ ଚିତ୍ରକଳା ନମୁନା ଦିଆଯାଇଛି । ଏହାର କାରଣ, ଓଡ଼ିଶାର ଆଦିବାସୀ ଚିତ୍ରକଳା ଓ ଭାରତର ଆଦିବାସୀଙ୍କର ଚିତ୍ରକଳା ସହିତ କି ପ୍ରକାର ତାରତମ୍ୟ ରହିଛି ତା ସହଜରେ ଅନୁମାନ କରିହେବ । କେତୋଟି ଭାରତୀୟ ଜନଜାତିଙ୍କ ଚିତ୍ରକଳାର ସଂକ୍ଷିପ୍ତ ସୂଚନା ସହ ଉଦାହରଣ ଏଠାରେ ଦିଆଗଲା ।

୧.ୱାର୍ଲି ଚିତ୍ରକଳା - ମହାରାଷ୍ଟ୍ର ପ୍ରଦେଶର ୱାର୍ଲି ଅଞ୍ଚଳରେ ଯେଉଁ ଜନଜାତି ବାସ କରନ୍ତି , ସ୍ତ୍ରୀ ପୁରୁଷ ଉଭୟେ ଏହି ଚିତ୍ର କଳାରେ ସିଦ୍ଧହସ୍ତ । ଉକ୍ତ ଚିତ୍ରରେ ସେମାନଙ୍କର କାଳ୍ପନିକ ଭାବ - ସଂଯୋଜନା ଅତିବ ଚମତ୍କାର । ସରୁବାଉଁଶ କାଠିକୁ ପିଠଉ ପାଣିରେ ବୁଡ଼ାଇ ଏମାନେ ଚିତ୍ର କରନ୍ତି । ଏହି ଚିତ୍ରକଳା ସେମାଙ୍କର ଧର୍ମାନୁଷ୍ଠାନିକ ପରମ୍ପରା ଉପରେ ପର୍ଯ୍ୟବେସିତ । ଏମାନଙ୍କ ଚିତ୍ରକଳରେ ସମସ୍ତ ସାମାଜିକ ଚିତ୍ର ପ୍ରତିଫଳନ ଦୃଷ୍ଟି ଗୋଚର ହୋଇଥାଏ । ସଉରା ଚିତ୍ରକଳାର ସର୍ବାଙ୍ଗ -ଭାବ ପରିବେଷଣ ସହିତ ଏହାର ମେଳ ଅଛି । ମାତ୍ର ୱାର୍ଲି ଚିତ୍ରକଳା ର ରେଖା ଭିନ୍ନ ଧରଣର । ସଂପ୍ରତି କେତେକ ଆଦିବାସୀ ଆଧୁନିକ -ପରିବେଶ ସହ ସାମିଲ୍ ହୋଇ ଅଭିନନ୍ଦନ





ପତ୍ରରେ ଏ ପ୍ରକାର ଚିତ୍ର ଆଙ୍କି ବଜାରକୁ ଛାଡ଼ିଲେଣି । ଏପରି ନୂତନ ଆଭିମୁଖ୍ୟର ଜନପ୍ରିୟତା ବୃଦ୍ଧି ହେବାର ଲକ୍ଷ୍ୟ କରାଯାଏ ।

୨.ଡାଙ୍ଗି ଚିତ୍ରକଳା - ଗୁଜୁରାଟର ଧରମପୁର ଅଞ୍ଚଳରେ ଡାଙ୍ଗମାନଙ୍କର ବସ୍ତି । ଏମାନଙ୍କର ଚିତ୍ରକଳାକୁ 'ଡାଙ୍ଗି ଚିତ୍ରକଳା' କୁହାଯାଏ । ଏମାନେ ମହାରାଷ୍ଟ୍ରର ନାସିକ ଜିଲ୍ଲାରେ ମଧ୍ୟ ଦେଖାଯାନ୍ତି । ଏପରି ଚିତ୍ରକଳାଠାରୁ ଏଚିତ୍ରର ଅଂକନରୀତି ସ୍ୱତନ୍ତ୍ର , ଏ ଚିତ୍ରର ନକ୍ସା ଓ ରେଖାଙ୍କ ସ୍ଥୁଳଧର୍ମୀ । ସାମାଜିକ ଘଟଣାବଳୀ ଏ ଚିତ୍ରରେ ପ୍ରତିଫଳନ ହୋଇଥିବାର ଦୃଷ୍ଟି ଗୋଚର ହୁଏ । ମାତ୍ର ୱାର୍ଲି ଚିତ୍ରକଳା ପରି ଏହି ଚିତ୍ର ପ୍ରାଞ୍ଜଳ ନ ହେଲେହେଁ ପ୍ରାଗୈତିହାସିକ ଗୁମ୍ଫା ଚିତ୍ରକଳାର ନିଛକ ଅନୁରୂପ ବୋଲି ଚିତ୍ରରୁ ଜଣାପଡ଼େ ।



୩. ପିଥୋର ଚିତ୍ରକଳା-ଗୁଜୁରାଟ ପଞ୍ଚମହଲ ଓ ବରୋଦା ଜିଲ୍ଲାରେ ରଥ୍ୱାନାମକ ଏକ ଆଦିବାସୀ ଗୋଷ୍ଠୀବାସ କରନ୍ତି। ଏମାନେ ପୁନ୍‌ଜାର , ସାଦରିଆ, ଓହରିଆ ନାମରେ, ବାସିଆ ଇତ୍ୟାଦି ଗୋଷ୍ଠୀରେ ବିଭକ୍ତ। ଏମାନେ ପୂର୍ବପୁରୁଷଙ୍କ ସମ୍ମାନାର୍ଥେ ଚିତ୍ର କରିଥାନ୍ତି । ଏମାନଙ୍କର ଚିତ୍ରକଳାର ଏକ ବିଶେଷତ୍ୱ ଅଛି । ତାହା ହେଉଛି ଅଶ୍ୱପଟୁଆର । ଏହା ସହିତ ସେମାନେ ରାଜକୀୟ ଢ଼ାଞ୍ଚାରେ ଚିତ୍ରଗୁଡ଼ିକ ଆଙ୍କିଥାନ୍ତି। ଚିତ୍ରରେ ଯେଉଁ ବିଷୟଗୁଡ଼ିକ ସଂଯୋଜନା କରିଥାନ୍ତି, ସେଗୁଡ଼ିକର ଭାବାର୍ଥ ସାମାଜିକ ଚେତନା ସମୃଦ୍ଧ ହେଲେ ହେଁ ଦୈବ-ବିଧିର ପରମ୍ପରା ସେଥିରେ ପରିସ୍ଫୁଟ। ଚିତ୍ରଗୁଡ଼ିକ ଆକର୍ଷଣୀୟ ରଂଗ -ଗର୍ଭିତ , ସଂପ୍ରତି ରାସାୟନିକ - ପ୍ରସୂତ ଉଜ୍ଜ୍ୱଳ ରଂଗ ମଧ୍ୟ ସେମାନେ ବ୍ୟବହାର କରିବାର ଦେଖାଯାଏ। ଏହି ଚିତ୍ରଗୁଡ଼ିକ ଖୁବ୍ ପ୍ରଶସ୍ତ କାନ୍ଥରେ ଚିତ୍ରିତ ହୋଇଥିବାର ଦେଖାଯାଏ।

ଏମାନଙ୍କର ନିର୍ଦ୍ଦିଷ୍ଟ ଚିତ୍ରକର ନଥାନ୍ତି । ଏହି ଚିତ୍ର ପ୍ରତିଷ୍ଠା ସମୟରେ ଛାଗଳ- ବଳିଦ୍ୱାରା ଦେବତାଙ୍କୁ ସନ୍ତୁଷ୍ଟ କରାଯାଏ।





